୭୯ତମ
ସ୍ୱାଧୀନତା ଦିବସ ଅବସରରେ
'ସକାଳ' ପରିବାର ତରଫରୁ
ହାର୍ଦ୍ଦିକ ଶୁଭେଚ୍ଛା ।

ସ୍ୱାଧୀନତା ଦିବସ ଉପଲକ୍ଷେ
୧୫ ତାରିଖ 'ସକାଳ'
କାର୍ଯ୍ୟାଳୟ ଛୁଟି ରହୁଥିବାରୁ
ପରବର୍ତ୍ତୀ ସଂସ୍କରଣ
୧୭ ତାରିଖ (ରବିବାର)
ପ୍ରକାଶ ପାଇବ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

୭୯ ତମ ସ୍ୱାଧୀନତା ଦିବସ

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | •VOLUME- 43 •ISSUE-52 •FRIDAY •15 AUGUST 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୫୨ •ଶୁକ୍ରବାର •୧୫ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

DADLS-41

ଓଡ଼ିଶା ସରକାର

# ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା



## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷରୁ ୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ ହଜାରରୁ** ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୬୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୬୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୬୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0954/2526

## 'ଭୋଟ୍ ଚୋରି' ପ୍ରସଙ୍ଗକୁ ଜୋରଦାର୍ କଲା କଂଗ୍ରେସ

# ରାଜ୍ୟବ୍ୟାପୀ ପ୍ରତିବାଦ, ମଶାଲ ଶୋଭାଯାତ୍ରା




ଭୁବନେଶ୍ୱର, ୧୪।୮ (ସମିସ): ଦେଶରେ ଭୋଟ ଚୋରି ଅଭିଯୋଗର ପ୍ରତିବାଦରେ ରାଜ୍ୟ କଂଗ୍ରେସ ଆଜି ମଶାଲ ଶୋଭାଯାତ୍ରା କରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବା ସହ ଉଭୟ ନିର୍ବାଚନ ଆୟୋଗ ଓ ବିଜେପି ଉପରେ ନେତାମାନେ ବର୍ଷିଛନ୍ତି।

କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ୭ ତାରିଖ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟ୍ ଚୋରି ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ କରିଥିଲେ। ନିର୍ବାଚନ ଆୟୋଗଙ୍କ ସହଯୋଗରେ ଭୋଟର୍ କାର୍ଡରେ ବ୍ୟାପକ ହେରଫେର୍ ଓ ଜାଲିଆତି କରି 'ଭୋଟ୍ ଚୋରି' ଜରିଆରେ ବିଜେପି କିପରି ଏକାଧିକ ନିର୍ବାଚନ ଜିଣିଛି, ତାହା ରାହୁଲ ବର୍ଣ୍ଣନା କରିଥିଲେ। ଏହା ପରଠାରୁ ଦେଶବ୍ୟାପୀ ଏହି ପ୍ରସଙ୍ଗ ଆଲୋଡ଼ନ ସୃଷ୍ଟି କରିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀର ସ୍କ୍ରିନିଂ ଗତ ୯ ଓ ୧୧ ତାରିଖରେ ଯଥାକ୍ରମେ ରାଜ୍ୟ ଓ ଜିଲ୍ଲାସ୍ତରରେ କଂଗ୍ରେସ ପକ୍ଷରୁ କରାଯାଇଥିଲା। ଏହି ପ୍ରସଙ୍ଗକୁ ଆହୁରି ଆଗକୁ ନେବା ପାଇଁ କଂଗ୍ରେସ ଦଳ ମଶାଲ ଶୋଭାଯାତ୍ରା ଆୟୋଜନ କରିଛି।

ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଭୋଟ୍ ଚୋରି ଦ୍ୱାରା ଗଣତନ୍ତ୍ରର ହତ୍ୟା କରାଯାଉଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା ବେଳେ ବିଜେପି ସରକାର ଭୋଟ୍ ଚୋରି କରି ଗାଦି ହାତେଇଛି। ଆଜି ବି ବିହାରର ଗରିବ ଲୋକମାନେ ବିଭିନ୍ନ ଜାଗାରେ କାମ କରି ଚଳୁଛନ୍ତି। ସେମାନଙ୍କୁ ରାଜ୍ୟରୁ ବାହାର କରାଯାଇପାରିବ ନାହିଁ। ସେମାନଙ୍କୁ ଅନ୍ୟ ରାଜ୍ୟର ବାସିନ୍ଦା ବୋଲି କହି ଭୋଟର୍ ଲିଷ୍ଟରୁ ହଟାଇଦେବା ଉଚିତ ନୁହେଁ। ନିର୍ବାଚନ ଆୟୋଗ ପ୍ରତ୍ୟେକ ଭୋଟର୍‌ଙ୍କ ନାଁ ଗୋଟି ଗୋଟି କରି ଦିଅନ୍ତୁ ବୋଲି ଭକ୍ତ କହିଛନ୍ତି।

ସୂଚନାଥାଉକି ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ୧୪ ତାରିଖ ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନ୍ୟୁନ ୨ କିମିର ମଶାଲ ଶୋଭାଯାତ୍ରା କରିବା ପାଇଁ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଶୋଭାଯାତ୍ରା କରାଯାଇଛି।

**ଖାକିରେ ଦାଗ**

# ମହିଳାଙ୍କୁ ଦୁଷ୍କର୍ମ; ସବ୍‌ଇନ୍ସପେକ୍ଟର ଗିରଫ

ଫୁଲବାଣୀ, ୧୪।୮ (ସମିସ): ଖାକିରେ ପୁଣି ଦାଗ। ଥରେ କି ଦୁଇଥର ନୁହେଁ, ପୁଲିସ୍ ବର୍ଦ୍ଦିର ଭୟ ଦେଖାଇ ଜଣେ ବିବାହିତ ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ। ଏପରି ଏକ ସଂଗିନ୍ ଅଭିଯୋଗରେ କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ପୁଲିସ୍ ଜଣେ ସବ୍-ଇନ୍ସପେକ୍ଟର୍‌ଙ୍କୁ ଗିରଫ କରିଛି। ସେ ହେଲେ, କୋଟଗଡ଼ ଥାନାର ଏସ୍‌ଆଇ ସ୍ମୃତିସାଗର ସାମଲ। ପୂର୍ବରୁ ସେ ଗୋଚ୍ଛାପଡ଼ା ଥାନାରେ କାର୍ଯ୍ୟରତ ଥିଲେ। ଆଜି ତାଙ୍କୁ ପୁଲିସ୍ କୋର୍ଟଚାଲାଣ କରିଥିଲା। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ସ୍ମୃତିସାଗର ଗୋଚ୍ଛାପଡ଼ା ଥାନାରେ କାର୍ଯ୍ୟରତ ଥିବା ବେଳେ ଥାନା ପାଖରେ ଥିବା ଜଣେ ମହିଳାଙ୍କ ଭେରାଇଟି ଷ୍ଟୋର୍‌କୁ ପ୍ରାୟ ସମୟରେ ଯିବା ଆସିବା କରୁଥିଲେ। ତେବେ ଦିନକୁ ଦିନ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିଥିଲା। ସେ ସମ୍ପୃକ୍ତା ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏପରିକି, ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଥିଲେ। ୨୦୨୪ ମସିହା ମେ' ମାସରେ ଘରେ କେହି ନ ଥିବାର ସୁଯୋଗ ନେଇ ସେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ



ସ୍ୱାମୀଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ପୀଡ଼ିତାଜଣଙ୍କ ଏ ସଂପର୍କରେ ମୁହଁ ନ ଖୋଲିବାରୁ ସ୍ମୃତିସାଗରଙ୍କ ମୁହଁ ବଢ଼ି ଯାଇଥିଲା। ପରେ ସେ ମହିଳାଙ୍କୁ ପୁଲିସ୍ ବର୍ଦ୍ଦିର ଭୟ ଦେଖାଇ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏଥିରେ ଅତିଷ୍ଠ ହୋଇ ଶେଷରେ ପୀଡ଼ିତା ସାହସ ଜୁଟାଇଥିଲେ ଏବଂ ଏ ସଂପର୍କରେ ତାଙ୍କ ହୋମଗାର୍ଡ ସ୍ୱାମୀଙ୍କୁ ଜଣାଇଥିଲେ। ପରେ ଦୁହେଁ ଏ ସଂପର୍କରେ ତତ୍‌କାଳୀନ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଗତ ବୁଧବାର ପୁଣି ମହିଳାଜଣଙ୍କ ଥାନାରେ ଏତଲା ଦେଇଥିଲେ। ପୁଲିସ ଏନେଇ ୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ପଙ୍କଜ କୁମାର ବେହେରା ସୂଚନା ଦେଇଛନ୍ତି।

# ହୋଟେଲରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର

ପୁରୀ, ୧୪।୮ (ସମିସ): ହୋଟେଲ ରୁମ୍‌ରେ ଝୁଲିପଡ଼ିଲେ ପ୍ରେମୀଯୁଗଳ। ସମୁଦ୍ର କୂଳ ଥାନା ପୁଲିସ ଆଜି ପୁରୀର ଏକ ହୋଟେଲରୁ ଦୁଇ ବଙ୍ଗୀୟ ପର୍ଯ୍ୟଟକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଦ୍ୱୟ ହେଲେ, ପଶ୍ଚିମବଙ୍ଗର କୁମରେଶ ଘୋଷ ଓ ମିତାଲି ଘୋଷ। ଦୁହେଁ ଅନ୍ୟତ୍ର ବିବାହ କରିଥିଲେ। ଦୁଇ ଦିନ ପୂର୍ବରୁ ଦୁହେଁ ଆତ୍ମହତ୍ୟା କରିଥିବା ପୁଲିସ ସୂଚନା ଦେଇଛି। ତେବେ କେଉଁ ପରିସ୍ଥିତିରେ ଦୁହେଁ ଏପରି ଚରମ ପଦକ୍ଷେପ ନେଲେ, ସେ ସଂପର୍କରେ ପୁଲିସ୍ ତଦନ୍ତ ଚଳାଇଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନେ ରହୁଥିବା ହୋଟେଲ କର୍ତ୍ତୃପକ୍ଷଙ୍କୁ ପୁଲିସ୍ଵ ଚରାଉଚରା କରିଛି। ଦୁହେଁ, କେବେଠାରୁ ଏଠାରେ ରହୁଥିଲେ, କ'ଣ ପରିଚୟ ଦେଇଥିଲେ; ସେସବୁର ଖୋଳତାଡ଼ କରୁଛି ପୁଲିସ। ସେମାନେ ଗତ ୯ ତାରିଖରେ ହୋଟେଲରେ ରୁମ୍ ବୁକ୍ କରି ରହିଥିଲେ। ୧୫ତାରିଖରେ ରୁମ୍ ଛାଡ଼ିଥାନ୍ତେ। କିନ୍ତୁ ଦୁଇଦିନ ତଳୁ ସେମାନଙ୍କ ରୁମ୍ ବନ୍ଦ ଥିବାରୁ ସନ୍ଦେହରେ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଦୁହିଁଙ୍କ ମୃତଦେହ ଉଦ୍ଧାର କରିଥିଲା। ଶୁକ୍ରବାର ସେମାନଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି।














ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
•VOLUME- 43 •ISSUE-52 •FRIDAY •15 AUGUST 2025 •PAGE-12 •₹ 6.00
୭୯ ତମ ସ୍ୱାଧୀନତା ଦିବସ
•ବର୍ଷ-୪୩ •ସଂଖ୍ୟା-୫୨ •ଶୁକ୍ରବାର •୧୫ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

ଏସ୍ଆଇଆର୍ ମାମଲା: ଇସିଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ୬୫ ଲକ୍ଷ ଭୋଟରଙ୍କ ତଥ୍ୟ ସାର୍ବଜନୀନ କର

■ **ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ତାଲିକା ସଂଶୋଧନ ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି ସେମାନଙ୍କ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଲୋଡ଼ିଛନ୍ତି। ଏହି ଭୋଟରଙ୍କ ନାମ ତାଲିକା ସହିତ ସେମାନେ କାହିଁକି ବାଦ୍ ପଡ଼ିଛନ୍ତି, ତାହାର କାରଣ ଦର୍ଶାଇବା ଲାଗି କୁହାଯାଇଛି। ଏହାର ପୂର୍ଣ୍ଣାଙ୍ଗ ବିବରଣୀ ଆଞ୍ଚଳିକ ଭାଷାର ସମ୍ବାଦପତ୍ର ସହିତ ଜାତୀୟ ସମ୍ବାଦପତ୍ର, ଟିଭି ଓ ରେଡିଓରେ ପ୍ରକାଶ ଓ ପ୍ରସାର କରିବା ଲାଗି ସର୍ବୋଚ୍ଚ ଅଦାଲତ କମିସନଙ୍କୁ କହିଛନ୍ତି।

ବିହାରରେ ଏସ୍ଆଇଆର୍ ପାଇଁ ଜୁନ୍ ୨୪ରେ ନିର୍ବାଚନ କମିସନ ନେଇଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ବେଞ୍ଚ ଆଜି ନିର୍ବାଚନ କମିସନଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ କାର୍ଯ୍ୟକାରୀ ହୋଇଛି କି ନାହିଁ ଏବଂ ଯଦି ହୋଇଛି କେତେ ଦୂର ହୋଇଛି ତାହାର କଂପ୍ଲାୟନ୍ସ ରିପୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି (ଅଗଷ୍ଟ ୨୨ ତାରିଖ) ପୂର୍ବରୁ ଦାଖଲ କରିବାକୁ କହିଛନ୍ତି।



### ସମ୍ବାଦପତ୍ର, ଟିଭି ଓ ରେଡିଓରେ ବାଦ୍ ପଡ଼ିଥିବା ଭୋଟରଙ୍କ ବିବରଣୀ ପ୍ରକାଶ କର

### ଆଧାର କାର୍ଡ ଦେଖାଇ ନାମ ସାମିଲ କରିପାରିବେ ଭୋଟର

କୋର୍ଟ କହିଛନ୍ତି ଯେ ଭୋଟର ତାଲିକାରେ ଯେଉଁମାନଙ୍କୁ ମୃତ ଦର୍ଶାଯାଇଛି କିମ୍ବା ଯେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ବୋଲି କୁହାଯାଉଛି ସେମାନଙ୍କର ତାଲିକା ସମସ୍ତ ପଞ୍ଚାୟତ ସ୍ତରୀୟ ଅଫିସ, ଜିଲ୍ଲା ସ୍ତରୀୟ ରିଟର୍ଣ୍ଣି ଅଫିସର କାର୍ଯ୍ୟାଳୟରେ ଲଗାଇବାକୁ ହେବ। ଟିଭି, ରେଡିଓ, ଇଂରାଜୀ ସମ୍ବାଦପତ୍ର ସମେତ ଆଞ୍ଚଳିକ ଭାଷା ସମ୍ବାଦପତ୍ରରେ ଏହି ତଥ୍ୟ ସଂପର୍କରେ ସୂଚନା ଦେବାକୁ ପଡ଼ିବ। ଏହାସହିତ କୋର୍ଟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇ କହିଛନ୍ତି ଯେ ଯେଉଁ ଭୋଟରଙ୍କର ନାମ ▶ପୃଷ୍ଠା-୭

ଫାଟିଲା ବାଦଲ; ଧସିଲା ପାହାଡ଼

# ୪୬ ମୃତ, ୨୦୦ ନିଖୋଜ



**କିସ୍ତୱାରରେ ପ୍ରକୃତିର ତାଣ୍ଡବ**

■ **ଶ୍ରୀନଗର, ୧୪।୮ (ଏଜେନ୍ସି):** ଜମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲାରେ ଆଜି ବାଦଲଫଟା ବର୍ଷା ଯୋଗୁଁ ବଡ଼ ଧରଣର ବିପର୍ଯ୍ୟୟ ଘଟି ୪୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨୦ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୩୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ମୃତକଙ୍କ ମଧ୍ୟରେ ୨ ସିଆଇଏସଏଫ୍ ଯବାନ ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ୧୨ଟା ୩୦ରେ ବାଦଲ ଫଟା ବର୍ଷା କାରଣରୁ କିସ୍ତୱାର ଜିଲ୍ଲାର ଚୋସିତି ଗ୍ରାମ ଧ୍ୱଂସ ହୋଇଯାଇଛି। ପାର୍ବତ୍ୟ ଅଞ୍ଚଳରେ ଥିବା ଏହି ଗ୍ରାମରେ ହଜାର ହଜାର ଶ୍ରଦ୍ଧାଳୁ ଏକ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଏକତ୍ରିତ ହେଉଥିବା ବେଳେ ଏଭଳି ବିପର୍ଯ୍ୟୟ ଘଟିଛି। ପାହାଡ଼ରୁ ବୋହି ଆସିଥିବା ଆବର୍ଜନାପୂର୍ଣ୍ଣ ପାଣି ସୁଅରେ ଅନେକ ଲୋକ ଭାସି ଯାଇଥିବା ବେଳେ ଅନେକ ଅତଡ଼ା ତଳେ ଚାପି ହୋଇ ରହିଛନ୍ତି। ମଚୈଲ ମାତା ମନ୍ଦିର ଯିବା ଲାଗି ଶ୍ରଦ୍ଧାଳୁ ବିଭିନ୍ନ ଗାଡ଼ିରେ ଆସି ଏଠାରେ ଏକାଠି ହୋଇଥିଲେ। ଏଠାରୁ ସେମାନେ ଚାଲିଚାଲି ମନ୍ଦିର ଯାଇଥା'ନ୍ତେ। ବର୍ଷା ବେଳେ ଏହି ଗାଁରେ ଲଙ୍ଗରରେ ଶ୍ରଦ୍ଧାଳୁମାନେ ଏକାଠି ଖାଉଥିଲେ। ସେମାନଙ୍କୁ ସୁରକ୍ଷା ଦେବାଲାଗି ପାଖରେ ନିରାପତ୍ତା ଯବାନଙ୍କର କ୍ୟାମ୍ପ ମଧ୍ୟ ଲାଗିଥିଲା। ଏହି କ୍ୟାମ୍ପ ମଧ୍ୟ ▶ପୃଷ୍ଠା-୭



ମନ୍ତ୍ରୀଙ୍କ ନାଲିଆଖି, ସଚିବଙ୍କ ଚେତାବନୀ ପ୍ରଭାବହୀନ

# ଜିଦ୍‌ରେ ଅଟଳ ରାଜସ୍ୱ ଅମଲା

■ **ଭୁବନେଶ୍ୱର, ୧୪।୮ (ସମିସ):** ରାଜସ୍ୱ ମନ୍ତ୍ରୀ ନାଲି ଆଖି ଦେଖାଇଲେ, ସଚିବ ଦରମା ବନ୍ଦ କରିବାକୁ ଧମକ ଦେଲେ; ମାତ୍ର ଏହି ଚେତାବନୀ ରାଜସ୍ୱ ଅମଲା ସଂଘ ଉପରେ କୌଣସି ପ୍ରଭାବ ପକାଇବାକୁ ସମର୍ଥ ହୋଇ ନାହିଁ। ଦାବି ପୂରଣ ପାଇଁ ରାଜ୍ୟର ୧୦ ହଜାର ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଫଳରେ ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ବ୍ଲକ୍, ତହସିଲ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପଞ୍ଚାୟତିରାଜ ସଂସ୍ଥାରେ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି । ଆଲୋଚନା ପରିବର୍ତ୍ତେ ସରକାର ଆନ୍ଦୋଳନକୁ ଦବାଇବା ପାଇଁ କରୁଥିବା ଉଦ୍ୟମକୁ ସଂଘ ତୀବ୍ର ବିରୋଧ କରିଛି। ଯେ ପର୍ଯ୍ୟନ୍ତ ସରକାର ସେମାନଙ୍କର ଦାବି ପୂରଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ▶ପୃଷ୍ଠା-୭

### ୧୫ ଦିନରେ ଦାବି ପୂରଣ ପ୍ରତିଶ୍ରୁତି ଦେଇଥିଲେ ମନ୍ତ୍ରୀ

### ୩୦ ଜିଲ୍ଲାର ୧୦ ହଜାର ରାଜସ୍ୱ ଅମଲାଙ୍କ କାର୍ଯ୍ୟବନ୍ଦ

ଲଘୁଚାପ ସକ୍ରିୟ

# ଲାଗି ରହିବ ବର୍ଷା

■ **ଭୁବନେଶ୍ୱର, ୧୪।୮ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ଆଭ୍ୟନ୍ତରୀଣ ଓ ଉତ୍ତର ଓଡ଼ିଶାରେ କୋହଲା ପାଗ ସାଙ୍ଗକୁ କାଁ ଭାଁ ବର୍ଷା ହେଉଛି। ଶୁକ୍ରବାର ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ମଧ୍ୟ ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ଗୁରୁବାର ଗୋପାଳପୁରରେ ସର୍ବାଧିକ ୪୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବାରିପଦାରେ ୨୫, ନୟାଗଡ଼ରେ ୧୯, ନବରଙ୍ଗପୁର ୧୭, ▶ପୃଷ୍ଠା-୭






# ଭିସୁଟ୍‌ରେ 'ଇଭଲ୍‌ଭ ଡିଜାଇନ୍ ୨.୦'




ସମ୍ବଲପୁର,୧୪।୮ (ସମିସ) : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ବୁର୍ଲା ସହଯୋଗରେ ଦୁଇ ଦିନିଆ ଡିଜାଇନ୍ କର୍ମଶାଳା ଇଭଲ୍‌ଭ ଡିଜାଇନ୍ ୨.୦ ଆୟୋଜିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଭିସୁଟ୍ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ ମୁଖ୍ୟ ଅତିଥି ଏବଂ କୁଳସଚିବ ପ୍ରଦୀପ ଡାଙ୍ଗ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ୱପ୍ନଦତ୍ତ ମହାନ୍ତି; ଆଇଆଇଏ ଓଡ଼ିଶା ଚାପ୍ଟରର ଭାଇସ୍-ଚେୟାରପର୍ସନ ମୌସୁମୀ ନନ୍ଦ; ଆଇଆଇଏ ସମ୍ବଲପୁର ସବ-ସେଣ୍ଟରର ଚେୟାରପର୍ସନ ଗିରିଧର ଅଗ୍ରୱାଲ; ଆଇଆଇଏ ସମ୍ବଲପୁର ସବ-ସେଣ୍ଟରର ଭାଇସ୍-ଚେୟାରପର୍ସନ ନବୀନ ପନସାରୀ ଏବଂ ଭିସୁଟ୍ ସ୍ଥାପତ୍ୟ ବିଭାଗ ମୁଖ୍ୟ ଡଃ ଭାରତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଆଇଟି ରାଉରକେଲା, ପିଲୁ ମୋଡି କଲେଜ ଅଫ୍ ଆର୍କିଟେକ୍‌ଚର, କିଟ୍ ସ୍କୁଲ ଅଫ୍ ଆର୍କିଟେକ୍‌ଚର, ବିଶ୍ୱବିଦ୍ୟାଳୟ, ଓୟୁଟିଆର୍ ଏବଂ ଭିସୁଟ୍ ନିଜସ୍ୱ ଆର୍କିଟେକ୍‌ଚର ବିଭାଗ ସମେତ ରାଜ୍ୟର ପ୍ରମୁଖ ସ୍ଥାପତ୍ୟ ପ୍ରତିଷ୍ଠାନଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଡ୍ରେସକୋଡ୍ ଜାରିକଲା ଭିସୁଟ୍

# ଡ୍ରେସକୋଡ୍ ଶୃଙ୍ଖଳାର ଆଧାର: କୁଳପତି

ସମ୍ବଲପୁର, ୧୪।୮ (ସମିସ)

ବୈଷୟିକ ଅନୁଷ୍ଠାନ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ୨୦୨୫-୨୬ ଶିକ୍ଷାବର୍ଷରୁ ୟୁଜି ଛାତ୍ରଛାତ୍ରୀଙ୍କ ପାଇଁ ଡ୍ରେସକୋର୍ଡ ଜାରି କରିଛି। ଅଗଷ୍ଟ ଶେଷସୁଦ୍ଧା ଏହାର ଅନୁପାଳନ ପାଇଁ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଭିସୁଟ୍ କୁଳସଚିବ ଜାରି କରିଥିବା ନୋଟିସରେ ଉଲ୍ଲେଖ କରାଯାଇଛି ଯେ, ସମସ୍ତ ପ୍ରଥମ ବର୍ଷ ଛାତ୍ରଛାତ୍ରୀ (ପିଜି ଓ ପିଏଚ୍‌ଡି ବ୍ୟତୀତ)ଙ୍କ ସକାଶେ ବିଶ୍ୱବିଦ୍ୟାଳୟର ୟୁନିଫର୍ମ ଡ୍ରେସ୍‌କୋର୍ଡ ଜାରି କରାଯାଇଛି। ବାଳକମାନଙ୍କ ପାଇଁ ଏହା 'ଫର୍ମାଲ ପ୍ୟାଣ୍ଟ ଓ ସାର୍ଟ' ହୋଇଥିବାବେଳେ ଝିଅମାନଙ୍କ ପାଇଁ 'ଫର୍ମାଲ ପ୍ୟାଣ୍ଟ ଓ ସାର୍ଟ' କିମ୍ବା 'ୱେଷ୍ଟକୋଟ୍ ସହିତ ସଲୱାର-କମିଜ' ପିନ୍ଧି ପାରିବେ। ସୁରକ୍ଷା କାରଣରୁ ଓଢ଼ଣୀ ବା ଦୁପଟ୍ଟାକୁ ଅନୁମତି ଦିଆଯାଇନାହିଁ। ପ୍ୟାଣ୍ଟ ଓ ୱେଷ୍ଟକୋଟ୍‌ର ସମାନ କପଡ଼ା ରହିଛି। ପ୍ୟାଣ୍ଟ, ସାଲୱାର ଓ ୱେଷ୍ଟକୋଟ୍‌ର ରଙ୍ଗ ନେଭି ବ୍ଲ୍ୟୁ ଏବଂ ସାର୍ଟର ରଙ୍ଗ ସ୍କାଏ ବ୍ଲ୍ୟୁ ରହିବ। ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ କହିଛନ୍ତି, ଡ୍ରେସକୋଡ୍ ହେଉଛି ଶୃଙ୍ଖଳାର ଆଧାର। ଏହାହେଲେ ସମସ୍ତେ ଯାଡୁସ୍ୟାଡୁ ପୋଷାକ ନପିନ୍ଧି ଫର୍ମାଲ ପୋଷାକ ପିନ୍ଧିବେ। ଏହାଦ୍ୱାରା ଧନୀ ଗରିବର ତାରତମ୍ୟ ରହିବ ନାହିଁ। ବାହାରିଆ ପିଲା ଆସିଲେ ସେମାନେ ଜଣାପଡ଼ିବେ।

କ୍ୟାମ୍ପସ୍ ଇଣ୍ଟର୍‌ଭିଉ ପାଇଁ ଆସୁଥିବା ନିଯୁକ୍ତିଦାତା ଓ ଅନ୍ୟମାନେ ମଧ୍ୟ ପ୍ରଭାବିତ ହେବେ। ଆମ ଅନୁଷ୍ଠାନର ପିଲା ବାହାରକୁ ଯାଉଛନ୍ତି, ସେତେବେଳେ ଜଣାପଡ଼ିବ ଏବଂ ଆବଶ୍ୟକସ୍ଥଳେ କର୍ତ୍ତୃପକ୍ଷଙ୍କୁ ସାଧାରଣ ଲୋକେ ସୂଚନା ଦେଇପାରିବେ। ପିଲାଙ୍କ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ଡ୍ରେସକୋଡ୍ ଆବଶ୍ୟକ। ଏହା ଏକ ସକାରାତ୍ମକ ପଦକ୍ଷେପ। ସମ୍ପ୍ରତି ୟୁଜି ପ୍ରଥମ ବର୍ଷ ପ୍ରାୟ ୧୩୦୦ ଛାତ୍ରଛାତ୍ରୀ ଆଡମିଶନ ନେଉଥିବାବେଳେ ଚାରିବର୍ଷ ପରେ ସମଗ୍ର ବିଶ୍ୱବିଦ୍ୟାଳୟ ଗୋଟିଏ ଡ୍ରେସ କୋଡ୍‌ରେ ଉଦ୍‌ଭାସିତ ହେବ ବୋଲି ସେ କହିଛନ୍ତି। କୁଳସଚିବ ପ୍ରଦୀପ ଡାଙ୍ଗ କହିଛନ୍ତି, ଡ୍ରେସ କୋଡ୍ କପଡ଼ାର ନମୁନା ନୋଟିସ ବୋର୍ଡରେ ଡିସ୍‌ପ୍ଲେ କରାଯାଇଛି। ଏହା ପାଖାପାଖି ମ୍ୟାଚ୍ କରିବା କଥା। ଛାତ୍ରଛାତ୍ରୀମାନେ ଯେକୌଣସି ଦୋକାନରୁ ଆଣିପାରିବେ, ମାସ ଶେଷସୁଦ୍ଧା ତାହାକୁ ଲାଗୁ କରିବାପାଇଁ ନୋଟିସ ଜାରି କରିଛୁ।

## ବିଶ୍ୱସାହିତ୍ୟ ସହ ତୁଳନୀୟ 'ଗଙ୍ଗାଧର ସାହିତ୍ୟ'



ସମ୍ବଲପୁର, ୧୪।୮ (ସମିସ) : ସରକାରୀ ମହିଳା ମହାବିଦ୍ୟାଳୟର ସାହିତ୍ୟ ସଂସଦ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅଧକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟିକ ଡ. ଗୌରୀଦାସ ପଧାନ ଯୋଗ ଦେଇଥିଲେ। ଅଧକ୍ଷା ପ୍ରଫେସର ମେହେର ସ୍ୱାଗତ ସମ୍ଭାଷଣ ପ୍ରଦାନ ପୂର୍ବକ ଗଙ୍ଗାଧର ମେହେରଙ୍କ ଜୀବନର କିୟଦଂଶ ଉପରେ ଆଲୋକପାତକରି କବି ବିଷାଦବୋଧ ମଧ୍ୟରେ ବି କବିତ୍ୱ ଜାଗରଣ କରିବାରେ ସମର୍ଥ ହେଉଥିଲେ ବୋଲି କହିବାସହ କବିଙ୍କ ବ୍ୟକ୍ତିତ୍ୱର ଏହି ବିରଳ ବିରୋଧାଭାସକୁ ସେ ଉଜାଗର କରିଥିଲେ। ମୁଖ୍ୟବକ୍ତା ଡ. ପଧାନ ଗଙ୍ଗାଧର କାବ୍ୟର ବୈଶିଷ୍ଟ୍ୟ ଆକଳନ ପୂର୍ବକ କହିଥିଲେ ଯେ ମହାତ୍ମା ବିନୋବା ଭାବେ ଗଙ୍ଗାଧର ସାହିତ୍ୟ ଶ୍ରବଣକରି ଏହା ଯେକୌଣସି ବିଶ୍ୱସାହିତ୍ୟ ସହିତ ତୁଳନୀୟ ବୋଲି କହିଥିଲେ। ଏଣୁ ଆଜିର ଛାତ୍ରୀଛାତ୍ରମାନେ ଏହାର ମର୍ମ ବୁଝିପାରିଲେ ଆଗାମୀ ସମାଜ ପାଇଁ ଯୋଗ୍ୟ ହୋଇପାରିବେ। କାର୍ଯ୍ୟକ୍ରମକୁ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପରିଚାଳନା କରିଥିବାବେଳେ ସାହିତ୍ୟ ସଂସଦର ଉପସଭାପତି ଅଧ୍ୟାପକ ଅଖିଳ ବିଶ୍ୱାଳ ଅତଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନେ ଗଙ୍ଗାଧର ସଙ୍ଗୀତ ଗାନ କରିଥିଲେ। ସାହିତ୍ୟ ସଂସଦର ଅନ୍ୟତମ ସଭ୍ୟ ପ୍ରଫେସର ରମେଶ ଚନ୍ଦ୍ର ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଝାଡ଼େଶ୍ୱରୀ କଲେଜ ଛାତ୍ରଛାତ୍ରୀଙ୍କ ସ୍ମାରକପତ୍ର



ସମ୍ବଲପୁର, ୧୪।୮ (ସମିସ) : ରାଜ୍ୟରେ ବଢୁଥିବା ମହିଳା ବିରୋଧୀ ହିଂସା ବିରୋଧରେ ତଥା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥା ବିରୋଧରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଉଥିବା ପରିପ୍ରେକ୍ଷୀରେ ଆଜି ଧମାସ୍ଥିତ ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ ସହ ଧମା ଥାନା ଇନଚାର୍ଜ ସୁଦର୍ଶନ ପଣ୍ଡାଙ୍କ ଜରିଆରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଛାତ୍ର ବିଜେଡି ସମ୍ବଲପୁର ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ଛାତ୍ର ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ଯୁବ ବିଜେଡି ଉପସଭାପତି ସୁମିତ ପଟେଲ, ଯୁବ ବିଜେଡି ସମ୍ପାଦକ ସୁରଜ ଅଗ୍ରୱାଲ, ସମ୍ପାଦକ ଦେବାଶିଷ ସାହୁ, ଚିତ୍ତରଞ୍ଜନ ବାଗ, ସ୍ୱରାଜ ମିଶ୍ର, ଆର୍ଯ୍ୟନ ବହିଦାର, ଅସିତ ସାହୁ, ନିପନ ମିଶ୍ର, ତନ୍ମୟ ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ଆଲୋକ ପଟେଲ, ତରଣୀ ଭୋଇ, ଓମ୍ ବରର୍ତ୍ତି, ଶିବପ୍ରସାଦ ମେହେର, ଜ୍ୟୋତିର୍ମୟୀ ବାଗ, ଇନ୍ଦ୍ରାଣୀ ଭୋଏ, ନମିତା ମେହେର, ଜିତୁ ଦଣ୍ଡସେନା, ରୋହିତ ପୋଢ଼, ଆଶିଷ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର; ୫୦ ୟୁନିଟ୍ ସଂଗ୍ରହ



ସମ୍ବଲପୁର, ୧୪।୮ (ସମିସ) : ବଡ଼ବଜାର ପଠାନପଡା ସ୍ଥିତ ମସଜିଦ ନିକଟରେ ହଜରତ ସୟଦ ମେହେବୁବ ଅଲ୍ଲୀ ଶାହ ବାବାଙ୍କ ୫୦ତମ ଉର୍ସ ଅବସରରେ ଏକ ରକ୍ତଦାନ ଶିବିର ପଠାନପଡା ଉର୍ସ କମିଟି ପକ୍ଷରୁ ଆୟୋଜିତ ହୋଇଯାଇଛି।

କ୍ଷେତରାଜପୁର ଭାରପ୍ରାପ୍ତ ଥାନାଧିକାରୀ ଅନିଲ ପ୍ରଧାନ, ଚିକିତ୍ସକ ଡା. ଏଲ୍.କେ ରତ, ସାହିତ୍ୟିକ ଡ. ଶ୍ୟାମସୁନ୍ଦର ଧର, ଚିକିତ୍ସକ ଡା. ଆର୍‌ସି ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମସ୍ତ ରକ୍ତଦାତା ମାନଙ୍କୁ ଉର୍ସ କମିଟି ପକ୍ଷରୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ବଡ଼ବଜାର ପଠାନପଡା ହଜରତ ସୟଦ ମେହେବୁବ ଅଲ୍ଲୀ ଶାହ ବାବା ଉର୍ସ କମିଟି ପକ୍ଷରୁ ପ୍ରଥମକରି ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିବାବେଳେ ସୋସିଆଲ ଷ୍ଟାର କ୍ଲବ ସଦସ୍ୟମାନେ ସହଯୋଗ କରିଥିଲା।

ଡା. କଳ୍ପେଶ କକ୍କଡ଼ ଓ ଟେକନିସିଆନ ମାନେ ଶିବିର ପରିଚାଳନା କରିଥିଲେ। ଉର୍ସ କମିଟିର ଇନାୟତୁଲ୍ଲା ଖାନ, ଏମ୍‌ହି ରହିମ ଖାନ, ଏମ୍‌ଡି ଅଲିମ, ମୁନ୍ନା, ଏମ୍‌ଡି ପରଭେଜ ଖାନ, ସମିର ଖାନ, ଅମିନ ଖାନ, ମୋବିନ ଖାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୋସିଆଲ ଷ୍ଟାର କ୍ଲବର ଏମ୍‌ଡି ମକବୁଲ, ମାନସ ରଞ୍ଜନ ପାଢ଼ୀ, ଏମ୍‌ଡି ମୁକ୍ତାର ପ୍ରମୁଖ ସହଯୋଗ କରିଥିଲେ।

## ଏସ୍‌ଏମ୍‌ସି ଅଗୋଚରରେ ଡ୍ରେସ୍ କିଣା ଅଭିଯୋଗ

ସମ୍ବଲପୁର,୧୪।୮ (ସମିସ): ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ଡ୍ରେସ୍ କିଣା ଯାଉଥିବା ପ୍ରକ୍ରିୟାରେ ସ୍କୁଲ ପରିଚାଳନାକୁ ସୂଚନା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଆଜି ରେଙ୍ଗାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାସ୍ତରୀୟ କମିଟି (ଡିଏଲସି)ର କାମକୁ ନିନ୍ଦା କରାଯାଇଛି। ଏ ନେଇ ଡିଏଲସି ଅଧକ୍ଷ ତଥା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ବ୍ଲକ ଶିକ୍ଷାଅଧିକାରୀଙ୍କ ଜରିଆରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ, ସମସ୍ତ ଡ୍ରେସ କିଣା ପ୍ରକ୍ରିୟା ଡିଏଲସି ସମ୍ବଲପୁର ଦ୍ୱାର କରାଯାଇଛି, ହେଲେ ଏସ୍‌ଏମସିକୁ ଏ ନେଇ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଏବେ ସ୍କୁଲରେ ଡ୍ରେସ ଦେଇ ଏହାକୁ ବଣ୍ଟନ କରିବାକୁ ରେଙ୍ଗାଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଛି। ଏଥି ପାଇଁ ସ୍କୁଲ ପରିଚାଳନାର କ୍ଷମତା ଓ ମାନସମ୍ମାନ କ୍ଷୁର୍ଣ୍ଣ ହୋଇଥିବା ଅଭିଯୋଗ ହୋଇଛି।

## ବେପରୁଆ ଗାଡ଼ି ଚାଳକଙ୍କ କଟିବ ଫାଇନ

### ୪ଟି ସ୍ଥାନରେ କାର୍ଯ୍ୟକ୍ଷମ ହେଲା ଟ୍ରାଫିକ୍ ସିଗନାଲ୍

ସମ୍ବଲପୁର,୧୪।୮ (ସମିସ): ବେପରୁଆ ଗାଡ଼ି ଚାଳକଙ୍କ କଟିବ ଫାଇନ। ଟ୍ରାଫିକ କର୍ମଚାରୀ ନଥିଲେ ନିୟମ ଉଲ୍ଲଂଘନକାରୀ ହେବେ ସାବାଡ଼। ପ୍ରାରମ୍ଭିକ ପର୍ଯ୍ୟାୟରେ ୩ଟି ସ୍ଥାନରେ ଆଜିଠୁ କାର୍ଯ୍ୟକ୍ଷମ ହୋଇଛି ଟ୍ରାଫିକ୍ ସିଗନାଲ୍ ଲାଇଟ୍। ଲକ୍ଷ୍ମୀଟକିଜ, ମୁଦିପଡ଼ା, ରେମେଡ଼ ଏବଂ ଜିଲ୍ଲା ସ୍କୁଲ ଛକରେ ପ୍ରାଥମିକ ପର୍ଯ୍ୟାୟରେ ଏହା ଲାଗୁ ହୋଇଛି। ପର୍ଯ୍ୟାୟକ୍ରମେ ଜେଲଛକ୍, ଧନୁପାଲି ଛକ, ଚର୍ଚ୍ଚଛକରେ କାର୍ଯ୍ୟକାରୀ ହେବ। ଏହାସହ ସିସିଟିଭି କ୍ୟାମେରା ନଜରରେ ରହିବ। ବିନା ହେଲମେଟରେ ବାଇକ୍ ଚଳାଇବା, ଗୋଟିଏ ଗାଡ଼ିରେ ଦୁଇରୁ ଅଧିକ ବସିବା ଏବଂ ଭୁଲ ରାସ୍ତାରେ ଆସୁଥିବା ଚାଳକଙ୍କର ଏଥର ଚାଲାଣ କଟିବ। ସହରରେ ଦୁର୍ଘଟଣାକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ବୋଲି ଟ୍ରାଫିକ୍ ଡିଏସ୍‌ପି କହିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ କରି ଯୁବକ ଗିରଫ

ସମ୍ବଲପୁର,୧୪।୮ (ସମିସ): ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଜଣେ ଯୁବକକୁ ବାନ୍ଧିଛି ଧନୁପାଲି ପୁଲିସ। ସେ ହେଲେ ଭତ୍ରା ଅଞ୍ଚଳର ଅନୀଲ ବେହେରା(୨୪)। ଅନୀଲ ନାବାଳିକାଙ୍କ ଅସଦାଚରଣ କରିଥିବା ଗତକାଲି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କଫ୍‌ସିରପ ଜବତ, ଦୁଇ ଗିରଫ

ସମ୍ବଲପୁର,୧୪।୮ (ସମିସ): ଟାଉନଥାନା ପୁଲିସ ଚଢ଼ଉ କରି ସାହୁ କଲୋନୀ ସ୍ଥିତ ଶୌଚାଳୟରୁ ବିପୁଳମାତ୍ରାରେ କଫସିରପ ଓ ଅନ୍ୟାନ ନିଶା ସାମଗ୍ରୀ ଜବତ କରିଛି। ଏଥିରେ ଅଇଁଠାପାଲି ଥାନା କରମଟୋଲିର ଅଭିମନ୍ୟୁ ସାହୁ(୨୪) ଓ ଭାନର ଖଡ଼ିଆ(୩୨)କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨୭୦ ବୋତଲ କଫସିରପ, ୯ଟି ପାଉଚ ମଦ ସହ ଅନ୍ୟାନ ସାମଗ୍ରୀ ଜବତ କରିଛି।

## ହୀରାକୁଦ ଜଳସ୍ତର ୬୧୩.୫୪ ଫୁଟ୍

ସମ୍ବଲପୁର, ୧୪।୮ (ସମିସ): ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୫୪ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୯,୭୯୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୫,୨୧୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୩୬୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୭.୫୪ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୬.୪୧ ମିମି ବର୍ଷା ହୋଇନଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୪.୨୫ ଫୁଟ୍ ରହିଥିଲା।

## ୧୬ରେ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ

ସମ୍ବଲପୁର, ୧୪।୮ (ସମିସ) : ଆସନ୍ତା ୧୬ ତାରିଖ ଦିନ ସମ୍ବଲପୁରଠାରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ଓ ବ୍ରହ୍ମପଣ୍ଡିତ ମହାସଭା ପକ୍ଷରୁ ଆସନ୍ତା ନୂଆଁଖାଇ ସକାଶେ ଲଗ୍ନ ନିର୍ଦ୍ଧାରଣ କରାଯିବ। ମା' ସମଲେଶ୍ୱରୀଙ୍କ ରାଶି, ନକ୍ଷତ୍ର ଅନୁଯାୟୀ ପଣ୍ଡିତ ମହାସଭାର ପଣ୍ଡିତମାନେ ବସି ଲଗ୍ନ ନିର୍ଣ୍ଣୟ କରିଥାନ୍ତି। ଏହି ଅନୁଯାୟୀ ସମ୍ବଲପୁର ଜିଲ୍ଲା ସମେତ ବିଭିନ୍ନ ଅଞ୍ଚଳରେ ନବାନ୍ନ ଭକ୍ଷଣ କରାଯାଇଥାଏ।

ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ସଭାପତି ସରୋଜ ଦଳପତ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପରମ୍ପରା ଅନୁଯାୟୀ ଜନ୍ମାଷ୍ଟମୀ ପରଦିନ ଅର୍ଥାତ୍ ନନ୍ଦୋତ୍ସବ ଦିନ ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ, ଝାଡୁଆପଡ଼ା, ସମ୍ବଲପୁର ତରଫରୁ ଆସନ୍ତା ୧୬ ଅଗଷ୍ଟ ଶନିବାର ଅପରାହ୍ନ ସାଢ଼େ ୪ଟା ସମୟରେ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ ହେବ। ଲଗ୍ନ ନିର୍ଦ୍ଧାରଣ ପରେ ପଣ୍ଡିତ ଓ ଟ୍ରଷ୍ଟ ସଦସ୍ୟମାନେ ମା' ସମଲେଶ୍ୱରୀଙ୍କ ମନ୍ଦିର ଯାଇ ଲଗ୍ନ ପତ୍ର ମା'ଙ୍କଠାରେ ଅର୍ପଣ କରିବେ।

## ଚୋରି ଗାଡ଼ି ଜବତ, ୨ ଗିରଫ



ସମ୍ବଲପୁର,୧୪।୮ (ସମିସ): ହୀରାକୁଦ ପୁଲିସ ଚୋରି ଗାଡ଼ି ଜବତ କରିବା ସହ ଦୁଇ ଅଭିଯୁକ୍ତକୁ ଗିରଫ କରିଛି। ସେମାନେ ହେଲେ ବରେଇପାଲି ଥାନା ଦୁଆନପାଲିର ଜିତେନ ଜମିଦାର(୧୯) ଓ ହୀରାକୁଦ ଥାନା ଟାଙ୍କିପଡ଼ାର ମହେଶ ସିଂ ଓରଫ ମହେଶ୍ୱର(୧୩)। ହୀରାକୁଦର ରବୀନ୍ଦ୍ର କୁମାର ରାଣାଙ୍କ ପିକଅପ୍ ଗତ ୧୨ ତାରିଖ ବିଳମ୍ବିତ ରାତିରେ ଘର ସମ୍ମୁଖରୁ ଚୋରି ହୋଇଥିଲା। ହୀରାକୁଦ ପୁଲିସରେ ଅଭିଯୋଗ ପରେ ତଦନ୍ତ କରି ୩୬ ଘଣ୍ଟାରେ ଗାଡ଼ିକୁ ଉଦ୍ଧାର କରିଥିଲା। ଏହା ସହ ବ୍ୟବହୃତ ବାଇକ୍‌କୁ ମଧ୍ୟ ଜବତ କରିଛି। ଅଭିଯୁକ୍ତ ମହେଶ୍ୱର ନାମରେ ପୂର୍ବରୁ ହୀରାକୁଦ ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ସୁନା ଅଳଙ୍କାର ଚୋରି ଅଭିଯୋଗରେ ଜଣେ ଗିରଫ

ସମ୍ବଲପୁର,୧୪।୮ (ସମିସ): ସୁନା ଅଳଙ୍କାର ଚୋରି ଅଭିଯୋଗରେ ଜଣକୁ ଗିରଫ କରିଛି ବୁର୍ଲା ପୁଲିସ। ସେ ହେଉଛି ବୁର୍ଲା ଥାନା ତେଲଗୁପଡ଼ାର ମହେଶ କୁମାର ସାହୁ ଓରଫ ଲକି(୨୩)। ଘରୁ ବିଳମ୍ବିତ ରାତିରେ ଦୁଇଥର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ଅଳଙ୍କାର ଉଦ୍ଧାର କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।





## ନେଟ୍‌ୱାର୍କ ପାଇଁ ଜାତୀୟ ରାଜପଥ ଅବରୋଧ

### ● ମୋବାଇଲ ଭାଙ୍ଗି ଅଭିନବ ପ୍ରତିବାଦ

ରେଢ଼ାଖୋଲ,୧୪।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅଧୀନ ନାକଟିଦେଉଳ ବ୍ଲକ୍ ଅଧୀନ ଘୋଷରାମାଳ ପଞ୍ଚାୟତବାସୀ ମୋବାଇଲ ସେବା ପାଇଁ ଗୁରୁବାର ରେଢ଼ାଖୋଲ ସହରର ସ୍ଥାନୀୟ କଲେଜ ଛକ ନିକଟରେ ୫୫ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଘୋଷରାମାଳ ପଞ୍ଚାୟତ ଏବଂ ପଞ୍ଚାୟତର ପ୍ରାୟ ୨୦ ଟି ଗାଁର ଗ୍ରାମବାସୀ ମୋବାଇଲ ସେବାରୁ ବଞ୍ଚିତ ରହିଛନ୍ତି। ପଞ୍ଚାୟତର ଲାଣ୍ଡିମାଲ ଗାଁରେ ଏକ ବିଏସ୍‌ଏନ୍‌ଏଲ୍ ଟାୱାର ରହିଛି। କିନ୍ତୁ ଟାୱାର ଟି କାର୍ଯ୍ୟକ୍ଷମ ହେଉ ନ ଥିବାରୁ ବିଭାଗୀୟ ଅଧିକାରୀ ତଥା ପ୍ରଶାସନ ଅଧିକାରୀ ମାନଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ଜଣାଇବା ସତ୍ତ୍ୱେ ଗ୍ରାମବାସୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁ ନ ଥିଲେ। ତେଣୁ ବାଧ୍ୟ ହୋଇ ଶତାଧିକ ସଂଖ୍ୟାରେ ପଞ୍ଚାୟତବାସୀ ଆଜି ରେଢ଼ାଖୋଲ ଆସି ଜାତୀୟରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳକୁ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏସଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ବିଏସ୍‌ଏନ୍‌ଏଲ୍ ଅଧିକାରୀ ଓ ଅନ୍ୟ ପ୍ରଶାସନ ଅଧିକାରୀମାନେ ଗ୍ରାମବାସୀ ମାନଙ୍କ ସହିତ ମୋବାଇଲ ସେବା ଯୋଗାଇ ଦେବାକୁ ଘୋଷରାମାଳ ପଞ୍ଚାୟତକୁ ଯିବା ସହିତ ମୋବାଇଲ ସେବା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।








## ମେଟ୍ରୋ ପ୍ରକଳ୍ପ ପାଇଁ ଦିଆଯିବ କେନ୍ଦ୍ରକୁ ପ୍ରସ୍ତାବ

### ଗଠନ ହେଲା ସ୍ୱତନ୍ତ୍ର ଟେକ୍ନିକାଲ କମିଟି

ଭୁବନେଶ୍ୱର,୧୪।୮ (ସମିସ): ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ରକୁ ଦିଆଯିବ ପ୍ରସ୍ତାବ। କେନ୍ଦ୍ର ସରକାରଙ୍କ ସହଯୋଗରେ ନିର୍ମାଣ ହେବ ମେଟ୍ରୋ। ଏହାସହ ପ୍ରକଳ୍ପ ଆଗକୁ ନେବାକୁ ଏକ ବିସ୍ତୃତ ଗତିଶୀଳ ଯୋଜନା ପ୍ରସ୍ତୁତ କରାଯିବ। ନୂଆ ଢାଞ୍ଚାରେ ଏକ ଟେକ୍ନିକାଲ କମିଟି ଗଠନ ହେବ। ଏହି କମିଟିର ସଦସ୍ୟମାନେ ବିଭିନ୍ନ ରାଜ୍ୟରେ ଚାଲୁଥିବା ମେଟ୍ରୋ ପ୍ରକଳ୍ପ ବୁଲି ଦେଖିବେ। ଏହି ଅନୁଯାୟୀ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହାପରେ ରିପୋର୍ଟ ଆଧାରରେ ମେଟ୍ରୋ ପ୍ରକଳ୍ପକୁ ନେଇ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରିସ୍ତରୀୟ ସବ୍-କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ କେନ୍ଦ୍ର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ନୂଆ ଢାଞ୍ଚାରେ ଏକ ଟେକ୍ନିକ୍‌କାଲ କମିଟି ଗଠନ ହେବ। ଏଥିରେ ଅଧିକାରୀମାନଙ୍କ ସମେତ ଏକ୍ସପର୍ଟ ରହିବେ। ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଲୋକଙ୍କ ସମେତ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ମତାମତ ସଂଗ୍ରହ କରାଯିବ। କେଉଁଠି ଷ୍ଟେସନ ନିର୍ମାଣ ହେବ, କେଉଁଠି ପାର୍କିଂ କରାଯିବ, ସେଥିପାଇଁ କମିଟି ସ୍ଥିର କରିବ।

ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀଙ୍କ ମେଟ୍ରୋ ସମ୍ପର୍କିତ ବୟାନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶ୍ରୀ ସିଂହଦେଓ ମେଟ୍ରୋ ନିର୍ମାଣ ପାଇଁ ବୈଠକରେ ବସିଥିଲେ। ସହରଗୁଡ଼ିକରେ ମେଟ୍ରୋ କ୍ଷତିରେ ଚାଲୁଛି ବୋଲି କହିଥିଲେ। ମେଟ୍ରୋକୁ ସେତିକି ଯାତ୍ରୀ ଆସୁନାହାନ୍ତି, ଏଣୁ ସରକାରଙ୍କୁ କ୍ଷତିଭରଣା କରିବାକୁ ପଡୁଛି ବୋଲି ସେ କହିଥିଲେ। ଟେକ୍ନିକାଲ କମିଟି ଏସବୁକୁ ଅନୁଧ୍ୟାନ କରିବ। ଏହାପରେ ନିଷ୍ପତ୍ତି ନିଆଯିବ।

ସୂଚନାଯୋଗ୍ୟ, ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣକୁ ନେଇ ବହୁବାର କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାକୁ ବହୁବାର କେନ୍ଦ୍ର ସରକାରଙ୍କ ସହଯୋଗ ମିଳିନଥିଲା। ଏଣୁ ରାଜ୍ୟ ସରକାର ନିଜ ଖର୍ଚ୍ଚରେ ମେଟ୍ରୋ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଏକ ଟିମ୍ ବିଭିନ୍ନ ସ୍ଥାନ ପରିଦର୍ଶନ କରି ରିପୋର୍ଟ ଦେଇଥିଲା। ଏହି ଆଧାରରେ ମେଟ୍ରୋ ନିର୍ମାଣ ପାଇଁ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଡିପିଆର୍ ପ୍ରସ୍ତୁତ ହୋଇଥିଲା। ଏହାପରେ ଟେଣ୍ଡର ହୋଇଥିଲ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ରେ ଏହି ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ। ମୃତ୍ତିକା ପରୀକ୍ଷାଠାରୁ ଆରମ୍ଭ କରି ଅନେକ କିଛି କାମ ଆଗକୁ ଯାଇଥିଲା। ହେଲେ ସରକାର ବଦଳିବା ପରେ ମଧ୍ୟ କିଛି ଦିନ କାମ ଚାଲିଲା। ମେଟ୍ରୋ ପ୍ରକଳ୍ପକୁ ଅଚାନକ ସ୍ଥଗିତ କରାଗଲା। ଠିକାସଂସ୍ଥା ସହ ଟେଣ୍ଡର ବାତିଲ କରାଗଲା। ଯାହା ପୂର୍ବରୁ ହୋଇ ସାରିଥିଲା ସେସବୁ ପୁଣି କରାଯିବ।



ସ୍ୱାଧୀନତା ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

### କାର୍ଯ୍ୟକ୍ଷେତ୍ରରେ ବିଶିଷ୍ଟ ସେବା

## ଓଡ଼ିଶାର ୨ଜଣଙ୍କୁ ମିଳିବ ରାଷ୍ଟ୍ରପତି ପଦକ

### ୯ ଜଣଙ୍କୁ ସାହସିକତା, ୧୧ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ

ଭୁବନେଶ୍ୱର,୧୪।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ଦେଶରେ ବୀରତା ଏବଂ ସେବା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନିତ କରାଯିବ। ତନ୍ମଧ୍ୟରୁ କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ସେବା ପାଇଁ ଓଡ଼ିଶାରୁ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ମିଳିବ। ସେମାନେ ହେଲେ, ଏଏସ୍‌ପି ରବୀନ୍ଦ୍ର ପଣ୍ଡା ଏବଂ କମାଣ୍ଡାଣ୍ଟ ନରେଶ ପଟେଲ। ସେହିପରି ଭାବେ ଓଡ଼ିଶାରୁ ୯ ଜଣ ସାହସିକତା ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୧୧ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପଦକ ମିଳିବ। ଏନେଇ ଗୃହ ମନ୍ତ୍ରାଳୟ ପକ୍ଷରୁ ତାଲିକା ପ୍ରକାଶ ପାଇଛି।

ଓଡ଼ିଶାର ଯେଉଁ ୯ ଜଣ ସାହସିକତା ପୁରସ୍କାର ପାଇବେ, ସେମାନଙ୍କ ମଧ୍ୟରେ ସବ୍-ଇନ୍ସପେକ୍ଟର୍ ଅମରେଶ ଚନ୍ଦ୍ର ନରେନ୍ଦ୍ର, କନେଷ୍ଟବଳ ଜିତେନ୍ଦ୍ର କୁମାର ନାୟକ, ଓଏପିଏଫ୍ ଅର୍ଜୁନ ମଲ୍ଲିକ, ଓଏପିଏଫ୍ ଯୁଧିଷ୍ଠିର ମଲ୍ଲିକ, ହାବିଲଦାର ଅଶ୍ୱିନୀ କୁମାର ବାଗ, କମାଣ୍ଡୋ ଡମ୍ବରୁଧର ଭୋଇ, ନବୀନ କୁମାର ସାହୁ, ପ୍ରଦୀନ ଶେଷ୍ଠ ଏବଂ ଅଭିମନ୍ୟୁ ମାଝୀ ରହିଛନ୍ତି। ସେହିପରି ୧୧ଜଣ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ମଧ୍ୟ ପୁଲିସ ପଦକ ପ୍ରଦାନ କରାଯିବ। ଅଧିକାରୀମାନେ ହେଲେ, ସହକାରୀ ମହାନିରୀକ୍ଷକ ମହେଶ୍ୱର ସେଠୀ, ଅତିରିକ୍ତ ପୁଲିସ ଅଧୀକ୍ଷକ ପ୍ରଦୀପ କୁମାର ପ୍ରଧାନ, ଅତିରିକ୍ତ ପୁଲିସ ଅଧୀକ୍ଷକ ଦେବେନ୍ଦ୍ର ନାରାୟଣ ଦାଶ, ଉପ ପୁଲିସ ଅଧୀକ୍ଷକ ଆଶିଷ କୁମାର ରାଉତ, ଇନ୍ସପେକ୍ଟର୍ ଏ. ଶ୍ରୀନିବାସ ଦୋରା, ଉପ ପୁଲିସ ଅଧୀକ୍ଷକ ହେମାମାଳନୀ ନାୟକ, କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଇନ୍ସପେକ୍ଟର୍ ସନ୍ତୋଷ କୁମାର ମିର୍ଦ୍ଧା, ସହକାରୀ ସବ-ଇନ୍ସପେକ୍ଟର୍ ଅରୁଣ କୁମାର ସାମନ୍ତ, ସହକାରୀ ସବ-ଇନ୍ସପେକ୍ଟର୍ ଅରବିନ୍ଦ ଦାସ ଏବଂ କନେଷ୍ଟବଳ ଚିନ୍ମୟୀ ରାଉତ।

ସୂଚନାଯୋଗ୍ୟ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ୧,୦୯୦ ଜଣ ପୁଲିସ, ଅଗ୍ନିଶମ, ହୋମଗାର୍ଡ, ନାଗରିକ ପ୍ରତିରକ୍ଷା ଏବଂ ସୁଧାର ସେବା କର୍ମଚାରୀଙ୍କୁ ସାହସିକତା ତଥା ସେବା ପଦକ ପ୍ରଦାନ ପାଇଁ ନାମ ଘୋଷଣା କରାଯାଇଛି। ତନ୍ମଧ୍ୟରୁ ବିଶିଷ୍ଟ ସେବା ପାଇଁ ୯୯ଜଣଙ୍କୁ ରାଷ୍ଟ୍ରପତି ପଦକ, ୨୩୩ ଜଣଙ୍କୁ ସାହସିକତା ପଦକ ଏବଂ ପ୍ରଶଂସନୀୟ ସେବା ପାଇଁ ୭୫୮ଜଣଙ୍କୁ ପଦକ ମିଳିବ।

### ଧାନ ବିକ୍ରି ପଞ୍ଜୀକରଣ ଅଡୁଆ

## ରାଜପଥରେ ଚାଷୀ-ପୁଲିସ୍ ମୁହାଁମୁହିଁ




ବରଗଡ଼, ୧୪।୮ (ସମିସ): ରାଜପଥରେ ଚାଷୀ-ପୁଲିସ୍ ମୁହାଁମୁହିଁ। ବରଗଡ଼ ଜିଲ୍ଲାରେ ଆଜି ଜାତୀୟ ରାଜପଥ ଉପରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଧାନବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ପାଇଁ ଦାବି କରି ଆଜି ବହୁ ସଂଖ୍ୟାରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିବାକୁ ଆସିଥିଲେ। ବରଗଡ଼ କଳାପାଣି ମାର୍କେଟ୍ ୟାର୍ଡରେ ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ଯୋଜନା କରୁଥିଲେ। କିନ୍ତୁ ପୁଲିସ ସେଠାରୁ ଚାଷୀମାନଙ୍କୁ ଉଠାଇ ନେଇଥିଲା। ତେବେ ପୁନର୍ବାର ଫରାପାର୍ଟ ମନ୍ଦିର ସମ୍ମୁଖରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେଠାକୁ ମଧ୍ୟ ଏସ୍‌ଡିପିଓ ପଦାରବିନ୍ଦ

### ଚାଷୀଙ୍କୁ ଉଠାଇନେଲା ପୁଲିସ

ତ୍ରିପାଠୀଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ସମସ୍ତଙ୍କୁ ଉଠାଇ ନେଇଥିଲା। ଏଥିଯୋଗୁଁ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସମସ୍ତ ଚାଷୀଙ୍କୁ ନେଇ ରିଜର୍ଭ ପଡ଼ିଆରେ ଅଟକ ରଖିଥିବା ବେଳେ କିଛି ଚାଷୀ ସେଠାରୁ ଆସି ପୁଣି ଜାତୀୟ ରାଜପଥ ଅବରୋଧ କରିଥିଲେ। ପୁଲିସ୍ ପୁଣି ସେମାନଙ୍କୁ ଉଠାଇ ନେଇଥିଲେ। ପରେ ମନ୍ଦିର ପରିସର ସମ୍ମୁଖରେ ଚାଷୀଙ୍କ ଆଲୋଚନା ବେଳେ ଆଉ ଥରେ ଚାଷୀଙ୍କୁ ଉଠାଇ ନେଲା ପୁଲିସ। ଫଳରେ ଆଜି ଦିନସାରା ବିଭିନ୍ନ ସ୍ଥାନରେ ଚାଷୀ ଓ ପୁଲିସ ମୁହାଁମୁହିଁ ହୋଇଥିବା ଦେଖାଯାଇଥିଲା।

ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଡେପୁଟି କଲେକ୍ଟର୍ ମଦନ ପଣ୍ଡା, ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର, ଅତାବିରା ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା ସମସ୍ତ ଚାଷୀଙ୍କୁ ରାସ୍ତା ଅବରୋଧ ନ କରିବା ପାଇଁ ବୁଝାଇଥିଲେ। ତେବେ ଆଜିର ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ ଥିଲା। ସରକାର ପଞ୍ଜୀକରଣ ସମସ୍ୟାର ତୁରନ୍ତ ସମାଧାନ ନ କଲେ, ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।




ସକାଳ
THE SAKALA

# ସମ୍ପାଦକୀୟ



ଆମର ପ୍ରକୃତ ଶତ୍ରୁ ବାହ୍ୟଶକ୍ତି ନୁହେଁ, ବରଂ ଆମ ଅନ୍ତର୍ନିହିତ ଦୁର୍ବଳତା।
-ଶ୍ରୀଅରବିନ୍ଦ

## ସ୍ୱାବଲମ୍ବନର ଜୟଗାନ

ଆମେ ଆଜି ଏଭଳି ଏକ ସମୟରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଛୁ, ଯେତେବେଳେ ଦେଶର ସାର୍ବଭୌମତ୍ୱ ଓ ସ୍ୱାଭିମାନ ପ୍ରତି ପୁଣି ଏକ ବିଶାଳ ଆହ୍ୱାନ ସୃଷ୍ଟି ହୋଇଛି। ପ୍ରାୟ ତିନିମାସ ତଳେ ଆମେ ପାରମ୍ପରିକ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହିତ ଅଘୋଷିତ ଯୁଦ୍ଧର ସମ୍ମୁଖୀନ ହୋଇଛୁ, ଅଥଚ ସୀମାରେ ତିନିରାଷ୍ଟ୍ର ଚୀନ୍-ପାକିସ୍ତାନ-ତୁର୍କୀ ସାମରିକ ଶକ୍ତିର ମୁକାବିଲା କରିଛୁ। ଅସ୍ତ୍ରବିରତିର ଶ୍ରେୟ ଦାବି କରୁଥିବା ଆମେରିକାର ଅହଂକୁ ସ୍ୱୀକୃତି ନ ଦେବାର ପରିଣାମ ସ୍ୱରୂପ ଆମେ ସେହି ହିତଶତ୍ରୁ ରାଷ୍ଟ୍ରର ବାଣିଜ୍ୟ ଶୁଳ୍କ ଆକ୍ରମଣର ସମ୍ମୁଖୀନ ହୋଇଛୁ। ହୁଏତ ଏହାର ସୁଦୂରପ୍ରସାରୀ ଓ ବହୁମୁଖୀ ପ୍ରଭାବକୁ ପ୍ରତିହତ କରିବା ଲାଗି ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ତଥାପି ଆମେ ପ୍ରସ୍ତୁତ ଅଛୁ। ସ୍ୱାଧୀନତାର ଅମୃତକାଳ ଯାତ୍ରାର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁ ଆହ୍ୱାନକୁ ପ୍ରତିହତ କରିବାର ଦର୍ପ ଓ ଦମ୍ଭ ସହ ଆମେ ଆଜି ଆମ ସ୍ୱାଧୀନ-ସାର୍ବଭୌମ, ବୀରତ୍ୱ-ବଳିଦାନ, ପ୍ରଗତି-ପ୍ରେରଣାର ପ୍ରତୀକ ତ୍ରିରଙ୍ଗା ତଳେ ସଗର୍ବେ ଏକାଠି ହୋଇ ସ୍ୱାଧୀନତା-ସ୍ୱାବଲମ୍ବନ-ସ୍ୱାଭିମାନର ଜୟଗାନ କରୁଛୁ।

ଆଜି ଆମେ ତ୍ରିରଙ୍ଗା ତଳୁ ବିଦେଶୀ ଅହଂକାରୀ ଶକ୍ତିଙ୍କୁ ଏହି ବାର୍ତ୍ତା ଦେବାକୁ ଚାହୁଁ ଯେ ଭାରତ ଆଉ ଏବେ ୧୯୫୦-୬୦ କାଳଖଣ୍ଡରେ ସୀମାବଦ୍ଧ ନାହିଁ। ଅସହାୟତା ଓ ବାଧ୍ୟବାଧକତାର ଶିକୁଳି ଛିଣ୍ଡାଇ ଭାରତ ଏବେ ମହାଶକ୍ତିର ମୁକ୍ତବିହଙ୍ଗ ରୂପେ ବିଶ୍ୱଅତିକ୍ରମଣ କରିବାର କ୍ଷମତା ରଖିଛି। ଯେଉଁ ଆମେରିକା ଦିନେ ଭାରତକୁ ମାଗଣା ଦାନା ଦେଉଥିବାର ଗର୍ବ କରୁଥିଲା ଆଜି ସେହି ରାଷ୍ଟ୍ର ଭାରତର କୃଷି ଓ କୃଷକଙ୍କ ଉତ୍କର୍ଷରେ ଈର୍ଷାନ୍ୱିତ ଓ ଭୟଭୀତ ଏବଂ ଭାରତୀୟ କୃଷି ବଜାରରେ ପ୍ରବେଶ କରିବାକୁ ବ୍ୟାକୁଳ। ଭାରତର ଶ୍ରୀଅନ୍ନ ବା ମିଲେଟ୍ ଆଜି ଜାତିସଂଘରେ ସ୍ୱତନ୍ତ୍ର ସ୍ଥାନ ଓ ସମ୍ମାନର ଅଧିକାରୀ ଏବଂ କ୍ଷୁଧାମୁକ୍ତ ବିଶ୍ୱ ଗଠନରେ ପ୍ରମୁଖ ଭାଗିଦାରୀ। ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ଅଭାବରୁ ୧୯୬୨ରେ ଚୀନ୍ ଆଗରେ ଏକପ୍ରକାର ଆତ୍ମସମର୍ପଣ କରିଦେଇଥିବା ଭାରତ ଏବେ ବିକଶିତ ରାଷ୍ଟ୍ରଙ୍କୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରିପାରୁଛି। ନେଭିଗେସନ୍ ଓ ଜିପିଏସ୍ ସୂଚନା ସହାୟତା କ୍ଷେତ୍ରରେ ଆମେରିକାର ଅସହଯୋଗରୁ କାରଗିଲ୍ ଯୁଦ୍ଧରେ ପ୍ରଭୂତ କ୍ଷତି ସହିଥିବା ଭାରତ ଏବେ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳ ଅବତରଣ କରିବାର ବିରଳ ରେକର୍ଡ ପ୍ରତିଷ୍ଠା କରିଛି; ଉପଗ୍ରହ ପ୍ରେରଣରେ ବିଶ୍ୱ କୀର୍ତ୍ତିମାନ ସ୍ଥାପନା କରିଛି; ସୂର୍ଯ୍ୟଙ୍କୁ ନିକଟକୁ ଯିବାର ଦୁର୍ବାର ସାହସ କରିଛି ଏବଂ ଗଗନଯାନ ପାଇଁ ନିଜକୁ ପ୍ରସ୍ତୁତ କରୁଛି।

୧୯୫୦ ଦଶକରେ ଗୋଷ୍ଠୀ ନିରପେକ୍ଷ ଭୂମିକା ତୁଲାଇଥିବା ଭାରତ ଏବେ ଦକ୍ଷିଣ ବିଶ୍ୱର ନେତୃତ୍ୱ ନେଉଛି; ଜି-୨୦ର ଅଧ୍ୟକ୍ଷତା କରିଛି ଏବଂ ଆଗାମୀ ଦିନରେ ଅଲିମ୍ପିକ୍ ଓ ଜଳବାୟୁ ଶିଖର ସମ୍ମିଳନୀ ଆୟୋଜନ ଲାଗି ରୂପରେଖ ପ୍ରସ୍ତୁତ କରୁଛି। ସ୍ୱାଧୀନ-ସ୍ୱୟଂକ୍ରିୟ-ନୀତି ନିର୍ଦ୍ଧାରକ ଭାରତ ଆଉ ଏବେ କାହା ଅନୁମତି ଭିକ୍ଷା କରିବା ସ୍ଥିତିରେ ନାହିଁ। ବିଶ୍ୱର ପରିବର୍ତ୍ତିତ ବହୁଧ୍ରୁବୀୟ ଭୂରାଜନୈତିକ ସମୀକରଣରେ ଭାରତର ଅଭ୍ୟୁଦୟ ଅନ୍ୟମାନଙ୍କ ପାଇଁ ଈର୍ଷଣୀୟ ହୋଇଛି; ଅଥଚ ଭାରତର ସାର୍ବଭୌମତା, ଅଖଣ୍ଡତା ଓ ଏକତା ତା'ର ଶକ୍ତିରେ ରୂପାନ୍ତରିତ ହୋଇଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ, ଯାହାର ସିଂହଭାଗ ଯୁବଶକ୍ତି। ଏହି ଜନସାଂଖ୍ୟିକ ବିସ୍ଫୋରଣ ବିଶ୍ୱ ବୈଷୟିକ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଆମେରିକାର ବୃହତ୍ ଆଇଟି ହବ୍ ସିଲିକନ୍ ଭ୍ୟାଲି ଭାରତୀୟ ମେଧା ଭରସାରେ ଚାଲିଛି। ମାଇକ୍ରୋସଫ୍ଟ, ଗୁଗୁଲ୍, ଆଡୋବ୍‌ର ମୁଖ୍ୟ ଭାରତୀୟ ବଂଶୋଦ୍ଭବ। ଭାରତରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଯଥାକ୍ରମେ ୧୦୦ କୋଟି ଓ ୯୦ କୋଟି। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଅନ୍‌ଲାଇନ୍ ଆର୍ଥିକ ଦେଣନେଣ ମାଧ୍ୟମ 'ୟୁପିଆଇ' ଆମେରିକାର ଭିଜା ଓ ମାଷ୍ଟରକାର୍ଡକୁ ଟକ୍କର ଦେଉଛି। ଏହି ସଫଳତା ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘକାଳୀନ ନିରନ୍ତର ଯୋଜନାବଦ୍ଧ ପ୍ରୟାସର ପ୍ରତିଫଳନ। ଭାରତ ବର୍ତ୍ତମାନ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ସବୁଜ ଶକ୍ତି ନିଜସ୍ୱ ଜ୍ଞାନକୌଶଳରେ ବିକଶିତ କରି ବିଶ୍ୱରେ ନିଜକୁ ପ୍ରତିଯୋଗୀକ୍ଷମ ହୋଇପାରିଛି। 'ମେକ୍ ଇନ୍ ଇଣ୍ଡିଆ' କେବଳ ଏକ ସ୍ଲୋଗାନ୍ ହୋଇ ରହିନାହିଁ, ଗୁଗୁଲ୍, ଆପ୍‌ଲ୍, ଟେସ୍‌ଲା ଭଳି କମ୍ପାନୀଙ୍କୁ ଭାରତରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଆକୃଷ୍ଟ କରିଛି। ନିର୍ମାଣ ଓ ଯୋଗାଣରେ ଭାରତ ଏବେ ଚୀନ୍‌ର ବିକଳ୍ପ ଭାବେ ଉଭା ହୋଇଛି। ଏହା ନିଶ୍ଚିତ ଭାବେ ତ୍ରିରଙ୍ଗା ତଳେ ସ୍ୱାବଲମ୍ବନ ଓ ସ୍ୱାଭିମାନର ଜୟଗାନ କରିବାର ମହାର୍ଘ ମୁହୂର୍ତ୍ତ।

ସବୁଠାରୁ ବଡ଼ କଥା ହେଉଛି ସାମ୍ପ୍ରତିକ ଭୂ-ରାଜନୈତିକ ସମୀକରଣରେ ଉତ୍ତର-ଦକ୍ଷିଣ ବିଶ୍ୱ ଖେଳରେ ଭାରତ ଆଉ ଏକ ମୋହରା ହୋଇନାହିଁ କି କାହାର ଧମକ କିମ୍ବା ଚାପରେ ନିଷ୍ପତ୍ତି ନେଉନାହିଁ। ଭାରତ ବଶମ୍ବଦ ହେବା ପରିବର୍ତ୍ତେ ପ୍ରତିସ୍ପର୍ଦ୍ଧାର ଆସ୍ପର୍ଦ୍ଧା ରଖୁଛି ଏବଂ ନିଜକୁ ବିଶ୍ୱର ମହାଶକ୍ତି ରୂପେ ଉପସ୍ଥାପିତ କରିପାରିଛି। ଭାରତର ବିଶାଳ ଉପଭୋକ୍ତା ବଜାର ଏହାର ଶକ୍ତି, ଯାହା ଆମେରିକୀୟ ଶିଳ୍ପପତି ଏପରିକି ରାଷ୍ଟ୍ରପତିଙ୍କୁ ମଧ୍ୟ ଟାଣି ଆଣିପାରୁଛି। ଭାରତୀୟ ମୁଦ୍ରା 'ଟଙ୍କା'ର ବିଶ୍ୱାୟନ ଆରମ୍ଭ ହୋଇସାରିଛି, ଯାହା ଡଲାର ଆଧିପତ୍ୟକୁ ସଂକୁଚିତ କରିବାର ଅପାର ସମ୍ଭାବନା ସୃଷ୍ଟି ହୋଇ ଆମେରିକାକୁ ଭୟଭୀତ କରିଛି।

ବହୁମତ, ବହୁ ପନ୍ଥ, ବହୁ ବାଦ ଓ ବିବିଧ ସଂସ୍କୃତି ଭିତରେ ଭାରତର ସାର୍ବଭୌମତ୍ୱର ଶକ୍ତି ହେଉଛି ଏହାର ଏକତା, ଯାହାକୁ ନେଇ ପ୍ରତିଟି ଭାରତୀୟ ଗର୍ବିତ ଓ ଗୌରବାନ୍ୱିତ। ଶାନ୍ତି, ସଂଯମ, ଭ୍ରାତୃତ୍ୱ ଆଦି ଅତିମାନବୀୟ ଗୁଣ ଭାରତର ଜନ୍ମଗତ। ଅହିଂସାର ଜନ୍ମଦାତା ଭାରତ 'ବସୁଧୈବ କୁଟୁମ୍ବକମ୍'ର ଉଦ୍‌ଘୋଷକ। ତେଣୁ ଭାରତର ସାର୍ବଭୌମ ଓ ଅଭ୍ୟୁଦୟ ଅନ୍ୟ ପାଇଁ ଆତଙ୍କ ଓ ବିପଦର ସଂକେତ ନୁହେଁ, ବରଂ ସ୍ୱାବଲମ୍ବନର ସନ୍ଦେଶ। ଯୁଦ୍ଧଖୋର ବିଶ୍ୱରେ ଭାରତ ଭ୍ରାତୃତ୍ୱର ବାର୍ତ୍ତାବହ। ଅତିମାନବିକତାର ଏହି ବିଶାଳ ଭିତ୍ତି ଉପରେ ପ୍ରଗତିର ପ୍ରତୀକ ତ୍ରିରଙ୍ଗା ତଳେ ଏକତାର ମହାମନ୍ତ୍ରରେ ଦୀକ୍ଷିତ ହୋଇ ଭାରତୀୟତାର ଜୟଗାନ କରିବା ଲାଗି ଏହା ହିଁ ଶ୍ରେଷ୍ଠ ଅବକାଶ।

## ସମ୍ମାନ ଓ ପ୍ରେରଣାର ତ୍ରିରଙ୍ଗା

ପ୍ରହଲାଦ କୁମାର ସିଂହ

ସାହସ, ତ୍ୟାଗ, ସତ୍ୟ, ଶାନ୍ତି, ବିଶ୍ୱାସ, ବୀରତ୍ୱ, ପ୍ରଗତି ଓ ପ୍ରେରଣାର ଅଫୁରନ୍ତ ଉତ୍ସ ଆମ ତ୍ରିରଙ୍ଗା। ସ୍ୱାଧୀନତା, ସ୍ୱଦେଶୀ, ସ୍ୱାଭିମାନ, ସମ୍ମାନ, ସ୍ୱାବଲମ୍ବନ, ସାର୍ବଭୌମତ୍ୱର ଅମୃତ ସନ୍ଦେଶ ଦେଇ ଆସୁଥିବା ଆମ ଜାତୀୟ ପତାକା ତ୍ରିରଙ୍ଗା ପଛରେ ରହିଛି ହଜାର ହଜାର ସହିଦଙ୍କ ବଳିଦାନ ଏବଂ ଲକ୍ଷଲକ୍ଷ ସଂଗ୍ରାମୀଙ୍କ କାରା ଓ ନିର୍ଯାତନା ବରଣର ଇତିହାସ।

ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ଭଗିନୀ ନିବେଦିତା ୧୯୦୫ ମସିହାରେ ଭାରତ ପାଇଁ ଏକ ବର୍ଗାକୃତିର ନାଲି ପତାକା ତିଆରି କରିଥିଲେ। ଏହି ପତାକାର ଚାରିପଟର ଥିବା ଧଡ଼ିରେ ରହିଥିଲା ୧୦୮ଟି ପ୍ରଜ୍ୱଳିତ ଜ୍ୟୋତି ଓ ମଧ୍ୟଭାଗରେ ଶୋଭା ପାଉଥିଲା ଦେବରାଜ ଇନ୍ଦ୍ରଙ୍କ ବଜ୍ର। ବଜ୍ରର ଦୁଇପାର୍ଶ୍ୱରେ ବଙ୍ଗଳା ଭାଷାରେ ଲେଖାଥିଲା 'ବନ୍ଦେ ମାତରମ୍'। 'ବଙ୍ଗ ଭଙ୍ଗ ଆନ୍ଦୋଳନ' ସମୟରେ ବିପ୍ଳବୀମାନେ ୧୯୦୬ ମସିହା ଅଗଷ୍ଟ ୭ ତାରିଖରେ କଲିକତାର ଏକ ପାର୍କରେ ତିନି ରଙ୍ଗ ଥିବା ଏକ ପତାକା ଉଡ଼ାଇଥିଲେ। ଏହି ପତାକାର ଉପର ଅଂଶଟି ନୀଳ, ମଧ୍ୟଭାଗ ହଳଦିଆ ଓ ତଳପଟଟି ଲାଲ ବର୍ଣ୍ଣର ଥିଲା। ନୀଳ ଅଂଶରେ ୮ଟି ପଦ୍ମଫୁଲ, ଲାଲ ଅଂଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଛବି ଏବଂ ମଝିରେ ଥିବା ହଳଦିଆ ଅଂଶରେ ଲେଖାଯାଇଥିଲା 'ବନ୍ଦେ ମାତରମ୍'। ବିପ୍ଳବୀ ସତ୍ୟେନ୍ଦ୍ର ନାଥ ବୋଷ ଏହି ପତାକାର ସ୍ରଷ୍ଟା ବୋଲି କୁହାଯାଏ।

୧୯୦୭ ଅଗଷ୍ଟ ୨୨ ଆମ ପତାକାର ଇତିହାସରେ ଏକ ଅବିସ୍ମରଣୀୟ ଦିବସ। ଜର୍ମାନୀର ଷ୍ଟଟ୍‌ଗାର୍ଟ ସହରରେ ଅନୁଷ୍ଠିତ 'ଆନ୍ତର୍ଜାତିକ ସମାଜବାଦୀ କଂଗ୍ରେସ' ଅବସରରେ କାଥିଆବାଡ଼ର ଜଣେ ବିପ୍ଳବିନୀ ପାର୍ସି ମହିଳା ମାଡାମ୍ ଭିକାଜୀ ରୁସ୍ତମ କାମା ଜର୍ମାନୀ ମାଟିରେ ଇଂରେଜମାନଙ୍କ ପ୍ରଚଣ୍ଡ ବିରୋଧ ସତ୍ତ୍ୱେ ତାଙ୍କ ପ୍ରସ୍ତୁତ ଭାରତର ଜାତୀୟ ପତାକା ଉତ୍ତୋଳନ କରି ଅଗ୍ନିବର୍ଷୀ ଭାଷଣ ଦେଇ ଭାରତର ସ୍ୱାଧୀନତା ଓ ତା' ମାଧ୍ୟମରେ ବିଶ୍ୱର ଅନ୍ୟରାଷ୍ଟ୍ରର ମୁକ୍ତି ପାଇଁ ବିଶ୍ୱବାସୀଙ୍କ ସହଯୋଗ ଲୋଡ଼ିବା ସହ ପତାକାକୁ ସମସ୍ତେ ସମ୍ମାନ ଓ ସମର୍ଥନ ପ୍ରଦର୍ଶନ କରିବାକୁ ନିବେଦନ ରଖିଥିଲେ। ମାଡାମ୍ କାମାଙ୍କ ପତାକା ବି ଥିଲା ତ୍ରିରଙ୍ଗା। ଏହାର ଉପର ଅଂଶଟି ସବୁଜ, ମଧ୍ୟଭାଗ ହଳଦିଆ ଓ ନିମ୍ନ ଅଂଶ ଲାଲ ଥିଲା। ସବୁଜ ରଙ୍ଗର ପଟି ଉପରେ ୮ଟି ପଦ୍ମଫୁଲ, ଲାଲ ରଙ୍ଗ ଉପରେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାଙ୍କ ଛବି ଏବଂ ହଳଦିଆ ରଙ୍ଗ ଉପରେ ଲେଖାଥିଲା 'ବନ୍ଦେ ମାତରମ୍'। ୧୯୧୬ ମସିହାରେ ଗଠିତ 'ଇଣ୍ଡିଆନ ଲିଗ୍' ପକ୍ଷରୁ ମଧ୍ୟ ଏକ ପତାକା ଉତ୍ତୋଳନ କରାଯାଇଥିଲା। ୧୯୧୭ରେ ଆନିବେଶାନ୍ତ ଆଉ ଏକ ପତାକା ସୃଷ୍ଟି କଲେ। ଏଥିରେ ୫ଟି ଲାଲ ଓ ୪ଟି ସବୁଜ ପଟି ରହିଥିବା ବେଳେ ସପ୍ତର୍ଷି ମଣ୍ଡଳ ସହିତ ଚନ୍ଦ୍ର ଓ ତାରାଙ୍କ ଛବି ଥିଲା। ଆନିବେଶାନ୍ତଙ୍କ ପତାକାର ବାମ କୋଣରେ ଇଂରେଜମାନଙ୍କ ଜାତୀୟ ପତାକା 'ୟୁନିଅନ ଜ୍ୟାକ୍'ର ପ୍ରତିଛବି ଥିବାରୁ ତାହା କ୍ରାନ୍ତିକାମୀ ଭାରତୀୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇନଥିଲା।

ଦେଶପ୍ରେମୀ ପୋଙ୍ଗାଲି ଭେଙ୍କିଆ ୧୯୨୧ରେ ବେଜୱାଡାଠାରେ ମହାତ୍ମା ଗାନ୍ଧୀଙ୍କୁ ଭେଟି ଗୁଡ଼ିଏ ପତାକାର ନକ୍ସା ଦେଖାଇଥିଲେ। ଏଥିରୁ ଗୋଟିଏ ପତାକାରେ ଲାଲ ଓ ସବୁଜ ରଙ୍ଗର ପଟି ଉପରେ ବଡ଼ ଚରଖାର ଚିହ୍ନ ଥିଲା। ହିନ୍ଦୁ-ମୁସଲମାନ ଏକତା ପାଇଁ ଏହା ସହାୟକ ହେବ ବୋଲି ଭେଙ୍କିଆ ମତ ରଖିଥିଲେ। ତେବେ ଅନ୍ୟ ସଂପ୍ରଦାୟଙ୍କ ଲାଗି ଏଥିରେ ଧଳା ଚିହ୍ନର ପଟିଟି ଯୋଡ଼ିବା ପାଇଁ ଗାନ୍ଧୀ ଆଗ୍ରହ ପ୍ରକାଶ କରିଥିଲେ। ଅସହଯୋଗ ଆନ୍ଦୋଳନ କାଳରେ ଏହି ପତାକା ବ୍ୟବହୃତ ହେଉଥିଲା। ୧୯୨୯-୩୦ର ଲାହୋର କଂଗ୍ରେସ ଅଧିବେଶନରେ ଜାନୁଆରୀ ୨୬କୁ 'ପୂର୍ଣ୍ଣସ୍ୱରାଜ ଦିବସ' ଭାବେ ପାଳନ କରିବା ସହ ଦେଶବାସୀଙ୍କୁ ଏହି ପତାକା ତଳେ ସ୍ୱାଧୀନତାର ସଂକଳ୍ପ ନେବା ଲାଗି ଆହ୍ୱାନ ଦିଆଯାଇଥିଲା। ୧୯୩୦ର 'ଲବଣ ସତ୍ୟାଗ୍ରହ' ବେଳେ ପତାକାର ବ୍ୟବହାର ବ୍ୟାପକ ହୋଇଥିଲା।

୧୯୩୧ରେ ଅନୁଷ୍ଠିତ 'କରାଚୀ କଂଗ୍ରେସ ଅଧିବେଶନ'ରେ ଏକ କମିଟି ଗଢ଼ାଯାଇ ପତାକା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି କମିଟି କରିଥିବା ସୁପାରିସ ମୁତାବକ କଂଗ୍ରେସ ପତାକାରେ କେଶରୀ, ଧଳା ଓ ସବୁଜ ରଙ୍ଗର ତିନୋଟି ପଟି ସହିତ ଧଳା ପଟି ଉପରେ ଚରଖା ସ୍ଥାନିତ ହେଲା। ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏହା ଥିଲା ଜୀବନଠାରୁ ବଳି ଅଧିକ ମୂଲ୍ୟବାନ। ୧୯୪୬ରେ ସ୍ୱିଜରଲାଣ୍ଡର ରାଜଧାନୀ ଜୁରିକ୍‌ରେ ଅନୁଷ୍ଠିତ ବିଶ୍ୱ ଅଲମ୍ପିକ୍‌ରେ ବ୍ରିଟିଶ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିବା କ୍ରୀଡ଼ାବିତ୍ ଜାନକୀ ଦାସ ମହାତ୍ମା ଗାନ୍ଧୀଙ୍କ ଦସ୍ତଖତ ଥିବା ଏହି ତ୍ରିରଙ୍ଗା ଝଣ୍ଡା ଉଡ଼ାଇ ଇତିହାସ ରଚିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ 'ଆଜାଦ ହିନ୍ଦ୍ ଫୌଜ'ର ଯେଉଁ ଝଣ୍ଡା ବର୍ଲିନରେ ଉତ୍ତୋଳନ କରିଥିଲେ ତାହା ବି ଥିଲା ତ୍ରିରଙ୍ଗା। ଏହାର ମଧ୍ୟ ଭାଗରେ ଧଳାପଟି ଉପରେ ଚରଖା ପରିବର୍ତ୍ତେ ଶୋଭା ପାଉଥିଲା ଲମ୍ଫ ପ୍ରଦାନକାରୀ ସିଂହର ଛବି।

ସ୍ୱାଧୀନତା ପୂର୍ବରୁ ଭାରତ ଶାସନ ବିଧେୟକ ସଭାରେ ୧୯୪୭ ଜୁନ୍ ମାସରେ ଏକ ସମିତି ଗଢ଼ାଯାଇ ଜାତୀୟ ପତାକା ସଂପର୍କରେ ଆଲୋଚନା କରାଯାଇଥିଲା। ୧୯୪୭ ଜୁଲାଇ ୨୨ ତାରିଖରେ ଭାରତ ଶାସନ ବିଧେୟକ ସଭା ତ୍ରିରଙ୍ଗା ଝଣ୍ଡାକୁ ଜାତୀୟ ପତାକାର ମାନ୍ୟତା ଦେଲେ, କିନ୍ତୁ ଏହାର ମଧ୍ୟଭାଗରେ ଚରଖାର ସ୍ଥାନ ନେଲା ସାରନାଥର ୨୪ଟି ଅର ଥିବା ଅଶୋକଚକ୍ର, ଯାହାକୁ 'ଧର୍ମଚକ୍ର' ଓ 'ସମୟଚକ୍ର' ବୋଲି କୁହାଯାଏ। ଆମ ପତାକାର ଶୀର୍ଷଅଂଶରେ ଥିବା ନାରଙ୍ଗୀ ରଙ୍ଗ ସାହସ ଓ ତ୍ୟାଗର ପ୍ରତୀକ ହୋଇଥିବା ବେଳେ ଧଳା ରଙ୍ଗକୁ ସତ୍ୟ ଓ ଶାନ୍ତି ଏବଂ ସବୁଜ ରଙ୍ଗଟି ବିଶ୍ୱାସ, ବୀରତ୍ୱ ଓ ପ୍ରଗତିକୁ ସୂଚାଇଥାଏ। ଅଶୋକଙ୍କ ସାରନାଥର ଧର୍ମଚକ୍ର ଆମକୁ ସମୟ ସହ ସଚେତନ ରହିବା ସଙ୍ଗେ ସଙ୍ଗେ ଆଗକୁ ବଢ଼ିବା ଲାଗି ପ୍ରେରଣା ଦେଉଥିବାରୁ ଏହି ଚକ୍ରକୁ ଆମ ଜାତୀୟ ପତାକାରେ ସ୍ଥାନିତ କରାଯାଇଛି। ଚରଖା ଚିହ୍ନିତ ତ୍ରିରଙ୍ଗା ଝଣ୍ଡା କଂଗ୍ରେସର ପତାକା ହୋଇଥିବାରୁ ଜାତୀୟ ପତାକାକୁ ରାଜନୈତିକ ଦଳର ଗଣ୍ଡି ମଧ୍ୟରେ ସୀମିତ ନ ରଖିବା ପାଇଁ ସେତେବେଳର ଅଗ୍ରଣୀ କଂଗ୍ରେସ ନେତାମାନେ ନୂଆ ପତାକାର ପରିକଳ୍ପନା କରିଥିଲେ। ଶେଷରେ ଜାତିର ଜନକ ତଥା ସ୍ୱାଧୀନତା ସଂଗ୍ରାମର ସେନାପତି ମହାମାନବ ମହାତ୍ମା ଗାନ୍ଧୀ ଅଶୋକଚକ୍ର ଥିବା ଏହି ତ୍ରିରଙ୍ଗା ଝଣ୍ଡାକୁ ସ୍ୱୀକାର କରିଥିଲେ।

ଭାରତଛାଡ଼ ଆନ୍ଦୋଳନ କାଳରେ ତ୍ରିରଙ୍ଗା ଝଣ୍ଡାର ଟେକ ରଖିବା ଲାଗି ଓଡ଼ିଶାର ମାଥିଲି, ନିମାପଡ଼ା, ପାପଡ଼ାହାଣ୍ଡି, ଲୁଣିଆ, ଇରମ, ତୁଡ଼ିଗଡ଼ିଆ-ଖଇରାଡିହି, କାଇପଡ଼ା-କଳାମାଟିଆ ଆଦି ସ୍ଥାନରେ ବହିଥିଲା ରକ୍ତର ନଦୀ। ଏଥିପାଇଁ ଲକ୍ଷ୍ମଣ ନାୟକଙ୍କୁ ବି ଫାଶୀଖୁଣ୍ଟରେ ଝୁଲିବାକୁ ପଡ଼ିଲା। ଓଡ଼ିଶାରେ ଶତାଧିକ ସଂଗ୍ରାମୀ ସହିଦ ହୋଇଥିଲେ। ଏ ମାଟି ବଳିଦାନର ବୋଲି ସେମାନେ ପୁନର୍ବାର ପ୍ରମାଣିତ କରିଗଲେ।

ଇତିହାସ କୁହେ, ଆସାମର ଗୋପୁର୍ ଥାନା ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଯାଉଥିବା ବେଳେ ୧୪ବର୍ଷର ଝିଅ କନକଲତା ବଡୁଆ ଓ ଅନ୍ୟଜଣେ ଛାତ୍ର ମୁକୁନ୍ଦ ସହିଦ ହୋଇଥିଲେ। ପଶ୍ଚିମବଙ୍ଗର ମେଦିନପୁର ଅନ୍ତର୍ଗତ ତମଲୁପ ଥାନା ନିକଟରେ ତ୍ରିରଙ୍ଗାର ଟେକ ରଖିବା ଲାଗି ୧୩ବର୍ଷର ବାଳକ ଲକ୍ଷ୍ମୀନାରାୟଣ ଓ ୭୩ ବର୍ଷିୟା ବୃଦ୍ଧା ମାତଙ୍ଗିନୀ ହାଜରାଙ୍କ ସମେତ ଅନେକ ବଳିଦାନ ଦେଇଥିଲେ। 'କର ବା ମର' ଆନ୍ଦୋଳନ ସମୟରେ ପାଟନା ସଚିବାଳୟ ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଉଦ୍ୟମକରି ୭ଜଣ ଛାତ୍ର ସହିଦ ହୋଇଥିଲେ। ଜବାହରଲାଲ ନେହେରୁଙ୍କ ଆକଳନ ଅନୁଯାୟୀ ଏହି ଆନ୍ଦୋଳନରେ ଅନ୍ୟୁନ ୧୦ ହଜାର ଭାରତୀୟ ଜୀବନଦାନ ଦେଇଥିଲେ। ଆହ୍ଲାବାଦର କ୍ଲକ୍ ଟାୱାରକୁ ଘେରି ରହିଥିବା ସେନାବାହିନୀର ବ୍ୟୂହ ଭେଦକରି ଲାଲବାହାଦୁର ଶାସ୍ତ୍ରୀ ବୁର୍ଖା ପରିହିତା ମହିଳା ବେଶରେ ଉପରକୁ ଚଢ଼ି ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିଲେ। ବାସ୍ୟମ୍ ନାମକ ଅନ୍ୟଜଣେ ଯୁବ ସତ୍ୟାଗ୍ରହୀ ମାଡ୍ରାସରେ ସେନାବାହିନୀ ମୁଖ୍ୟ ଶିବିର ଭିତରେ ପଶି ୧୬୦ ଫୁଟ ଉଚ୍ଚ ବେତାର ଟାୱାର ଉପରେ ଏକ ସୁଦୀର୍ଘ ପତାକା ଉଡ଼ାଇବାର ସାହସ କରିଥିଲେ। ଭଦ୍ରକ କଚେରି ଉପରେ ସୁଧାକର ମିଶ୍ର ଓ ୱାରିସ୍ ମିଆଁ ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିବା ବେଳେ ରେଭେନ୍ସା କଲେଜର କ୍ରାନ୍ତିକାରୀ ଛାତ୍ରଛାତ୍ରୀମାନେ କଲେଜ ଉପରୁ ୟୁନିୟନ ଜ୍ୟାକ୍ ହଟାଇ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବାର ସଫଳ ପ୍ରଚେଷ୍ଟା କରିଥିଲେ। ଏମିତି ଉଦାହରଣ ଅସରନ୍ତି।

୧୯୪୭ ଅଗଷ୍ଟ ୧୫ଠାରୁ ଆମେ ସମ୍ମାନର ସହ ତ୍ରିରଙ୍ଗା ଉଡ଼ାଇ ଆସୁଛୁ ଏବଂ ଏହାର ଟେକ ରଖିବା ପ୍ରତି ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବୋଲି ସମ୍ବିଧାନ ଚେତାଇ ଦେଉଥିବା ବେଳେ ଆମ ଜାତୀୟ ପତାକାର ସଦ୍ ବ୍ୟବହାର ପାଇଁ ୨୦୦୨ ଜାନୁଆରୀ ୨୬ରୁ ଲାଗୁ ହୋଇଥିବା 'ଫ୍ଲାଗ୍ କୋଡ୍ ଅଫ୍ ଇଣ୍ଡିଆ'କୁ ଆମେ ଗ୍ରହଣ କରିନେଇଛୁ। ପ୍ରତ୍ୟେକ ଭାରତୀୟ ନାଗରିକ ସେମାନଙ୍କ ଘର ଓ ଅନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନରେ ସମ୍ମାନର ସହ ଜାତୀୟ ପତାକା ଉଡ଼ାଇ ପାରିବେ ବୋଲି ଆମ ସୁପ୍ରିମକୋର୍ଟ ମଧ୍ୟ ରାୟ ଦେଇଛନ୍ତି।

ସ୍ୱାଧୀନତା ପ୍ରାପ୍ତିର ୭୯ବର୍ଷରେ କୃତଜ୍ଞତାର ସହ ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ସତ୍ୟାଗ୍ରହୀ, କ୍ରାନ୍ତିକାରୀ ଓ ସୈନିକ ଏବଂ ଦେଶର ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସମାଜସେବୀ, କୃଷକ, ଶ୍ରମିକ, ବୈଜ୍ଞାନିକ, ଶିକ୍ଷକ, ବୈଷୟିକ ବିଶେଷଜ୍ଞ ଓ ଅନ୍ୟ ଚିନ୍ତାନାୟକ ତଥା ସଂସ୍କାରକମାନଙ୍କୁ ସ୍ମରଣ କରୁଛୁ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ଆର୍ଥିକ ସ୍ୱାଧୀନତା

ଅନନ୍ତ ଚରଣ ସ୍ୱାଇଁ

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଆମ ଦେଶର ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଆଦି ଅନେକ କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ଘଟିଛି। ସେଥିପାଇଁ ପ୍ରତ୍ୟେକ ନାଗରିକ ଗର୍ବିତ। କେତେକ ସ୍ଥଳରେ ସ୍ୱାଧୀନତାର ଅପବ୍ୟବହାର, ସାଧାରଣ ବ୍ୟକ୍ତିକୁ ବ୍ୟଥିତ କରେ। ବାକ୍ ସ୍ୱାଧୀନତା ନାଁରେ ଅସାମ୍ବିଧାନିକ ମତାମତ, ବିଶୃଙ୍ଖଳା ସୃଷ୍ଟିକାରୀ ବକ୍ତବ୍ୟ, ହିଂସା ପ୍ରଣୋଦିତ, ପୋଷାକ ପତ୍ରର ସ୍ୱାଧୀନତା ଦର୍ଶାଇ ଅଶାଳୀନ ପରିଧାନ ବ୍ୟବହାର କରିବା ମଧ୍ୟ ନିନ୍ଦନୀୟ। ଅନେକ ସ୍ଥଳରେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ କଦର୍ଥର ରୂପ ଦିଆଯାଉଛି।

ଆମେ ସମସ୍ତେ ସ୍ୱାଧୀନ ହେବାକୁ ଚାହୁଁଛୁ। ସ୍ୱାଧୀନତାର ଅର୍ଥ କେବଳ ରାଜନୈତିକ କିମ୍ବା ସାମାଜିକ ସ୍ୱାଧୀନତା ନୁହେଁ। ଆର୍ଥିକ ସ୍ୱାଧୀନତା ସେଥିମଧ୍ୟରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ସ୍ୱାଧୀନତା ହେଉଛି ଏକ ଅବସ୍ଥା, ଯେଉଁଠାରେ ଜୀବନ ଜିଇଁବା ପାଇଁ କାହାରି ଆର୍ଥିକ ସହାୟତା ଉପରେ ନିର୍ଭର କରିବାକୁ ପଡ଼େ ନାହିଁ କିମ୍ବା ବାଧ୍ୟତାମୂଳକ କାମ କରି ରୋଜଗାର କରିବାର ପ୍ରୟୋଜନ ମଧ୍ୟ ନଥାଏ। ଆୟ ଉତ୍ସ ସ୍ୱୟଂପ୍ରେରିତ ଭାବେ ବା ନିଷ୍କ୍ରିୟ ଆୟ ରୂପେ ସମସ୍ତ ଖର୍ଚ୍ଚର ଭରଣା କରିଥାଏ। ଅନ୍ତତଃ ଅର୍ଥ ପାଇଁ କାହାରି ଉପରେ ଭରସା ନରଖି ଆତ୍ମନିର୍ଭର ହେବା, ବଞ୍ଚିଥିବା ଯାଏଁ ସ୍ଥିର ଆୟ, ବ୍ୟୟ ନିୟନ୍ତ୍ରଣ, ଦୀର୍ଘକାଳୀନ ଆର୍ଥିକ ଯୋଜନା ପ୍ରସ୍ତୁତ କରି ସେହି ଅନୁଯାୟୀ ପରିଚାଳିତ ହେବା ହେଉଛି ଆର୍ଥିକ ସ୍ୱାଧୀନତା।

ଆର୍ଥିକ ସ୍ୱାଧୀନତା ପାଇଁ ଆୟ ବୃଦ୍ଧି, ଦକ୍ଷତାରେ ଉନ୍ନତି, ପାର୍ଶ୍ୱ ବ୍ୟବସାୟ, ବଜେଟିଂ, ଅର୍ଥ ବିନିଯୋଗ ଓ ନିଷ୍କ୍ରିୟ ଆୟ ଉପରେ ନିର୍ଭରଶୀଳ ହେବାକୁ ପଡ଼େ। ଚାକିରିରେ ଅନିଶ୍ଚିତତା, ମୁଦ୍ରାସ୍ଫୀତି, ଶିକ୍ଷା, ସାମାଜିକ ଉତ୍ସବ ଅନୁଷ୍ଠାନ, ଚିକିତ୍ସା ପରି ପାରିବାରିକ ଦାୟିତ୍ୱ ଏବଂ ବୃଦ୍ଧାବସ୍ଥାରେ ସୁରକ୍ଷା ପାଇଁ ଦରକାର ହେଉଥିବା ଅର୍ଥ ନିମନ୍ତେ କାହାରି ଉପରେ ନିର୍ଭର ନହେବାକୁ ଆର୍ଥିକ ସ୍ୱାଧୀନତା ଅତ୍ୟନ୍ତ ଜରୁରୀ। ଆର୍ଥିକ ସାକ୍ଷରତାର ଅଭାବ, ତତ୍କାଳୀନ ସୁଖର ଆକର୍ଷଣ, ଋଣ ଯନ୍ତ୍ରା, ଦରଦାମ ବୃଦ୍ଧି, କ୍ରେଡିଟ କାର୍ଡ ଉପରେ ଅଧିକ ନିର୍ଭରଶୀଳତା ଆଦି ଆର୍ଥିକ ସ୍ୱାଧୀନତା ଆଣିବାରେ ପ୍ରତିବନ୍ଧକ।

ଆର୍ଥିକ ସ୍ୱାଧୀନତା ସଂଗ୍ରାମରେ ପିଲାଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଜଡ଼ିତ। ଏହି ସଂଗ୍ରାମ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଧାରିତ। ଯୁବ ପିଢ଼ିଙ୍କ ପାଇଁ ବର୍ତ୍ତମାନ ହେଉଛି ବହୁ ମୂଲ୍ୟବାନ। ବିଳମ୍ବ ନକରି ଆୟର କିଛିଅଂଶ ଭବିଷ୍ୟତ ପାଇଁ ସଞ୍ଚୟ ଓ ନିବେଶ କଲେ ବୃଦ୍ଧାବସ୍ଥା ବେଳକୁ ଏହା ବୃଦ୍ଧି ପାଇ ଏକ ବୃହତ ରାଶିରେ ପରିଣତ ହେବ ଏବଂ ଆର୍ଥିକ ସ୍ୱଚ୍ଛଳତା ବା ଆର୍ଥିକ ସ୍ୱାଧୀନତା ମିଳିବ। ଶିଶୁ ଓ



କିଶୋରମାନେ ମଧ୍ୟ ଏହି ଆର୍ଥିକ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ପାରିବେ। ସେମାନଙ୍କୁ ମିଳୁଥିବା ପକେଟ ଖର୍ଚ୍ଚରୁ ବଞ୍ଚାଇ ସଞ୍ଚୟ କରିବା, ଜନ୍ମ ଦିନ, ବ୍ରତଘର ପରି ଉତ୍ସବଗୁଡ଼ିକରେ ଅତ୍ୟଧିକ ବ୍ୟୟ ନକରି ଖର୍ଚ୍ଚ କାଟି ତାହା ସଞ୍ଚୟ ଏବଂ ଠିକ ଭାବେ ବିନିଯୋଗ କଲେ ଭବିଷ୍ୟତରେ ଚକ୍ରବୃଦ୍ଧି ହାରରେ ଏହା ଆଶାତୀତ ବୃଦ୍ଧି ପାଇଥାଏ।

ବରିଷ୍ଠ ନାଗରିକ, ଶିଶୁ, କିଶୋର ଓ ଯୁବକମାନଙ୍କ ଆର୍ଥିକ ଜ୍ଞାନ, ଆର୍ଥିକ ସ୍ୱାଧୀନତା, ଆର୍ଥିକ ପରାଧୀନତାର କାରଣ ଓ ନିରାକରଣ, ସେମାନେ କରିଥିବା ଭୁଲର ପୁନରାବୃତ୍ତି ନକରିବା ଏବଂ ସେମାନଙ୍କର ଆର୍ଥିକ ସଫଳତାର କାରଣ ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା ଫଳପ୍ରଦ ହୋଇଥାଏ। ସ୍ୱାଧୀନ ଦେଶରେ ଆର୍ଥିକ ପରାଧୀନ ହେଉଛି ଏକ ଅଭିଶାପ। ଆର୍ଥିକ ସ୍ୱାଧୀନତା ପାଇଁ ସଚେତନତା ସହ ଉପଯୁକ୍ତ ସଂଗ୍ରାମ ଦରକାର। ଠିକ ସମୟରେ ଠିକ ନିଷ୍ପତ୍ତି ଆର୍ଥିକ ସ୍ୱାଧୀନତା ଆଣିବାରେ ସକ୍ଷମ। ଏହାକୁ କାର୍ଯ୍ୟରେ ପରିଣତ କରିବା ଦାୟିତ୍ୱ ସବୁ ନାଗରିକଙ୍କର। ଆର୍ଥିକ ସ୍ୱାଧୀନତା ଏକ ଜୀବନ ଦର୍ଶନ। ଏହାଦ୍ୱାରା ଶରୀର, ଧନ ଓ ମନର ସଠିକ ସମନ୍ୱୟ ଘଟି ଜୀବନରେ ସୁଖ ଶାନ୍ତି ଆସିଥାଏ।

ଆର୍ଥିକ ସ୍ୱାଧୀନତା ଆମର ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର। ଆର୍ଥିକ ସ୍ୱାଧୀନତା ନଥିଲେ ସ୍ୱାଧୀନତାର ପ୍ରକୃତ ସ୍ୱାଦ ଉପଲବ୍ଧି କରିହେବ ନାହିଁ। ଆସନ୍ତୁ ସମସ୍ତେ ଶପଥ ନେବା - ନିଜର ଆର୍ଥିକ ସ୍ୱାଧୀନତା ଆଣିବା ସହ ଅନ୍ୟମାନଙ୍କ, ବିଶେଷକରି ଗରିବ ଲୋକଙ୍କ ଆର୍ଥିକ ସ୍ୱାଧୀନତା ଆଣିବାରେ ସହାୟକ ହେବା।

ପଲେଇ(କେନ୍ଦ୍ରାପଡ଼ା) ମୋ: ୭୩୮୧୦୪୬୪୭୭୦

## ଖମ୍ବ ସ୍ୱରୂପରେ ପୂଜା ପାଆନ୍ତି ମେଘନାଦ

ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଲଙ୍କାପତି ରାବଣ ଓ ମନ୍ଦୋଦରୀଙ୍କ ଜ୍ୟେଷ୍ଠପୁତ୍ର ମେଘନାଦ ଦେବରାଜ ଇନ୍ଦ୍ରଙ୍କୁ ପରାସ୍ତ କରି ସ୍ୱର୍ଗ ଅଧିକାର କରିଥିଲେ। ତେଣୁ ତାଙ୍କର ଅନ୍ୟ ଏକ ନାମ ଇନ୍ଦ୍ରଜିତ। ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ କୃପାରୁ ସେ ହୋଇପାରିଥିଲେ ବ୍ରହ୍ମାସ୍ତ୍ର, ନାରାୟଣାସ୍ତ୍ର ଓ ପଶୁପାତାସ୍ତ୍ରର ଅଧିକାରୀ। ଅନେକ ଚମତ୍କାରୀ ଦିବ୍ୟାସ୍ତ୍ର, ତନ୍ତ୍ର ବିଦ୍ୟା ଓ ସିଦ୍ଧି ହାସଲ କରିଥିବା ମେଘନାଦଙ୍କ ପିତୃଭକ୍ତି ରାମତୁଲ୍ୟ ବୋଲି ବର୍ଣ୍ଣିତ। ମେଘନାଦ ଆସୁରିକ ଶକ୍ତିର ପ୍ରତୀକ ହୋଇଥିଲେ ମଧ୍ୟ ଭାରତର କେତେକ ଜନଜାତିଙ୍କ ପାଇଁ ପୂଜନୀୟ। ସେମାନେ ମେଘନାଦଙ୍କୁ କୁଳଦେବତା ଭାବେ ପୂଜା କରୁଛନ୍ତି। ଏଥିସହିତ ପ୍ରକୃତିର ରକ୍ଷାକର୍ତ୍ତା ଭାବେ ମେଘନାଦଙ୍କ ପୂଜାର୍ଚ୍ଚନା ଓ ଆଶିଷ ଲାଭ ପାଇଁ ପ୍ରତିବର୍ଷ ଆୟୋଜନ କରନ୍ତି ମେଘନାଦ ମେଳା।

ମଧ୍ୟପ୍ରଦେଶର ସୀମାନ୍ତ ଅଞ୍ଚଳ ଛିନ୍ଦୱାଡ଼ା ଜିଲ୍ଲାର ଉମରେଠ, ବେତୁଲ, ସାରନା, ସତପୁଡ଼ା ଓ ଚୋରଇ ଆଦି କେତେକ ଅଞ୍ଚଳରେ ବସବାସ କରୁଥିବା କୋରାକୁ ଓ ଭାରିଆ ଜନଜାତି ସମ୍ପ୍ରଦାୟଙ୍କ ନିଜକୁ ରାବଣଙ୍କ ବଂଶଜ ବୋଲି ମାନୁଥିବାରୁ ମେଘନାଦଙ୍କୁ କୁଳଦେବତା ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ମୁଖ୍ୟତଃ ଭଲ ବର୍ଷା ଓ ଉତ୍ତମ ଫସଲ, ମନୋବାଞ୍ଛା ପୂରଣ, ସନ୍ତାନର ମଙ୍ଗଳକାମନା, ସମସ୍ୟାର ସମାଧାନ ଏବଂ ଉତ୍ତମ ପାରିବାରିକ ଜୀବନ ପାଇଁ ମେଘନାଦଙ୍କୁ ପୂଜା କରାଯିବାର ପରମ୍ପରା ସେଠାରେ ପ୍ରଚଳିତ। ହୋଲି ପରଦିନଠାରୁ ପାଞ୍ଚଦିନ (ସ୍ଥାନୀୟ ଭାଷାରେ ରଙ୍ଗପଞ୍ଚମୀ) ପର୍ଯ୍ୟନ୍ତ ସେହି ଅଞ୍ଚଳରେ ମେଘନାଦ ମେଳାର ଆୟୋଜନ ହୋଇଥାଏ। ଏଥିରେ କୃଷକ ଓ ଯୁବବର୍ଗଙ୍କ ଅଧିକ ସମାଗମ ହୁଏ। ଗୋଟିଏ ଉଚ୍ଚ ସିଧା ଗଛର ଗଣ୍ଡିକୁ କାଟି ଗାଁର ମଧ୍ୟଭାଗରେ କିମ୍ବା ମନ୍ଦିର ପାଖରେ ପୋତା ଯାଇଥାଏ। ଏହି ଗଣ୍ଡି ବା ଖମ୍ବର ଉଚ୍ଚତା ୨୫ରୁ ୪୦ ଫୁଟ ହୋଇଥାଏ। ମେଘନାଦଙ୍କ ପ୍ରତୀକାତ୍ମକ ସ୍ୱରୂପ ଭାବେ ପୂଜା କରାଯାଉଥିବା ଏହି ଖମ୍ବକୁ 'ଖଣ୍ଡେରା ଦେବ', 'ଖଣ୍ଡେରା ବାବା' ବା 'ମେଘନାଦ ଖମ୍ବ' ବୋଲି କୁହାଯାଏ। ଖମ୍ବକୁ ଗେରୁଆ ରଙ୍ଗରେ ସଜାଇବା ପରେ ଶୀର୍ଷ ଭାଗରେ ଅନ୍ୟ ଗୋଟିଏ କାଠକୁ ସମାନ୍ତରାଳ ଭାବେ ରଖାଯାଏ। ଏହି କାଠରେ ନିଜକୁ ବାନ୍ଧି ଭକ୍ତମାନେ ଘୂରି ଘୂରି ମନସ୍କାମନା ପୂରଣ ପାଇଁ ମେଘନାଦଙ୍କୁ ଆଶିଷ ଭିକ୍ଷା କରିଥା'ନ୍ତି। ମନସ୍କାମନା ପୂରଣ ହେବା ପରେ ମେଘନାଦଙ୍କୁ ଧନ୍ୟବାଦ ଦେବା ପାଇଁ ଖମ୍ବରେ ଚଢ଼ି ଘୂରିବାର ମଧ୍ୟ ପ୍ରଥା ରହିଛି। ମେଘନାଦଙ୍କ କୁଳଦେବୀ ନିକୁମ୍ଭିଳାଙ୍କ ବିଶେଷ ପୂଜାର୍ଚ୍ଚନା ପରେ ପୂଜାରୀ ଗୋଟିଏ ନଡ଼ିଆକୁ ବହୁ ଉଚ୍ଚକୁ ଫୋପାଡ଼ି ଦେଇଥା'ନ୍ତି। କିଛି ସମୟ ପରେ ଉକ୍ତ ନଡ଼ିଆକୁ ଭାଙ୍ଗିଦିଆଯାଏ। ଯଦି ନଡ଼ିଆରୁ ପାଣି କମ୍ ବାହାରେ, ତା'ହେଲେ କମ୍ ବର୍ଷା ହେବ ଏବଂ ଅଧିକ ପାଣି ବାହାରିଲେ ଭଲ ବର୍ଷା ହେବାର ଆଗୁଆ ସୂଚନା ମିଳିଥାଏ। ପ୍ରାୟ ୩୦୦ ବର୍ଷ ଧରି ମେଘନାଦ ମେଳାକୁ ନେଇ ଏହଭଳି ବିଶ୍ୱାସ ରହିଆସିଛି।

ଛିନ୍ଦୱାଡ଼ା ଜିଲ୍ଲାସ୍ଥିତ ଏକାଧିକ ଗାଁର ନାମ ମଧ୍ୟ ମେଘନାଦ ଓ ଅସୁରରାଜ ରାବଣଙ୍କ ନାମାନୁସାରେ ରଖାଯାଇଛି। ସ୍ଥାନୀୟ ଲୋକକଥା ଅନୁସାରେ ଛିନ୍ଦୱାଡ଼ା ଜିଲ୍ଲାର ତାମିଆ ନାମକ ସ୍ଥାନ ନିକଟବର୍ତ୍ତି ପାତାଳକୋଟକୁ ଅହିରାବଣଙ୍କ ପାତାଳଲୋକ ବୋଲି କୁହାଯାଉଛି। ଅହିରାବଣ ଶ୍ରୀରାମ ଓ ଲକ୍ଷଣଙ୍କୁ ଅପହରଣ କରି ଏହି ପାତାଳକୋଟରେ ହିଁ ରଖିଥିଲେ। ସ୍ଥାନୀୟ ଲୋକଗୀତରେ ମଧ୍ୟ ରାବଣ ଓ ମେଘନାଦଙ୍କ ଅନେକ କାହାଣୀ ଶୁଣିବାକୁ ମିଳିଥାଏ। ଏହା ବ୍ୟତୀତ ମଧ୍ୟପ୍ରଦେଶର ମଣ୍ଡି ବାମୋରା ଅନ୍ତର୍ଗତ ପଲିତା ନାମକ ଗାଁରେ ମେଘନାଦଙ୍କ ଏକ ମନ୍ଦିର ରହିଛି। ଗାଁର ପରମ୍ପରା ଅନୁଯାୟୀ ଅନୁଯାୟୀ ଦଶହରାରେ ରାବଣଙ୍କ କୁଶ ପୁତ୍ତଳିକା ଦହନ ପରିବର୍ତ୍ତେ ମେଘନାଦଙ୍କ ବିଶେଷ ପୂଜାର୍ଚ୍ଚନା ହୋଇଥାଏ। ଏଠାରେ ଲୋକମାନେ ମେଘନାଦଙ୍କୁ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ସମତୁଲ୍ୟର ମାନ୍ୟତା ଦେଇଛନ୍ତି। ତେଣୁ ପ୍ରଥମେ ମେଘନାଦଙ୍କ ପୂଜା ପରେ ଅନ୍ୟ ଦେବଦେବୀଙ୍କ ପୂଜା କରାଯାଏ। କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମେଘନାଦଙ୍କୁ ଶ୍ରୀଫଳ ସମର୍ପଣ ହୁଏ। ଏହି ଅଞ୍ଚଳରେ କାନ୍ୟକୁବ୍‌ଜ ବ୍ରାହ୍ମଣମାନେ ରହନ୍ତି, ଯେଉଁମାନେ ନିଜକୁ ରାବଣଙ୍କ ବଂଶଜ ବୋଲି କହନ୍ତି। ତେଣୁ ରାବଣଙ୍କ ପୁତ୍ର ମେଘନାଦଙ୍କ ପୂଜାର୍ଚ୍ଚନା ବିଧିବିଧାନର ସହିତ କରାଯାଏ। ଏହି ଗ୍ରାମରେ ମେଘନାଦ ଅଖଣ୍ଡ ତପସ୍ୟା କରିଥିଲେ ବୋଲି ଲୋକୋକ୍ତି ଅଛି। ତେଣୁ ତପସ୍ୟା କରିଥିବା ସ୍ଥାନରେ ଆଜି ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଶୁଦ୍ଧ ଘିଅ ଦୀପ ପ୍ରଜ୍ୱଳନ କରି ମେଘନାଦଙ୍କ ଆଶିଷ ଭିକ୍ଷା କରୁଛନ୍ତି। କାହିଁ କେଉଁ କାଳରୁ ଚାଲି ଆସିଥିବା ଆସ୍ଥା ଓ ବିଶ୍ୱାସର ଏହି ଧାରାରେ ଅସୁରମାନେ ମଧ୍ୟ ଦେବତା ପାଲଟି ଯାଇଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ୬୫ ଲକ୍ଷ ଭୋଟରଙ୍କ...

ତାଲିକାରୁ ବାଦ୍ ପଡ଼ିଛି ସେମାନେ ଆଧାର କାର୍ଡ ସହିତ ନିର୍ବାଚନ ଅଫିସ ଯାଇ ନିଜର ନାମକୁ ସାମିଲ କରିପାରିବେ । ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ପହିଲାରେ କମିସନ ପକ୍ଷରୁ ଯେଉଁ ଭୋଟର ଚିଠାତାଲିକା ପ୍ରକାଶ କରାଯାଇଛି ସେଥିରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ଏହି ଭୋଟରଙ୍କ ନାମ ପୁରୁଣା ତାଲିକାରେ ଥିଲା । କମିସନ କହିଥିଲେ ଯେ ଯେଉଁମାନଙ୍କ ନାମ କଟାଯାଇଛି ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୩୪ ହଜାର ଜୀବିତ ନୁହନ୍ତି, ୩୬ ଲକ୍ଷ ୨୮ ହଜାର ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ରହିଛି । କମିସନ ଏହି ସଂଖ୍ୟା ଦେଇଥିଲେ ମଧ୍ୟ ଭୋଟରଙ୍କ ନାମ କିମ୍ବା ବାଦ୍ ପଡ଼ିବାର କାରଣ ଦର୍ଶାଇ ନଥିଲେ । ୨୦୦୩ରେ ଭୋଟର ତାଲିକା ସଂଶୋଧନ ବେଳେ କେଉଁ ଦସ୍ତାବିଜ ଦାଖଲ ପାଇଁ କୁହାଯାଇଥିଲା, ସେସଂପର୍କରେ ମଧ୍ୟ ରିପୋର୍ଟ ଦେବାଲାଗି କୋର୍ଟ ନିର୍ବାଚନ କମିସନଙ୍କୁ କହିଛନ୍ତି । ଆଜି ଶୁଣାଣି ବେଳେ କମିସନଙ୍କ ଓକିଲ କହିଥିଲେ ଯେ ୨୦୦୩ ଭୋଟର ତାଲିକାରେ ଯେଉଁ ଭୋଟର ବା ସେମାନଙ୍କ ପିତାମାତାଙ୍କର ନାମ ରହିଥିଲା, ସେମାନଙ୍କ ଠାରୁ କୌଣସି ଦସ୍ତାବଜିତ ମଗାଯାଇ ନାହିଁ । ସେ ଆହୁରି କହିଥିଲେ ଯେ ଇଭିଏମକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଚାଲିଥିବା ବିବାଦରେ କମିସନକୁ ଅନାବଶ୍ୟକ ଭାବେ ଟଣାଯାଉଛି ।

### ୪୬ ମୃତ...

ବର୍ଷା ଓ ବନ୍ୟାରେ ଭାସିଯାଇଛି । ଖବର ପାଇଁ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଉଦ୍ଧାର ଅଭିଯାନରେ ସେନାକୁ ସାମିଲ କରାଯାଇଛି । ମାଟିତଳେ ୨୦୦ରୁ ୩୦୦ ଲୋକ ଫସିଥିବା ଆଶଙ୍କା କରାଯାଉଛି ବୋଲି ଡେପୁଟି କମିସନର ପଙ୍କଜ ଶର୍ମା କହିଛନ୍ତି । ଏନ୍‌ଡିଆରଏଫ୍‌ର ଦୁଇଟି ଦଳକୁ ଘଟଣା ସ୍ଥଳକୁ ପଠାଯାଇଛି । ସେ କହିଛନ୍ତି ଯେ ହଜାର ହଜାର ଶ୍ରଦ୍ଧାଳୁ ମଚୈଲ ଯାତ୍ରା ପାଇଁ ଚୋସିତି ଗାଁରେ ପହଞ୍ଚିଥିବା ବେଳେ ଏହି ଅଘଟଣ ଘଟିଥିଲା । ଯେଉଁ ଯାତ୍ରା ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା ସେହିଠାରେ ହିଁ ପ୍ରବଳ ବର୍ଷା ହୋଇଥିଲା । ଏହି ସ୍ଥାନରେ ଶ୍ରଦ୍ଧାଳୁଙ୍କ ବସ, ଟେଣ୍ଟ, ଲଙ୍ଗର ଓ କେତୋଟି ଦୋକାନ ଥିଲା । ସବୁ ବନ୍ୟାରେ ଭାସି ଯାଇଛି । ମଚୈଲ ତୀର୍ଥ ଯାତ୍ରା ପ୍ରତିବର୍ଷ ଅଗଷ୍ଟ ମାସରେ ହୋଇଥାଏ । ଏହି ଯାତ୍ରାରେ ସାମିଲ ହେବାକୁ ହଜାର ହଜାର ଶ୍ରଦ୍ଧାଳୁ ଦେଶର ବିଭିନ୍ନ ସ୍ଥାନରୁ ଆସିଥାନ୍ତି । ଯାତ୍ରା ଜୁଲାଇ ୨୫ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଚାଲିବ ।

### ଜିଦ୍‌ରେ ଅଟଳ...

ବୋଲି ଚେତାବନୀ ଦେଇଛନ୍ତି । ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ୪ ଦିନ ହେବ କାମ ବନ୍ଦ କରିଛନ୍ତି । ଫଳରେ ସାଧାରଣ ଲୋକମାନେ ସରକାରୀ ସେବାରୁ ବଞ୍ଚିତ ହୋଇଛନ୍ତି । ରାଜ୍ୟ ସରକାର ଲୋକଙ୍କର କୌଣସି ସମସ୍ୟାକୁ ବରଦାସ୍ତ କରାଯିବ ନାହିଁ ବୋଲି କହୁଥିଲେ ମଧ୍ୟ ସଂଘ ସହ ଆଲୋଚନା ନିମନ୍ତେ ଆଗ୍ରହ ପ୍ରକାଶ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମୂହ ଛୁଟିରେ ଯିବା ନିଷ୍ପତ୍ତି ପୂର୍ବରୁ ନିଜର ଦାବି ପୂରଣ ନେଇ ସଂଘ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଜୁଲାଇ ୭ ତାରିଖରୁ ସଂଘର ସମସ୍ତ ସଦସ୍ୟ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଥିଲେ । ସେହିପରି ସମୟରେ ଜୁଲାଇ ୯ ତାରିଖ ଦିନ ରାଜ୍ୟ ସରକାରଙ୍କଠାରୁ ଆଲୋଚନା ପାଇଁ ଡାକରା ଆସିଥିଲା । ରାଜସ୍ୱ ମନ୍ତ୍ରୀ ରାଜ୍ୟ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପରି ନେବେ ବୋଲି ପ୍ରତିଶୃତି ଦେଇଥିଲେ । ହେଲେ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ନାହାନ୍ତି । ଯାହାକୁ ନେଇ ସଂଘ ସରକାରଙ୍କ ଉପରେ ଭରସା ତୁଟାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି ।

ଅନ୍ୟପକ୍ଷରେ ସରକାର ଆଲୋଚନା କରିବା ପରିବର୍ତ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେବା ସରକାରଙ୍କ ପାଇଁ ବୁମେରାଂ ହୋଇଛି । ମନ୍ତ୍ରୀଙ୍କ ଧମକ, ସଚିବଙ୍କ ଚେତାବନୀ ଅମଲା ସଂଘକୁ ଅଧିକ କ୍ରୋଧିତ କରିଛି । ଫଳରେ ସଂଘ ବିନା ଆଲୋଚନାରେ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ସଫା ମନା କରିଛି । ଯଦି ସରକାର ଲୋକଙ୍କ ସୁବିଧା ଚାହୁଁଛନ୍ତି, ତେବେ ଆଲୋଚନା କରିବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସଂଘ ପ୍ରଶ୍ନ କରିଛି । ରାଜସ୍ୱ ଅମଲାମାନେ ଲୋକଙ୍କ ପାଇଁ କାମ କରୁଛନ୍ତି, ସରକାର ମଧ୍ୟ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାମ କରନ୍ତୁ ଓ ଚେତାବନୀ ନ ଦେଇ ଆମର ନ୍ୟାଯ୍ୟ ଦାବି ପୂରଣ କରନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ସ୍ୱାଧୀନତା ଦିବସରେ ସଂଘର ସମସ୍ତ ସଦସ୍ୟ ଅର୍ଥାତ ରାଜସ୍ୱ ଅମଲାମାନେ ପତାକା ଉତ୍ତୋଳନ ସମ୍ପର୍କିତ ଜାତୀୟ ଉତ୍ସବରେ ଯୋଗ ଦେବେ; ମାତ୍ର ପୂର୍ବବତ୍ ସମୂହ ଛୁଟି ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

### ଲାଗି ରହିବ...

ହୀରାକୁଦ ଓ ରାଉରକେଲା ଆଦିରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ୫ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ସମ୍ଭାବନା ଅଧିକ ରହିଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ସହ ପବନର ବେଗକୁ ନେଇ ସମୁଦ୍ର ଅଶାନ୍ତ ରହିବ । ତେଣୁ ଅଗଷ୍ଟ ୧୫ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ । ରୋଜଗାର ବୃଦ୍ଧି ହେବ । ଜୀବନସାଥୀଙ୍କ ସହଯୋଗ ମିଳିପାରେ । ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ । ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ । ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ନିବେଶ ଲାଗି ଉପଯୁକ୍ତ ସମୟ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ । ଭୁଲ୍ କାମରୁ ଦୂରେଇ ରହିବେ । ପାରିବାରିକ ଜୀବନରେ ସୁଖଶାନ୍ତି ରହିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ । କୌଣସି କଥାକୁ ନେଇ ମନ ଉଣା ହୋଇପାରେ ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି । ଗରିବଙ୍କୁ ସାହାଯ୍ୟ କରିବେ । ମାନସିକ ଶାନ୍ତି ମିଳିବ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ । ଅତିଥି ସତ୍କାର କରିପାରନ୍ତି ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ । କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ । କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ । ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟିରେ ସଫଳତା ମିଳିବ । ପୈତୃକ ବ୍ୟବସାୟରୁ ଲାଭବାନ ହେବେ । ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ । ଆର୍ଥିକ ଲାଭ ମିଳିବ । ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ । କାମରୁ ସଫଳତା ମିଳିବ । ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ । ପ୍ରେମ ସମ୍ପର୍କ ସୁଖମୟ ହେବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଆୟ ଓ ବ୍ୟୟ ସମାନ ରହିବ ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ । କାମ କରିବାରେ ସକ୍ଷମ ହେବେ ନାହିଁ । କୌଣସି ସମସ୍ୟାରେ ପଡ଼ିପାରନ୍ତି । ନକାରାତ୍ମକ ଚିନ୍ତାଧାର ଦୂର ହେବ । ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ ।

**ମକର:** ଧନଲାଭ ଯୋଗ ଅଛି । କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ । ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ । ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ । ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ । ବିବାହ ବିଳମ୍ବ ହେବ ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

# ବାନ୍ଧବୀଙ୍କୁ ସଂଜ୍ଞାହୀନ କରି ଦୁଷ୍କର୍ମ



ମେଡିକାଲରେ ଛାଡ଼ି ପଳାଇଲା

ତେଲକୋଇ, ୧୪।୮ (ସମିସ): ବାନ୍ଧବୀଙ୍କୁ ମାଡ଼ ମାରି ସଂଜ୍ଞାହୀନ କରିବା ପରେ ଦୁଷ୍କର୍ମ ଏବଂ ପରେ ଯୁବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ି ପଳାଇଲା ପୁରୁଷ ବନ୍ଧୁ। କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରୁ ଏଭଳି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ହୃଦାନନ୍ଦ ପାତ୍ର (୨୨) ନାମକ ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସଂପର୍କ ଥିଲା। ବୁଧବାର ସେ ନିଜର ସ୍ୱାସ୍ଥ୍ୟ ଖରାପ ଥିବା ବାହାନା କରି ତାଙ୍କୁ ଫୋନ୍ କରି ତେଲକୋଇକୁ ଡାକିଥିଲା। ପରେ ସେ ଯୁବତୀଙ୍କୁ ଏକ ଗାଡ଼ିରେ ଦେଉଳଡିହା ରାସ୍ତାର ହାତୀପୋଷ୍ଟର୍ ଆଡ଼କୁ ନେଇ ଯାଇଥିଲା। ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲା। କିନ୍ତୁ ଯୁବତୀଜଣଙ୍କ ବାରଣ କରିବାରୁ ଏକ ବାଡ଼ିରେ ପିଟି ତାଙ୍କୁ ଲହୁଲୁହାଣ କରିଥିଲା। ପରେ ଯୁବତୀଙ୍କ ପିନ୍ଧିଥିବା ଚୁନୁରିରେ ତାଙ୍କ ବେକକୁ ଜୋରରେ ଭିଡ଼ି ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ମଧ୍ୟକୁ ନେଇ ଯାଇଥିଲା। ଯୁବତୀଜଣଙ୍କ ଚିତ୍କାର କରିବାରୁ ତାଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେଇଥିଲା। ଯୁବତୀଜଣଙ୍କ ସଂଜ୍ଞାହୀନ ହୋଇପଡ଼ିବା ପରେ ହୃଦାନନ୍ଦ ତାଙ୍କୁ ଦୁଷ୍କର୍ମ କରିଥିଲା। କିଛି ସମୟ ପରେ ଯୁବତୀଙ୍କ ଚେତା ଫେରିବା ପରେ ସେ ପୁଣି ତାଙ୍କୁ ଦୁଷ୍କର୍ମ ପାଇଁ ଉଦ୍ୟମ କରିଥିଲା। ଭୟଭୀତ ହୋଇ ପୀଡ଼ିତା ପାଖରେ ଥିବା ଏକ ପୋଲ ତଳକୁ ଯାଇ ଲୁଚି ଯାଇଥିଲେ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିବାରୁ ସେ ପୁଣିଥରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ତେବେ ହୃଦାନନ୍ଦ ତାଙ୍କୁ ଖୋଜି ବାହାର କରିବା ପରେ ଏକ ସ୍କୁଟିରେ ନେଇ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ପରେ ସେଠାରୁ ପଳାଇଥିଲା। ଯୁବତୀଜଣଙ୍କ ସ୍କୁଟିରୁ ପଡ଼ି ଆହତ ହୋଇଛନ୍ତି ବୋଲି ସେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହିଥିଲା। ଗଲା ବେଳେ ସେ ଯୁବତୀଙ୍କ ପାଖରେ ଥିବା ୧୧ହଜାର ଟଙ୍କା ଓ ମୋବାଇଲ ନେଇଯାଇଥିଲା।

# ୧୩ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ, ୧୪।୮ (ସମିସ): ଓଡ଼ିଶା ହାଇକୋର୍ଟ ପକ୍ଷରୁ ୧୩ଜଣ ଜିଲ୍ଲା ଜଜ୍ କ୍ୟାଡର୍‌ର ବିଚାର ବିଭାଗୀୟ ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ଏହି କ୍ରମରେ ସଞ୍ଜୀବ ଦୁବେଙ୍କୁ ସ୍ୱତନ୍ତ୍ର ବିଚାରପତି, ସିବିଆଇ ଅଦାଲତ ନମ୍ବର ୧, ଭୁବନେଶ୍ୱର, ସତ୍ୟପୀର ମିଶ୍ରଙ୍କୁ କଟକର ବିକ୍ରି କର ଟ୍ରିବ୍ୟୁନାଲର ପ୍ରଥମ ବିଚାର ବିଭାଗୀୟ ସଦସ୍ୟ, ଅନୁପ କୁମାର ଚନ୍ଦନ ବରଗଡ଼ ଜିଲ୍ଲା ଏବଂ ଦୌରାଜଜ୍, ଦୀପ୍ତିରଞ୍ଜନ କାନୁନଗୋଙ୍କୁ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକ, ପ୍ରଣମ କୁମାର ରାଉତ ଖରିଆର ଏଡିଜେ, ସରୋଜିନୀ ପତିଙ୍କୁ ଏସ୍.ସି. ଏବଂ ଏସ୍.ଟି (ପିଓ) ଆଇନ ଅନୁଯାୟୀ ସ୍ୱତନ୍ତ୍ର ଅଦାଲତର ପ୍ରିଜାଇଡିଂ ଅଫିସର, ଅଖିଳ କୁମାର ପଶ୍ଚିମକବାଟଙ୍କୁ ବୌଦ୍ଧ ଏଡିଜେ, ସ୍ରୋତସ୍ୱିନୀ କରଙ୍କୁ ନୀଳଗିରି (ନୂତନ) ଏଡିଜେ, ପ୍ରିୟରଞ୍ଜନ ମିଶ୍ରଙ୍କୁ କଟକ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍, ଅଶୋକ କୁମାର ପହିଙ୍କୁ ବାଲେଶ୍ୱର ପରିବାର ଅଦାଲତ ବିଚାରପତି, ଅଞ୍ଜଳି କୁମାରୀ ପାଢ଼ୀଙ୍କୁ ବଲାଙ୍ଗିର ଦ୍ୱିତୀୟ ଅତିରିକ୍ତ ଜିଲ୍ଲାଜଜ୍, ରାଜକିଶୋର ଲେଙ୍କାଙ୍କୁ ଭୁବନେଶ୍ୱର ସିବିଆଇ. ଅଦାଲତ ନମ୍ବର-୨ ସ୍ୱତନ୍ତ୍ର ବିଚାରପତି ଓ ପ୍ରଭାକର ଗନ୍ଧିଆଙ୍କୁ କୁଚିଣ୍ଡା ଏଡିଜେ ଭାବେ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ଆଜି ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଅମୂଲ୍ୟ ପ୍ରଧାନ ବୋର୍ଡର ନୂତନ ଉପସଭାପତି

## ପରୀକ୍ଷା ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦାଙ୍କ ମଧ୍ୟ ବଦଳି

ଭୁବନେଶ୍ୱର, ୧୪।୮ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ରେ ବଡ଼ଧରଣର ଅଦଳବଦଳ କରାଯାଇଛି। ପୂର୍ବରୁ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ନୀହାର ରଞ୍ଜନ ମହାନ୍ତିଙ୍କ ସ୍ଥାନରେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଥିବା ଅମୂଲ୍ୟ କୁମାର ପ୍ରଧାନଙ୍କୁ ବୋର୍ଡର ନୂତନ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଥିବା ଅମ୍ରିତା ପ୍ରୀତିନନ୍ଦାଙ୍କୁ ମଧ୍ୟ ବଦଳି କରାଯାଇଛି। ତାଙ୍କୁ ଏସ୍‌ଆଇଏଲ୍‌ଟିଟିର ଯୁଗ୍ମ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ସ୍ଥାନରେ ନବରଙ୍ଗପୁର ଏଡିଇଓ ଚକ୍ରଧର ବେହେରାଙ୍କୁ ପରୀକ୍ଷା ଉପନିୟନ୍ତ୍ରକ ଭାବେ ନିଯୁକ୍ତ କରାଯିବା ସହିତ ପରୀକ୍ଷା ନିୟନ୍ତ୍ରକ ଭାବେ ଭାରପ୍ରାପ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି। ଅନୁରୂପ ଭାବେ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫେଜ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କୁ ଏସ୍‌ଆଇଏଲ୍‌ଟିଟିର ସହ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି। ବହୁ ବର୍ଷରୁ ବୋର୍ଡରେ ଆସ୍ଥାନ ଜମାଇଥିବା ଅଧିକାରୀଙ୍କ ପ୍ରଶ୍ନପତ୍ର ଲିକ୍ ମାମଲାରେ ସମ୍ପୃକ୍ତି ଅଭିଯୋଗ ହେଉଥିବା ବେଳେ ବିଭାଗ ପକ୍ଷରୁ ଏହି ବଡ଼ଧରଣର ବଦଳି କରାଯାଇଛି। ଆଗକୁ ବୋର୍ଡ ସଭାପତିଙ୍କୁ ମଧ୍ୟ କାର୍ଯ୍ୟାନ୍ତର କରାଯାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

# ନୂଆଖାଇଁ ପର ଦିନ ହାଇକୋର୍ଟ ଛୁଟି

କଟକ, ୧୪।୮ (ସମିସ): ଅଗଷ୍ଟ ୨୯ ତାରିଖ ଶୁକ୍ରବାର ଦିନ ହାଇକୋର୍ଟ ଛୁଟି ରହିବ। ନୂଆଁଖାଇ ପର ଦିନ ଅଗଷ୍ଟ ୨୯ ତାରିଖକୁ ହାଇକୋର୍ଟ ପକ୍ଷରୁ ଛୁଟି ଭାବେ ଘୋଷଣା କରାଯାଇଛି। ଏହା ବଦଳରେ ସେପ୍ଟେମ୍ବର ୨୦ ତାରିଖ ଶନିବାରକୁ ହାଇକୋର୍ଟ ପାଇଁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି। ଏ ନେଇ ଆଜି ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଗଣେଶ ପୂଜା ଓ ନୂଆଁଖାଇ ପାଇ ଅଗଷ୍ଟ ୨୭ ଓ ୨୮ ତାରିଖ ହାଇକୋର୍ଟ ଛୁଟି ଥିଲା।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ ଜେଲ୍

କଟକ,୧୪।୮ (ସମିସ): ଜନୈକା ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ ମାମଲାରେ ମାହାଙ୍ଗା ଥାନା ଅନ୍ତର୍ଗତ ଅଞ୍ଚଳର ରଞ୍ଜିତ ଜେନା ଓରଫ ବୁଟୁନା(୨୪)କୁ ୨୦ ବର୍ଷ ଜେଲ ଦଣ୍ଡ ପ୍ରଦାନ କରିଛନ୍ତି କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଅଦାଲତ । ଅଦାଲତ ଆଇପିସିର ଦଫା ୩୬୩, ୩୭୬(୩) ଓ ପୋକସୋ ଆଇନର ଧାରା ୪ରେ ରଞ୍ଜିତକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି। ଏଥି ସହିତ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୩, ଡିସେମ୍ବର ୧୦ ତାରିଖ ଅପରାହ୍ନ ୪ଟାରେ ୧୩ ବର୍ଷିୟା ପୀଡ଼ିତା ଅନ୍ୟ ଜଣେ ସାଙ୍ଗ ସହିତ ଟିଉସନ ଯାଇ ଆଉ ଘରକୁ ନଫେରିବାରୁ ପରଦିନ ପୀଡ଼ିତାଙ୍କ ମା ସଦର ଥାନାରେ ଏ ନେଇ ଏତଲା ଦେଇଥିଲେ। ସଦର ଥାନା ପୁଲିସ ଏତଲା ପଞ୍ଜୀକରଣ କରିବା ପରେ ତଦନ୍ତ ସମୟରେ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ପୀଡ଼ିତାଙ୍କୁ ରଞ୍ଜିତ ଅପହରଣ କରିବା ପରେ ଏକ ସ୍ଥାନରେ ରଖି ଦୁଷ୍କର୍ମ କରିଥିବା ତଦନ୍ତ ବେଳେ ଜଣା ପଡ଼ିଥିଲା। ପୁଲିସ ରଞ୍ଜିତକୁ ଗିରଫ କରିଥିଲା ବେଳେ ଗତ ୨୦୨୪, ମାର୍ଚ୍ଚ ୧୪ରେ ଅଭିଯୁକ୍ତ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ଏହି ମାମଲାରେ ମେ ୮ରେ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତ ଚାର୍ଜଫ୍ରେମ କରିଥିଲେ। ଅଦାଲତରେ ମାମଲାର ଶୁଣାଣି ବେଳେ ପୀଡ଼ିତା, ଏତଲାକାରୀଙ୍କ ସମେତ ୯ଜଣଙ୍କ ପ୍ରସିକ୍ୟୁସନ ତରଫରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସହ ଗଣଶିକ୍ଷା ସଚିବଙ୍କ ଆଲୋଚନା

ଭୁବନେଶ୍ୱର, ୧୪।୮ (ସମିସ): ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ ଆଜି ଆଲୋଚନା କରିଛନ୍ତି। ଆଲୋଚନା ମଧ୍ୟରେ ୨୦୦୪ ରୁ ୨୦୧୪ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କ ୬ ବର୍ଷର ଚୁକ୍ତି ଅବଧିକୁ ନିୟମିତ ଭାବେ ଗଣନା କରି ୬ଟି ନେସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହାପରେ ଅର୍ଥ ବିଭାଗର ଅନୁମୋଦନ ପାଇଁ ପଠାଯିବ ବୋଲି ସଚିବ କହିଛନ୍ତି। ସେହିପରି ୧୯୯୩ ମସିହା କ୍ୟାଡର୍ ଉଚ୍ଛେଦ କରିବା ପାଇଁ ଡ୍ରାଫ୍ଟ କାର୍ଯ୍ୟ ସରିଛି; ଖୁବ୍‌ଶୀଘ୍ର ସମସ୍ତ ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପାଇଁ ଏକାବେଳେ ଲାଗୁ କରାଯିବ। ବିଶେଷ କରି ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନେ ମଧ୍ୟ ପ୍ରଧାନ ଶିକ୍ଷକ ହୋଇପାରିବେ ବୋଲି ସଚିବ ସୂଚନା ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ଅନୁରୂପ ଭାବେ ପ୍ରୋମସନ୍ ପାଇଁ ଗ୍ରେଡେସନ୍ ଲିଷ୍ଟ ଦୁଇସପ୍ତାହ ମଧ୍ୟରେ ପ୍ରକାଶ ପାଇବ। ବଦଳି ସୁବିଧା ଯଥା ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ଦମ୍ପତି ବଦଳି, ଏକାଧିକ ଥର ସହମତି ବଦଳିକୁ ଅଗ୍ରାଧିକାର ଦିଆଯିବ। ସ୍ୱାସ୍ଥ୍ୟ ବୀମା ପ୍ରଦାନ ସହ ୨୦୧୬ ବ୍ୟାଚ୍ ଶିକ୍ଷକଙ୍କ ବକେୟା ପାଉଣା, ଓଏସ୍‌ଏସ୍‌ଟିଇଟି ପାସ୍ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମିତ କରିବା, ଟିଜି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ୪୬୦୦ ଗ୍ରେଡ୍ ପେ, ବିଏ ବିପିଇଡି ଓ ସିପିଇଡି ଉତ୍ତୀର୍ଣ୍ଣଙ୍କୁ ୪୨୦୦ ଗ୍ରେଡ୍ ପେ ସହ ପୁରୁଣା ପେନସନ୍ ପରି ମୋଟ୍ ୧୩ଟି ଦାବି ଉପରେ ଆଲୋଚନା ହୋଇଥିବା ସଙ୍ଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଆଲୋଚନାରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କେରକେରାଙ୍କ ସମେତ ସଂଘର ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ।


GOVT OF ODISHA O-564

OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH

At/Po- Nabaghanpur, Dist.- Nayagarh, ph-06753-252049, Email: nayagarhrw2006@yahoo.in

No. Tender Online Nayagarh Divn. 03/2025-26, Date 06.08.2025

e-Procurement Notice

1. Name of the work : Building works.
2. Total No. of Projects : 05(Five) Nos of projects
3. Class of contractor
   a) Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
   c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.13.12 Lakhs to Rs.24.70 lakhs
5. Time for completion : 04(Four) & 03(Three) calendar month.
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 03/2025-26 | 21.08.2025 at 10.00 A.M | 04.09.2025 upto 5.30 P.M. | 06.09.2025 at 11.00 A.M |

Further details can be seen from the website www.tendersorissa.gov.in

OIPR-25106/11/0031/2526

Executive Engineer
Rural Works Division, Nayagarh



**AFFIDAVIT**

By virtue of an affidavit sworn before Executive Magistrate, Angul on dtd.02.08.2025, I Shreekanta Tripathy, S/o- Sheshadev Tripathy, At/Po./Ps./Dist.-Balangir- 767001 state that, I have changed my name from **Shrikant Tripathy** to **Shreekanta Kumar Tripathy**. Hence I shall be known as **Shreekanta Kumar Tripathy** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, PURI, dated 11/08/2025. I P.SONY RAO, Address JARAKATA SAHI,PURI declare that I have changed the name of my daughter from P.AISHWARAYA RAO to P NIHARIKA Henceforth,she shall be known as **P NIHARIKA** for all purposes.

P NIHARIKA

**AFFIDAVIT**

By virtue of an affidavit Sl No. 466, dtd- 5/8/2025 before the Executive Magistrate, Bisoi, Mayurbhanj. I, Saibu Soren, S/o Prasad Soren, resident of Vill-Jodia, Po- Sunajodia Ps- Bisoi, Dist- Mayurbhanj declare that in my Aadhar Card No. 7549 9427 5848 my name has been wrongly mentioned as Sana Saibu Soren instead of Saibu Soren. Now I want to change my name in the said Aadhaar Card. Henceforth, I am known as **Saibu Soren** in all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.08.2025, I Anu Nayak resident of Harijana Basti, Near Durga Mandap, Unit-6, Bhubaneswar, Dist- Khorda, Odisha, PIN-751001, declare that I have changed my name from Anu Dei to Anu Nayak. Henceforth I shall be known as **ANU NAYAK** for all purposes.

**AFFIDAVIT**

I, Kala Das Mohapatra, W/o – Lalatendu Das Mohapatra, resident of 35, Park Tower Apartment, Unit 6, Bhubaneswar-751001 declare by this affidavit No 21 dated 6.8.2025 that now onwards I shall be known as Kala Pattnaik for all future purposes.

**AFFIDAVIT**

I, Sanatana Sethi, age about 49 years, S/o- Nirakar Sethi, resident of Plot No. 173, Nuasahi, Siripur, Near City Womens College, Bhubaneswar, Dist-Khordha, PIN- 751003, Odisha declared by this affidavit No. 1633, dated-13.08.2025 that now onwards I shall be known as **SANATAN SETHI** for all future purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.08.2025, I Lily Raj resident of Suliapada, Guhaldiha, Po-Baghra, Dist-Mayurbhanj, Odisha, PIN-757022, declare that I have changed my name from Lily Majhi to Lily Raj. Henceforth I shall be known as **LILY RAJ** for all purposes.

**Notice (for Minor)**

By virtue of an affidavit sworn before Executive Magistrate, Begunia, dated 31.07.2025 I, Balaji Sahoo, Address At-Bagalpur,Po-Chakapada,Ps-Begunia,Dist-Khurda,Pin-752062 declare that I have changed the name of my son from Abhikit Sahoo to Abhijit Sahoo. Henceforth, he shall be known as Abhijit Sahoo for all purposes.

Balaji Sahoo

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, Affidavit No-103, on dated 11.08.2025, I Rama Krushna Padhy resident of S-3/563, Niladri Vihar, Near Pump House, Chandrasekharpur, Bhubaneswar, Dist- Khurdha, Odisha, PIN-751021, declare that I have changed the name of my Son from Ayusman Padhy to Ayushman Padhy . Henceforth, he shall be known as **AYUSHMAN PADHY** for all future purposes.

**AFFIDAVIT**

I, Kalandi Charan Sahoo, S/o- Pahali Sahoo, resident of Alana, Alanahat, Naugaon, Dist-Jagatainghpur, PIN-754107, Odisha declared by this affidavit No. 650, dtd- 12/08/2025 that now onwards I shall be known as **KALANDI SAHOO** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Umerkote, Nabarangpur, I Chinmayi Bachhar, W/o-Sekhar Bachhar resident of Vill.- Anchala, Po.- Ekamba, Ps.- Umerkote, Dist.- Nabarangpur, Odisha state that, I have changed my name from **CHINMAYEE BAIDYA** to **CHINMAYI BACHHAR**. Hence I shall be known as **Chinmayi Bachhar** for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-MSDAC-487, ତା.07.08.2025ରିଖ

କାର୍ଯ୍ୟର ନାମ : 36 ମାସ ନିମନ୍ତେ SIEMENS ଦ୍ୱାରା ନିର୍ମିତ ମଲ୍ଟି ସେକ୍ସନ ଡିଜିଟାଲ ଏକ୍ସେଲ କାଉଣ୍ଟର ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

ଟେଣ୍ଡର ମୂଲ୍ୟ (₹) : 70,51,290.12, EMD (₹): 1,41,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (₹) : 5,900.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.08.2025ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.08.2025 ରିଖ 1100 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-468/Q/25-26

**AFFIDAVIT**

By virtue of an affidavit before Executive Magistrate, Cuttack, Odisha.I, Adaitya Kumar Sahoo, S/o- Late Krushna Chandra Sahoo, Plot No-307/487, Paradipgarh, Jagatsinghpur, stated that in the MBPY book my name wrongly mentioned as Adwaita Sahoo instead of Adaitya Kumar Sahoo. So I declared by this affidavit dated 11 Aug 2025, Adwaita Sahoo and Adaitya Kumar Sahoo is one and same person. I shall be known as Adaitya Kumar Sahoo for all further purposes.

Sd/-Adaitya Kumar Sahoo.

**AFFIDAVIT**

I, Shek Azad, S/o- Sk Akbar, resident of At-Kanheipur, Po-Bhagatpur, Kotasahi, Dist- Cuttack, PIN-754022, Odisha declared by this affidavit No. 649, dtd-12/08/2025 that now onwards I shall be known as **SK AZAD** for all future purposes.

**AFFIDAVIT**

I, Shek Akbar, S/o- Sk Abdul Jabar, resident of Haladidiha, Bhadrak, Dist- Bhadrak, PIN-756100, Odisha declared by this affidavit No. 653, dtd-13/08/2025 that now onwards I shall be known as **SK AKBAR** for all future purposes.

**AFFIDAVIT**

I, Pritishree Chuadhary, D/o-Ramesh Chandra Panda, resident of H.N-81, Ramahari Nagar 2nd lane, Near Jenana Hospital, Brahmapur Sadar, Po-Berhampur, Dist- Ganjam, PIN- 760001, Odisha declared by this affidavit No. 654, dtd- 13/08/2025 that now onwards I shall be known as **PRITISHREE PANDA** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-10/08/2025. I, **Laxmipriya Sahoo** (new name) formerly called as **Rajani Sahu** (old name), W/o Bijaya Sahoo, Permanent resident of At-Habaleswar, P.O. Dimiria, P.S. Nandipada, Dist- Keonjhar (Odisha), PIN- 756121 now residing at the same place affirm that I have changed my name from **Rajani Sahu** (old name) to **Laxmipriya Sahoo** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Laxmipriya Sahoo** (new name).

Laxmipriya Sahoo

**AFFIDAVIT**

By virtue of an affidavit before The Notary Public, Titilagarh, on dated-04/08/2025. I, **Jhara Rana** (new name) formerly called as **Tilattama Rana** (old name), W/o Tulasiram Rana, Permanent resident of At-Patharla, P.O. Kholan, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Tilattama Rana** (old name) to **Jhara Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Jhara Rana** (new name).

Jhara Rana

# ଅଲଟ୍ରାଟେକ ସିମେଣ୍ଟ କାରଖାନା ସଂପ୍ରସାରଣ ପାଇଁ ସର୍ବସାଧାରଣ ଜନଶୁଣାଣି

ଝାରସୁଗୁଡ଼ା/କିର୍ମିରା,୧୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଓ ତହସିଲ ଅଧୀନ ଅର୍ଡା ଧୁତରା ଗାଁ ସ୍ଥିତ ଝାରସୁଗୁଡ଼ା ଅଲଟ୍ରାଟେକ ସିମେଣ୍ଟ ୱାର୍କସ ୟୁନିଟ ଠାରେ ନୂତନ ୩.୦ ନିୟୁତ ଟିପିଏ ସ୍ଥାପନ ଦ୍ୱାରା ସିମେଣ୍ଟ ଉତ୍ପାଦନ କ୍ଷମତାକୁ ୫.୧ ନିୟୁତ ଟିପିଏକୁ ବୃଦ୍ଧି କରିବା ଯୋଜନା ହେଉଛି । ଏଥି ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ ହେଉଥିବା ବେଳେ ସର୍ବସାଧାରଣ ଜନ ଶୁଣାଣି ହୋଇଛି । ଝାରସୁଗୁଡ଼ା ଜିଲ୍ଲା ଅର୍ଡା ମୌଜା ସ୍ଥିତ ୦.୮୦ ଏକର ଅଞ୍ଚଳ ଗୋଚର କିସମ ଜମିରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନିକ ଅଧିକାରୀ ଏଡିଏମ କିଶୋର ଚନ୍ଦ୍ର ସ୍ୱାଇଁ ଓ ଆଞ୍ଚଳିକ ପ୍ରଦୂଷଣ ବିଭାଗୀୟ ଅଧିକାରୀ ହିରଣ୍ୟ ନାୟକଙ୍କ ସାମୁଖ୍ୟରେ ଏହି ଜନଶୁଣାଣି ହୋଇଥିଲା । ଶୁଣାଣିରେ ଅର୍ଡା, ଧୁତରା, ଚମ୍ପାପଡା, ସିଆଳରମା, ବନ୍ଧପାଳି, ପୁଢ଼େଇଡିହି, ଭୂର୍ଷିମାଲ, ସାରସପାଳି ତଥା ଆଖପାଖ ଅଞ୍ଚଳର ଜନପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତଙ୍କ ସହ ଶତାଧିକ ଜନସାଧାରଣ ସାମିଲ ଥିଲେ । କାର୍ଯ୍ୟକ୍ରମରେ ଅର୍ଡା ସରପଞ୍ଚ ବିଣାପାଣୀ ପୋଢ, ପୂର୍ବତନ ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ, ପୂର୍ବତନ କିର୍ମିରା ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ କଳାର, ବନ୍ଧପାଳି ସରପଞ୍ଚ ତପି ମରେଇ, ଅଲଟ୍ରାଟେକ କାରଖାନା କର୍ମଚାରୀ ସଂଘ ସଭାପତି ସନ୍ତୋଷ ବାଗ, ଆଞ୍ଚଳିକ ବିକାଶ ପରିଷଦ ଅଧ୍ୟକ୍ଷ ଦୁଃଖବନ୍ଧୁ ବାଗ, ସିଆଳରମା ଗାନ୍ଧି କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପଦ୍ମଲୋଚନ ବୁଦୁଲା, ଶିକ୍ଷାବିତ ଗିରିଧାରୀ ପଟେଲ ପ୍ରମୁଖଙ୍କ ସହ ବହୁ ବ୍ୟକ୍ତି କାରଖାନା ସଂପ୍ରସାରଣ ସମ୍ବନ୍ଧରେ ମନ୍ତବ୍ୟ ଦେଇଥିଲେ । ଅର୍ଦ୍ଧାଧିକ ବ୍ୟକ୍ତି କାରଖାନା ସଂପ୍ରସାରଣ ସପକ୍ଷରେ ମତ ଦେଇଥିଲେ । ତେବେ ୧୯୮୯ରେ ପୂର୍ବତନ କଂଗ୍ରେସ ବିଧାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଦ୍ୱାରା ପ୍ରତିଷ୍ଠିତ ଲାର୍ସ ନ ଟୁର୍ବୋ (ଏଲଏଣ୍ଟି) ସିମେଣ୍ଟ କାରଖାନା ଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସମ୍ଭାବ୍ୟ ଉନ୍ନତି ହୋଇ ପାରି ନାହିଁ ବୋଲି ମତ ପ୍ରକାଶ ପାଇଥିଲା । ପୂର୍ବରୁ ଏଲଏଣ୍ଟି ଏବେ ଅଲଟ୍ରାଟେକ ସିମେଣ୍ଟ କାରଖାନା ହୋଇଛି । ଝାରସୁଗୁଡ଼ା ଜିଲ୍ଲା ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଢ଼ି ଉଠୁଥିବା ଅନେକ କଳକାରଖାନା ଯୋଗୁଁ ମାଟି, ପାଣି, ପବନ ପ୍ରଦୂଷଣ ହେଉଛି । ଏକ୍ଷେତ୍ରରେ ଲୋକଙ୍କୁ ବିଶୁଦ୍ଧ ଜଳ, ବୃକ୍ଷରୋପଣ, ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥାର ସୁଧାର ସହ ଅଲଟ୍ରାଟେକ କାରଖାନାର ସଂପ୍ରସାରଣ ସମୟରେ ସ୍ଥାନୀୟ ନିଯୁକ୍ତି ପ୍ରତି ଧ୍ୟାନ ଦେବାକୁ ମତ ପ୍ରକାଶ ପାଇଥିଲା ।

# ବସୁନ୍ଧରା ନଦୀ ଉଦ୍ଧାର, ଅନ୍ୟ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କ ସହ ବୈଠକ

ଝାରସୁଗୁଡ଼ା,୧୪।୮ (ସମିସ)



ରାଜପୁର ପଞ୍ଚାୟତ ସମେତ ଅଞ୍ଚଳର ଜୀବନରେଖା କୁହାଯାଉଥିବା ବସୁନ୍ଧରା ନଦୀ ଧୀରେ ଧୀରେ ନିଜର ସତ୍ତା ହରାଇବାକୁ ବସିଲାଣି । ଏହାକୁ ନେଇ ରାଜପୁର ସରପଞ୍ଚ ସରସ୍ୱତୀ ନାୟକଙ୍କ ସମେତ ରାଜପୁର, ବଘରାଚକା, ଆର କଣ୍ଟାପାଲି ଗ୍ରାମବାସୀ ଏବଂ ସ୍ଥାନୀୟ ସଚେତନ ନାଗରିକ ପ୍ରଶାସନ ନିକଟରେ ଅନେକ ଦିନ ଧରି ଅଭିଯୋଗ କରି ଆସୁଛନ୍ତି । ସ୍ଥାନୀୟ ଜନସାଧାରଣ ବସୁନ୍ଧରା ନଦୀର ସମସ୍ୟା ସହିତ ପ୍ରଦୂଷଣ ଏବଂ ଏନଟିପିସି ଦରଲିପାଲି ଓ ବିଭିନ୍ନ କମ୍ପାନୀର ଭାରୀଯାନ ଓ ବାଲି ଚୋରାଚାଲାଣ ନେଇ ବାରମ୍ବାର ଅଭିଯୋଗ କରିଛନ୍ତି । ସମସ୍ୟାର ସମାଧାନ ପାଇଁ ଗୁରୁବାର ଉପଜିଲ୍ଲାପାଳ ଅଧ୍ୟକ୍ଷତାରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ସୁପ୍ରିଟେଣ୍ଡିଙ୍ଗ ଇଞ୍ଜିନିୟର ମେନ ଡ୍ୟାମ ବୁର୍ଲା, ଝାରସୁଗୁଡା ତହସିଲଦାର, ଆର୍ଟିଓ ଝାରସୁଗୁଡ଼ା, ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଝାରସୁଗୁଡା ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜପୁର ପଞ୍ଚାୟତ ଦେଇ ଯାଉଥିବା ଦୁଇଟି ନଦୀ ବସୁନ୍ଧରା ଓ ଇବ ନଦୀ ଅଟେ । ଏହି ଦୁଇ ନଦୀ ମଧ୍ୟରୁ ବସୁନ୍ଧରା ନଦୀରେ କ.ଖ.ଗ. ନାମ ଦେଇ ଲିଜ ଦିଆ ଯାଇଥିଲା । ଯେଉଁଥିରୁ ବେଆଇନ ଭାବେ ବାଲି ଉଠାଣ ହେଉଥିବା ନେଇ ଅଭିଯୋଗ ରହିଛି । ଯାହା ଦ୍ୱାରା ନଦୀ ମଝିରେ ଟାପୁ ପରି ଘଞ୍ଚ ଜଙ୍ଗଲ ହୋଇଛି । ନଦୀରେ ମଧ୍ୟ ଘଞ୍ଚ ଜଙ୍ଗଲ ହୋଇ ବସୁନ୍ଧରା ନଦୀର ଜଳ ପ୍ରବାହକୁ ବାଧିତ କରୁଛି । ଦିନକୁ ଦିନ ବସୁନ୍ଧରା ନଦୀର ଧାର କମିବାକୁ ବସିଲାଣି । ଏଣୁ ଉଭୟ ନଦୀରୁ ଟାପୁ ପରି ଥିବା ମାଟି ଓ ଘଞ୍ଚ ଜଙ୍ଗଲକୁ ସଫା କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଆସୁଛି । ଗୁରୁବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏନେଇ ବୈଠକ ହୋଇଥିଲା । ସମସ୍ତ ବିଭାଗର ମିଳିତ କମିଟି ନଦୀର ଅବସ୍ଥା ସମ୍ପର୍କରେ ପରିଦର୍ଶନ କରିବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି ।

ଏହା ସହିତ ବେଆଇନ ଭାରୀଯାନ ଚଳାଚଳକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଝାରସୁଗୁଡା ଆର୍ଟିଓ ପ୍ରତିଶ୍ରୁତି ଦେଇଥିବା ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ସୂଚନା ଦେଇଛନ୍ତି । ବୈଠକରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀ, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ପ୍ରବୀଣ ଦେଓ, ଗଦାଧର ରାୟ, ସୁଜାତା ପାଟଯୋଶୀ, ସୁବ୍ରତ ସେଠ, ୱାର୍ଡ ସଭ୍ୟା ଜେମା ମଲ୍ଲିକ, ସୁଶୀଲ ବେହେରା, ମମତା ମେହେରଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# ବ୍ରଜରାଜନଗରରେ ତ୍ରିରଙ୍ଗା ଯାତ୍ରା



ଝାରସୁଗୁଡ଼ା,୧୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଝାରସୁଗୁଡ଼ା ଜିଲ୍ଲା ଗାନ୍ଧୀ ଛକରୁ ବ୍ରଜରାଜନଗର କଲେଜ ଯାଏଁ ଭବ୍ୟ ତ୍ରିରଙ୍ଗା ଯାତ୍ରା ହୋଇଥିଲା । ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶତାଧିକ ଲୋକଙ୍କ ଗହଣରେ ବାଇକ ରାଲି କରାଯାଇଛି । ହାତରେ ପତାକା ଧରି ଭାରତ ମାତାର ଜୟଗାନ କରି ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବା ବୀର ମାନଙ୍କୁ ସ୍ମରଣ କରାଯାଇଛି । ସେହିପରି 'ମାଙ୍କ ନାମରେ ଗଛଟିଏ' କାର୍ଯ୍ୟକ୍ରମ ମାଧ୍ୟମରେ ଚାରାରୋପଣ କରାଯାଇଛି । ତ୍ରିରଙ୍ଗା ଯାତ୍ରା ଏବଂ ଚାରାରୋପଣ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଯୁବ, ବୟସ୍କ ସାମିଲ ହୋଇଥିଲେ ।

# ଝାରସୁଗୁଡ଼ା ଜିଲ୍ଲା ତରଫରୁ ନିଯୁକ୍ତି ସୁଯୋଗ

ଇବଥର୍ମାଲ,୧୪।୮ (ସମିସ): ଝାରସୁଗୁଡା ଜିଲ୍ଲାପାଳଙ୍କ ଅଭିନବ ପ୍ରୟାସରେ ଦଶମ ଏବଂ ଦ୍ୱାଦଶଶ୍ରେଣୀ ପରେ ପାଠପଢ଼ା ବନ୍ଦ କରିଥିବା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ଦେବାପାଇଁ ବନ୍ଧବାହାଲ ହାଇସ୍କୁଲରେ ଗୁରୁବାର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠିରୁ ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜେମେଣ୍ଟ ବଲାଙ୍ଗିର ସହ ସହମତିରେ ସେହି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଏବଂ ଡିପ୍ଲୋମା କୋର୍ସ କରାଇବା ନିଯୁକ୍ତି ଯୋଗ୍ୟ କରିବାକୁ ପ୍ରୟାସ କରାଯାଇଛି । ବଲାଙ୍ଗିରର ହୋଟେଲ ମ୍ୟାନେଜେମେଣ୍ଟ ପ୍ରତିଷ୍ଠାନରୁ ରଞ୍ଜନ ସ୍ୱାଇଁ ଓ ବିଜୟ ବେହେରା ଆସି ପରାମର୍ଶ ଦେଇଥିଲେ । ଲଖନପୁର ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମସାଗର ଚୌଧୁରୀ ଛାତ୍ରଛାତ୍ରୀଙ୍କୁ ଏହାର ସୁଯୋଗ ନେବାପାଇଁ କହିଥିଲେ । କାଉନସେଲିଂରେ ଲଖନପୁର ବ୍ଲକ୍‌ରୁ ମୋଟ ୨୪ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ନିଜ ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀ ସିଆରସିସି ମାନଙ୍କ ଯୋଗାଯୋଗରେ ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ । ବନ୍ଧବାହାଲ ହାଇସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ବଳିଆର ସିଂ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । ସିଆରସିସି ତୀର୍ଥବାସୀ ପଧାନ ପରିଚାଳନା କରିଥିଲେ । ଭିକମପାଲି ସିଆରସିସି ମନୋହର ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରଜରାଜନଗର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ଝାରସୁଗୁଡ଼ା,୧୪।୮ (ସମିସ): ଅଞ୍ଚଳର ସର୍ବ ବୃହତ୍ ଉଚ୍ଚ ଶିକ୍ଷାନୁଷ୍ଠାନ ବ୍ରଜରାଜନଗର ମହାବିଦ୍ୟାଳୟର ୪୮ ତମ ପ୍ରତିଷ୍ଠା ଦିବସ ଗୁରୁବାର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ମହାସମାରୋହ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ପରଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପିକା ଡ.ଋତୁପର୍ଣ୍ଣା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଏମସିଏଲ ଇବ ଭ୍ୟାଲି ଏରିଆ ମହା ପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ ଯୋଗ ଦେଇଥିଲେ । ମହାବିଦ୍ୟାଳୟ ତରଫରୁ ଯୁକ୍ତ ତିନି ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ସମ୍ମାନ ବିଭାଗରେ ଟପ୍ପର କରିଥିବା ରାକ୍ଷୀ କଣ୍ଟା ଏବଂ ଯୁକ୍ତ ଦୁଇ ପରୀକ୍ଷାରେ କଳା, ବିଜ୍ଞାନ ଏବଂ ବାଣିଜ୍ୟରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଟହଲୁ ସାହୁ, ପ୍ରଫେସର ପ୍ରତାପ ବେହେରା, ଡ.ବିଶ୍ୱଜିତ ଖମାରୀ, ସମୀର ରଞ୍ଜନ ନାୟକଙ୍କ ସମେତ ବ୍ରଜରାଜନଗର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ । ଏହି ଅବସରରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ.ପୁଷ୍ପାଞ୍ଜଳି ସାହୁ ତଥା ଅଧ୍ୟାପକ ଲୁଗୁ ଚରଣ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମର କରାଯାଇଥିଲା । ମନ୍ତ୍ରୀ ଶ୍ରୀ ପୂଜାରୀ ଏବଂ ସମ୍ମାନିତ ଅତିଥି ବୃକ୍ଷରୋପଣ କରିଥିଲେ । ପ୍ରାଧ୍ୟାପକ ତଥା ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ, ପ୍ରାଧ୍ୟାପକ ଭାଗିରଥି ତ୍ରିପାଠୀ, ସଞ୍ଜୀବ ନାୟକ, ବିକ୍ରମ ପ୍ରଧାନ, ଅଧ୍ୟାପିକା ଲଳିତା ପ୍ରଧାନ, ପଦ୍ମାବତୀ ମହାପାତ୍ର, ଦୀପିକା କେରକେଟା, ଶ୍ୟାମା ଯାଦବ, ସସ୍ମିତା ତ୍ରିପାଠୀ, ନଗମା ନିଶା ନନ୍ଦ, ଚାନ୍ଦିନୀ ବିଶ୍ୱାଳ, ଅଧ୍ୟାପକ ଶ୍ରୀକର ଭୋଇ, ବିକାଶ ନାୟକ, ଅଜୟ ଦୀପ, ସୁମିତ ତିର୍କି, ଅନୁପ ଗୁଲସନ ଲାକ୍ରା, ସୌମ୍ୟରଞ୍ଜନ ସାହୁ, ଡ.ହରିଶ ଭଙ୍ଗର, ଡ.ହରି ଶଙ୍କର ପାଣ୍ଡେ, ଶିବା ତ୍ରିବେଦୀ, ଡିକେ ସୂତାର, ଏନଜି ପଣ୍ଡା, ଆଶିଷ ଅବସ୍ଥି, ମନୋଜ ପାଟଯୋଶୀ, ପ୍ରକାଶ ପଟ୍ଟନାୟକ, ସମେତ ଅନ୍ୟାନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀଙ୍କ ସହଯୋଗ ରହିଥିଲା ।

# ଜାଲ୍ ଦସ୍ତଖତରେ ଟଙ୍କା ଉଠାଣ, ୨ ଗିରଫ

ଝାରସୁଗୁଡ଼ା,୧୪।୮ (ସମିସ): ଚେକ୍‌ରେ ଜାଲ ଦସ୍ତଖତ କରି ଟଙ୍କା ଉଠାଣ ଅଭିଯୋଗରେ ଦୁଇ ଜଣ ଅଭିଯୁକ୍ତଙ୍କୁ ରେଙ୍ଗାଲି ପୁଲିସ ଗୁରୁବାର ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ଝାରୁପଡ଼ାର ବନିତା ନାଏକ ଏବଂ ଭେଡେନର ଉଦିତ ବାଗ ବୋଲି ପୁଲିସ ସୂଚନା ଦେଇଛି । ପଲସଦା ଜିପିଏଲଏଫରେ ମହିଳା ଏସଏଚଜି ଗ୍ରୁପ ଗୁଡିକୁ ଋଣ ଦେବା ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ଟଙ୍କା ମଧ୍ୟରୁ ୨୯ ଲକ୍ଷ ୬୨ ହଜାର ୬୧୦ ଟଙ୍କା ଅଭିଯୁକ୍ତମାନେ ଜାଲ ଦସ୍ତଖତରେ ଉଠାଣ କରିଥିଲେ । ଏନେଇ ପଲସଦା ଜିପିଏଲଏଫର ସଭାପତି ମମତା ପଟୁଆ ଗତ ୧୩ ତାରିଖ ରେଙ୍ଗାଲି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ପଲସଦା ଜିପିଏଲଏଫରେ ୬୫ଟି ଏସଏଚଜି ଗ୍ରୁପ ଥିବା ବେଳେ ୨ଟି ଆକାଉଣ୍ଟ ରହିଛି । ଆକାଉଣ୍ଟ ନମ୍ବର (୦୦୦୦୦୧୨୦୬୧୦୩୯୫୭୪) ଓ (୦୦୦୦୦୮୪୦୪୩୨୮୮୧୫୨)ରେ ଏସଏଚଜି ଗ୍ରୁପ ଗୁଡିକ ପାଇଁ ଋଣ ରାଶି ଆସିଥାଏ । ଏହି ଆକାଉଣ୍ଟ ଗୁଡିକର ତଦାରଖ କରିବା ପାଇଁ ଝାରୁପଡା ଗାଁର ବିନିତା ନାଏକଙ୍କୁ ବ୍ଲକ୍ ପକ୍ଷରୁ ୨୦୨୧ ମସିହାରେ ଏମବିକେ ଭାବେ ନିଯୁକ୍ତି ଦିଆଯାଇଥିଲା । ସେହିଦିନ ଠାରୁ ଜିପିଏଲଏଫର ସମସ୍ତ କାଗଜପତ୍ର, ଚେକ ବୁକ, ସିଲ ମୋହର ବନିତାଙ୍କ ପାଖରେ ରହୁଥିଲା । ଏହାର ସୁଯୋଗ ନେଇ ବନିତା ଏବଂ ତାଙ୍କର ସାଥି ମାନେ ଜାଲ ଦସ୍ତଖତ କରି ଚେକ୍ ମାଧ୍ୟମରେ ୨୯ ଲକ୍ଷ ୬୨ ହଜାର ୬୧୦ ଟଙ୍କା ଉଠାଣ କରିଥିଲେ । ଟଙ୍କା ଉଠାଣ ନେଇ ଜିପିଏଲର ସଦସ୍ୟମାନେ ବ୍ୟାଙ୍କ ନିକଟରରୁ ଜାଣିବା ପରେ ରେଙ୍ଗାଲି ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ବନିତା ଏବଂ ତାଙ୍କ ସହଯୋଗୀ ଉଦିତକୁ ଗିରଫ କରିଛି ।

# ସିମ୍ କାର୍ଡ ଫେରାଇବା ବାହାନାରେ ଡାକି ମହିଳାଙ୍କୁ ଦୁଷ୍କର୍ମ

ରିଆମାଳ,୧୪।୮ (ସମିସ): ରିଆମାଳ ବ୍ଲକ୍ କୁଣ୍ଢେଇଗୋଲା ଥାନା ଅଞ୍ଚଳରେ ଜଣେ ୩୫ ବର୍ଷୀୟ ବିବାହିତା ମହିଳାଙ୍କୁ ସିମକାର୍ଡ ଫେରାଇବା ବାହାନାରେ ଡାକି ଦୁଷ୍କର୍ମ କରିବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ବଡଛାପଲ ଗାଁର ମୋହନ କିଷାନ(୩୫) ବୋଲି ଜଣାପଡ଼ିଛି । ମୋହନ ଉକ୍ତ ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ନିକଟରୁ ସିମ୍ କାର୍ଡ ଆଣି ବ୍ୟବହାର କରୁଥିଲେ । ଗତ ଅଗଷ୍ଟ ୯ ତାରିଖ ଦିନ ମଧ୍ୟାହ୍ନ ସମୟରେ ନିକଟସ୍ଥ ଜଙ୍ଗଲକୁ ସିମ୍ କାର୍ଡ ଫେରାଇ ଦେବାକୁ କହି ମହିଳାଙ୍କୁ ଡାକିଥିଲା । ମହିଳା ଜଣଙ୍କ ଆସିବାରୁ ତାଙ୍କୁ ଦୁଷ୍କର୍ମ କରିଥିବା ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । କୁଣ୍ଢେଇଗୋଲା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରି ସମସ୍ତ ପ୍ରମାଣପତ୍ର ପାଇବା ପରେ ମୋହନକୁ ଗିରଫ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଆଜି କୋର୍ଟ ଚାଲାଣ କରାଯାଇଛି ।

# ଜମେରା ଇବ୍ ଘାଟରୁ ବାଲି ଚୋରି

ଝାରସୁଗୁଡ଼ା,୧୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲାରେ ବାଲି ମାଫିଆ ବେଲଗାମ ହୋଇଛନ୍ତି । ଦିନରାତି ବେଆଇନ ଭାବେ ବାଲି ଚୋରି କରୁଛନ୍ତି । ଝାରସୁଗୁଡ଼ା ସଦର ବ୍ଲକ୍ ଜମେରା ସ୍ଥିତ ଇବ ନଦୀ ଘାଟରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚୋରି ହେଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ନିଲାମ କରାଯାଇ ନ ଥିବା ଏହି ବାଲିଘାଟ ରାଜ୍ୟ ସରକାରଙ୍କ ଖଣି ବିଭାଗ ପାଖରେ ରହିଛି । ହେଲେ ବାଲି ମାଫିଆ ମାନେ ଦିନରାତି ନଦୀ ଭିତରେ ଜେସିବି ଏବଂ ହାଇୱା ଲଗାଇ ଶହ ଶହ ଟ୍ରିପ ବାଲି ନିର୍ଭୟରେ ଚୋରି କରିବା ସହ ଚଢ଼ା ଦରରେ ବିକ୍ରି କରୁଛନ୍ତି । ଏହି ବାଲି ଚୋରି ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି । ଇବ ନଦୀ ସହ ଲଇକେରା ବ୍ଲକ୍‌ର ତେଲେନ ନଦୀର ବିଭିନ୍ନ ଘାଟରୁ ବାଲି ଚୋରି ହେଉଥିବା ବେଳେ ତେଲେନ ନଦୀର ରେଙ୍ଗାଲିମାଲ ଭୁଲିଆଡିହି ଅଞ୍ଚଳରୁ ବହୁ ମାତ୍ରାରେ ବାଲି ଚୋରି ହେଉଥିବା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି ।

# ବିଭାଜନ ବିଭୀଷିକା ସ୍ମୃତି ଦିବସ

ଝାରସୁଗୁଡ଼ା,୧୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌରପରିଷଦ କଲ୍ୟାଣ ମଣ୍ଡପରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ପ୍ରମୋଦ ସେନାପତି, ମୋନାଲିସା ମୋଦକ, ସଞ୍ଜୟ ସିଂ, ତପନକାନ୍ତ ଜେନା ପ୍ରମୁଖଙ୍କ ସହ ବିଜେପି କର୍ମୀ ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଂସ୍କୃତ ଦିବସ

ବରଗଡ଼,୧୪।୮ (ସମିସ)

ଖୁଣ୍ଟପାଲି ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ସଂସ୍କୃତ ଦିବସ ପାଳିତ ହୋଇଛି । ସଂସ୍କୃତ ଶିକ୍ଷକ ମହେନ୍ଦ୍ର ସେଠଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ହିମାଂଶୁ ପଧାନ, ଲକ୍ଷ୍ମଣ ମାଝୀ, ଟଂକୁରାଣୀ ପାତ୍ର, ସୁଜାତା ସାହୁ, ନିଶି ଭୋଇ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସଂସ୍କୃତ ଦିବସ ତଥା ସଂସ୍କୃତ ସପ୍ତାହ ପାଳନ ସମ୍ପର୍କରେ ବକ୍ତବ୍ୟ ରଖି 'ସଂସ୍କୃତ ଭାଷା ବଞ୍ଚିଲେ, ସଂସ୍କୃତ ବଞ୍ଚିବ ବୋଲି କହିଥିଲେ । ସମ୍ଭାଷଣରେ ଲକି ଖମାରୀ, ପ୍ରିତମ ସାହୁ, ପୂଜା ମାଝୀ ଏବଂ ସଂଗୀତରେ ରୀତା ସାହୁ, ପ୍ରିତମ ସାହୁ ଏବଂ ଲକି ଖମାରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶ୍ଳୋକ ଆବୃତ୍ତିରେ ଲୁସି ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଶେଷରେ ଶିକ୍ଷକ ନିଶି ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ବରଗଡ଼:** ବରଗଡ଼ର ସର୍ବ ପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ସଭାପତିତ୍ୱରେ ସଂସ୍କୃତ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ସୁରେଶ ଦାଶ ଏହାର ପରିଚାଳନା କରିଥିବା ବେଳେ



ସଂସ୍କୃତ ଶିକ୍ଷୟିତ୍ରୀ ମଧୁମିତା ପୁରୋହିତ ଦେବ ଭାଷା ସଂସ୍କୃତର ମହନିୟତା ଉପରେ ଆଲୋକପାତ କରିଥିଲେ । ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ସଞ୍ଜୁବାଳା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

**ବରଗଡ଼:** ସଂସ୍କୃତ ସପ୍ତାହ ପାଳନ ଅବସରରେ ରାଣା ପ୍ରତାପ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତ ସୁରକ୍ଷା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର ଅଧ୍ୟକ୍ଷ ଗୁରୁ ପ୍ରମୋଦ ଦାଶ ଯୋଗ ଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରୀ ଭଟଲି ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରି ସଂସ୍କୃତ ଭାଷା ସୁରକ୍ଷା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ । ଉଦ୍‌ଯାପନୀ ସଭାରେ ମୁଖ୍ୟ ବକ୍ତା ଭାବେ ସଂସ୍କୃତି ସଂସ୍କୃତ ସୁରକ୍ଷା ମଞ୍ଚ ଆବାହକ କପିଳ ବାଗ ଯୋଗଥିଲେ । ବିଶିଷ୍ଟ ଅତିଥି ଡ.ଡୋଳାମଣି ଶତପଥୀ, ଶିକ୍ଷୟିତ୍ରୀ ଗୀତା ଜାଲ, ବବିତା ନାଏକ, ତପସ୍ୱିନୀ ତ୍ରିପାଠୀ ଭାରତୀ ସେଟ୍ ନନ୍ଦିତା ସାହୁ,



ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା 'ନିଶା ନିବାରଣମ୍' ସଂସ୍କୃତ ନାଟକ ମଞ୍ଚସ୍ଥ ହୋଇଥିଲା । ନାଟକରେ ଛାତ୍ରୀ ଶାଲିନୀ ସା, ରିତିକା ସା, ମୁସ୍କାନ ସା, ଶିମ୍ରନ ବେହେରା, ସିମ୍ରନମାଲି, କ୍ରିଷ୍ଟିନା ମେହେର, ଚିନ୍ମୟୀ ନାଏକ, ସୌମ୍ୟା ରଥ, ଆସ୍ଥା ଭିତିରିଆ, ସୌଦାମିନି ଗଡ଼ତିଆ, କୃତ୍ତିକା ବେହେରା, ପିହୁ ଦୀପ ପ୍ରମୁଖ ଅଭିନୟ କରିଥିଲେ । ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

**ପଦ୍ମପୁର:** ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳନ କରାଯାଇଛି । ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ । ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ସଂସ୍କୃତ ଅଧ୍ୟାପକ ପ୍ରଭାତ ମହାପାତ୍ର ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଖୁସବୁ ବରିହା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିକ୍ଷୟିତ୍ରୀ ରବୀନା ପଧାନ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ସୁରେଶ ଚନ୍ଦ୍ର ଚୌହାନ, ସଭାପତି ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ପ୍ରଭାତ ମହାପାତ୍ର ସଂସ୍କୃତ ଭାଷାକୁ ଜୀବିତ ରଖିବା ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିଲେ । ସଂସ୍କୃତ ଦିବସ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ଶିକ୍ଷୟିତ୍ରୀ ପୂଜାରାଣୀ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ । ବିଦ୍ୟାଳୟର ଜ୍ୟୋସ୍ନାରାଣୀ ସାହୁ, ମାନସରଞ୍ଜନ ଶତପଥୀ, ସଂଯୁକ୍ତା ଭୋଇ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନିଳୀମାରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳା କୁମ୍ଭାର, ପ୍ରଭାସିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

**ପଦ୍ମପୁର:** ମହିଳା ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷା କଳ୍ପନାରାଣୀ ନାଥ ଏଥିରେ ସଭାପତିତ୍ୱ କରିଥିଲେ । ସଂସ୍କୃତ ବିଭାଗର ମୁଖ୍ୟ ସରିତାରାଣୀ ପ୍ରଧାନ ସଂସ୍କୃତ ଭାଷା ସବୁ ଭାଷାର ଜନନୀ ବୋଲି କହିଥିଲେ । ଅଧ୍ୟାପକ ଅନିଲ ପୁରୋହିତ ସଂସ୍କୃତ ଭାଷା କେବଳ ପଣ୍ଡିତ ମାନଙ୍କର ଭାଷା ନୁହଁ, ଏହା ଏକ ସାର୍ବଜନୀନ ଭାଷା ବୋଲି କହିଥିଲେ । ପ୍ରଥମ ବର୍ଷର ଛାତ୍ରୀ ରୁନୁ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଅନିଲ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ ।

**ଆମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଜନତା ହାଇସ୍କୁଲ ଭୁକ୍ତାରେ ବିଦ୍ୟାଳୟ ସ୍ତରୀୟ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଓ ଶିକ୍ଷକ ଶ୍ରୀପତି ସାହୁଙ୍କ ସଂଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଶ୍ରୀ ସାହୁ ଓ ସଞ୍ଜୟ ଖମାରୀ ସମସ୍ତ ଭାଷା ସଂସ୍କୃତ ଭାଷାରୁ ଉଦ୍ଭୃତ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆୟୋଜିତ ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ ନୀହାରିକା ସାହୁ, ଜାଗୃତି ପଟେଲ ଏବଂ ପ୍ରିୟ ଦର୍ଶନୀ ଦେହେରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସଂସ୍କୃତ ନୃତ୍ୟଗୀତ ମାଧ୍ୟମରେ ବିଜିତା ସାହୁ, ରୋଶନୀ ସା, ରୋଶନୀ ପଟେଲ୍ ଓ ହୀନା ସା ଅଭିନୟ କରିଥିଲେ । ସମସ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଂସ୍କୃତ ସପ୍ତାହ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଈଶ୍ୱର ପ୍ରଧାନ, ତେଜରାମ ସା, ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ପ୍ରଶାନ୍ତ ମହାପାତ୍ର, ପଦ୍ମଲୋଚନ ବିଶି, ଈଶ୍ୱର ପଧାନ, ଶିକ୍ଷୟିତ୍ରୀ ରାଜ ଭୁଏ ଏବଂ ଅନୀତା ପଧାନ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ଦହିତା:** ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ ଦହିତା ଠାରେ ସଂସ୍କୃତ ସପ୍ତାହର ଉଦ୍‌ଯାପନୀ ଉତ୍ସବ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୱାନ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଂସ୍କୃତ ଶିକ୍ଷକ ତ୍ରିଲୋକେଶ ବରିହାଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ଅତିଥି ଆଚାର୍ଯ୍ୟ ଶାସ୍ତ୍ରୀଙ୍କ ପୌରୋହିତ୍ୟରେ, ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ସଂସ୍କୃତ ଶିକ୍ଷକ ବରିହା କର୍ତ୍ତା ଭାବେ ରହି ଏକ ଯଜ୍ଞ



ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ଅଞ୍ଜଳି ବେହେରା, ପୂଜା ସାହୁ, ମନୀଷା ବେଶ୍ରା, କ୍ଷୀରୋଦ୍ ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରଧାନଶିକ୍ଷକ ଆଚାର୍ଯ୍ୟଙ୍କୁ ଧନ୍ୟବାଦ ଅର୍ପଣ ସହ କୃତଜ୍ଞତା ଜ୍ଞାପନ କରିଥିଲେ । ଶିକ୍ଷକ କିଶୋର କୁମ୍ଭାର, ଦୀପକ ସିଂ ବରିହା, ପୁରନ୍ଦର ଭୋଇ, କସ୍ତୁଭମ୍ ମିଶ୍ର, ତୁଷାର ରଞ୍ଜନ ପାଣିଗ୍ରାହୀ, ଶିକ୍ଷୟିତ୍ରୀ ରେବତୀ ବିଶି, ସୋନାଲିକା ଶବରଙ୍କ ସମେତ ପୂରନ୍ ବାଗ ଭାଇ ଓ ପାଚିକା ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

**ସୋହେଲା:** ସୋହେଲା ମହାବିଦ୍ୟାଳୟ ପରିସରରେ ସଂସ୍କୃତ ସପ୍ତାହ ପାଳିତ ହୋଇଛି । ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଡ.ରମେଶ ଚନ୍ଦ୍ର ସୂପକାରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ମେଲଛାମୁଣ୍ଡା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ମହେଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରୀ ନିମା କାଣ୍ଡ ଏବଂ ଶ୍ରାବଣୀ ବୁଡେକ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । କଲେଜ ଅଧ୍ୟକ୍ଷ ଡ.ରବୀନ୍ଦ୍ର ମିଶ୍ର ଛାତ୍ରଛତ୍ରୀଙ୍କୁ ସଂସ୍କୃତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ମୌସୁମୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚକ୍ଷୁ ଚିକିତ୍ସାଳୟରେ ଲାୟନ୍ସ କ୍ଲବ୍ ପକ୍ଷରୁ ଖାଦ୍ୟ ବଣ୍ଟନ

ବରଗଡ଼, ୧୪।୮ (ସମିସ): ବରଗଡ଼ ଲ'କଲେଜ ନିକଟସ୍ଥ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି । ଏହା ପୂର୍ବରୁ ସକାଳ ଜଳଖିଆ ମଧ୍ୟ ବଣ୍ଟନ କରାଯାଇଥିଲା । କ୍ଲବ୍ ପକ୍ଷରୁ ମଲ୍ଲିକାର୍ଜୁନ ରାଓ ନିଜର ଜନ୍ମ ଦିବସ ଉପଲକ୍ଷେ ଏହାର ଆୟୋଜନ କରିଥିଲେ । ଏଥିରେ ଦୀପକ ବଲୋଦିଆ, ବୟନିକା ଡାଇରେକ୍ଟର ସଞ୍ଜୟ ମେହେର, ପ୍ରତାପ ନାଏକ, ମନୋଜ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସମ୍ପାଦକ ଅଭୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ୍‌ର 'ଷ୍ଟେ ଫିଟ୍, ଷ୍ଟେ ହେଲ୍‌ଦି' କାର୍ଯ୍ୟଶାଳା

ବରଗଡ଼, ୧୪।୮ (ସମିସ): ବରଗଡ଼ ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ୍‌ର ପକ୍ଷରୁ 'ଷ୍ଟେ ଫିଟ୍, ଷ୍ଟେ ହେଲ୍‌ଦି' ବିଷୟରେ କାର୍ଯ୍ୟଶାଳାର ଆୟୋଜିତ ହୋଇଯାଇଛି । ଏଥିରେ ୫୦ରୁ ଅଧିକ ଲୋକ ସମ୍ମିଳିତ ହେଇଥିଲେ । କାର୍ଯ୍ୟଶାଳାରେ ସର୍ଟିଫାଇଡ ଏଡଭାନ୍ସଡ୍ ଫିଜିକାଲ୍ ଟ୍ରେନର୍ ଓ ନ୍ୟୁଟ୍ରିସନିଷ୍ଟ ବୈଲୋଚନ ସ୍ୱାସ୍ଥ୍ୟରକ୍ଷା ପାଇଁ ପ୍ରୟୋଜନୀୟ ଉପାୟ, ପୋଷଣ ସମ୍ବନ୍ଧୀୟ ପରାମର୍ଶ ଓ ଫିଟ୍‌ନେସ୍‌ର ଗୁରୁତ୍ୱ ବିଷୟରେ ଆଲୋଚନା କଲେ । କାର୍ଯ୍ୟକ୍ରମଟି ହୋଟେଲ୍ ଗଣପତିରେ ଅନୁଷ୍ଠିତ ହୋଇଥିଲା । କ୍ଲବ୍‌ର ଅଧ୍ୟକ୍ଷ ଆଶିଷ ଫସାରି, ସଚିବ ସୁମନ ସାଉଡିଆ, ସନ୍ଦୀପ ସାଉଡିଆ, ଅମିତ ଅଗ୍ରୱାଲ, ସଞ୍ଜୀବ ଆଶିଷଙ୍କ ସହିତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଛାତ୍ର କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ବରଗଡ଼, ୧୪।୮ (ସମିସ): ୭୯ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ବରଗଡ଼ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ପଞ୍ଚାୟତ କଲେଜ ପରିସର ପାଖରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ବରଗଡ଼ର ଯୁବନେତା ନିପନ ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ବରଗଡ଼ ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବକୁ ଦୃଷ୍ଟିରେ ରଖି ଛାତ୍ର କଂଗ୍ରେସ ରାଜ୍ୟ ଉପସଭାପତି ଗୌରବ ପତି ଆଜାଦଙ୍କ ନେତୃତ୍ୱରେ ଓ ସଦସ୍ୟଙ୍କ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ପଞ୍ଚାୟତ କଲେଜର ବହୁ ଛାତ୍ର ରକ୍ତ ଦାନ କରିଥିଲେ । ମୋଟ ୬୦ ୟୁନିଟ ରକ୍ତ ସଂଗୃହିତ ହୋଇ ବରଗଡ଼ ରକ୍ତଭଣ୍ଡାରକୁ ପଠାଯାଇଥିଲା ।

## ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତି ବୈଠକ

ବରଗଡ଼, ୧୪।୮ (ସମିସ): ସ୍ଥାନୀୟ ଗୌରୀ ଶଙ୍କର ମନ୍ଦିର ପରିସରରେ ବରଗଡ଼ ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତିର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ସମସ୍ତ ବ୍ଲକର ସଭ୍ୟମାନେ ତଥା ବ୍ଲକ ସଭାପତି ଓ କାର୍ଯ୍ୟକାରୀଣି ସଭ୍ୟମାନେ ଯୋଗ ଦେଇଥିଲେ । ବିଭିନ୍ନ ପଞ୍ଜିକାରେ ପର୍ବପର୍ବାଣି ଗୁଡିକର ପାଳନର ତାଳମେଳ ରହୁ ନଥିବାରୁ ପଣ୍ଡିତମାନଙ୍କ ଦ୍ୱାରା ଆଗାମୀ ଜନ୍ମାଷ୍ଟମୀ, ପୁଅ ଜିଉନ୍ତିଆ ଓ ଦୁର୍ଗାପୂଜାର ସମୟ ନିର୍ଘଣ୍ଟ ତଥା ସନ୍ଧିପୂଜାର ସଠିକ ସମୟ ନିର୍ଦ୍ଧାରଣ କରି ଲଗ୍ନ ପ୍ରସ୍ତୁତ କରାଯାଇଥିଲା । ସମିତିର ସମସ୍ତ ପଣ୍ଡିତ ଏହି ସମୟ ସାରିଣୀ ଅନୁସାରେ ପୂଜା କରିବା ପାଇଁ ସର୍ବସମ୍ମତି କ୍ରମେ ସ୍ୱୀକୃତ ହୋଇଥିଲା । ଆଗାମୀ ସେପ୍ଟେମ୍ବର ୮ ତାରିଖରୁ ୩ଦିନ ପର୍ଯ୍ୟନ୍ତ ସମିତିର କର୍ମକାଣ୍ଡ ସଂକ୍ରାନ୍ତିୟ ପ୍ରଶ୍ନୋତ୍ତର କର୍ମଶାଳା କରିବା ପାଇଁ ଘୋଷଣା କରାଯାଇଥିଲା । ସଭାପତି ପଣ୍ଡିତ କୀର୍ତ୍ତି ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏବଂ ଜୟଦେବ ପଣ୍ଡା ସଞ୍ଚାଳନରେ ସଭା ହୋଇଥିଲା । ସଭାରେ ପଣ୍ଡିତ ରଘୁ ନନ୍ଦନ ବର୍ଡିଆ, ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ କିଶୋର ଦାଶ, ପଣ୍ଡିତ ନୀଳମଣି ମିଶ୍ର, ପଣ୍ଡିତ ସୁରେଶ ଦାଶ, ପଣ୍ଡିତ ଉପେନ୍ଦ୍ର ଦେବତା, ପଣ୍ଡିତ ରାଜେଶ ମିଶ୍ର, ପଣ୍ଡିତ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ପଣ୍ଡିତ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ମେଲଛାମୁଣ୍ଡା ପୁଲିସର ବର୍ବରତା**

# ୫ ଦିନ ଧରି ଯୁବକଙ୍କୁ ଥାନାରେ ନିର୍ଯାତନା

ବରଗଡ଼, ୧୪।୮ (ସମିସ)

ସାରା ଦେଶ ୭୯ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତ ହେଉଛି । ଦେଶରୁ ଇଂରେଜ ଚାଲି ଯାଇଛନ୍ତି ସତ କିନ୍ତୁ କିଛି ଖାକି ପୋଷାକଧାରୀ ଆଜି ବି ଇଂରେଜ ଭଳି ବ୍ୟବହାର କରୁଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ବରଗଡ଼ ଜିଲ୍ଲା ଅଧୀନ ମେଲଛାମୁଣ୍ଡା ଥାନା ପରିସରରେ ଦେଖିବାକୁ ମିଳିଛି । ଗତ ୫ ଦିନ ହେଲା ଜଣେ ଯୁବକକୁ ଥାନାରେ ବେଆଇନ ଭାବେ ଅଟକ ରଖି ମେଲଛାମୁଣ୍ଡା ପୁଲିସ ନିର୍ଯାତନା ଦେଉଛି । ବରଗଡ଼ ଜିଲ୍ଲା ଭଟଲି ଥାନା ଅଧୀନ ନୂଆପାଲି ଗାଁର ବନବାସ ପଧାନଙ୍କ ପୁଅ ହେଉଛନ୍ତି ଅନିଲ ପଧାନ (୩୦) । ଗତ ୬ ବର୍ଷ ତଳେ ମେଲଛାମୁଣ୍ଡା ଥାନା ଅଧୀନ ଘେଁସ ବେହେରାପାଲିର ଜଣେ ଯୁବତୀଙ୍କୁ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ । ତେବେ କୌଣସି କାରଣ ବଶତଃ ବିବାହର ୪ ମାସ ପରେ ଯୁବତୀ ଜଣକ ନିଜ ବାପ ଘରକୁ ଚାଲି ଯାଇଥିଲେ । ଅନିଲ ବାରମ୍ବାର ନିଜ ସ୍ତ୍ରୀ ଗୀତାଞ୍ଜଳି ଭୋଇଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ଶେଷରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । କୋର୍ଟର ଆଦେଶ କ୍ରମେ ଗତ ବର୍ଷ ଡିସେମ୍ବର ମାସରେ ଝିଅ ଘର ଲୋକେ ଆସି ବିବାହ ସମୟରେ ଝିଅ ଆଣିଥିବା ସମସ୍ତ ଆସବାବପତ୍ର

### କାନ୍ଦି କାନ୍ଦି ଅଭିଯୋଗ କଲେ ବୃଦ୍ଧା ମା'

ସାଙ୍ଗରେ ନେଇ ଯାଇଥିଲେ । ତେବେ ଅନିଲ ଘରର ଏକମାତ୍ର ପୁଅ ଅଟନ୍ତି ଏବଂ ଘରେ ଜମିବାଡି କିଛି ନାହିଁ । ଅନ୍ୟ ପାଖରେ ମୂଲ ଲାଗି ଆଣୁଥିବା ସ୍ୱଳ୍ପ ପାରିଶ୍ରମିକରେ ପରିବାର ଚଳେ । ଏମିତି ପରିସ୍ଥିତିରେ ଅନିଲ ବାହାରକୁ ରୋଜଗାର କରିବାକୁ ଯିବା ସମୟରେ ଘରେ ବୃଦ୍ଧ ବାପା, ମା'ଙ୍କୁ ମୁଠେ ଖାଇବାକୁ ଦେବା ପାଇଁ କେହି ନାହାନ୍ତି । ସେପଟେ ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କକୁ ନେଇ ଆଗକୁ କୌଣସି



ସମ୍ଭାବନା ନ ଦେଖି, ଗତ କିଛି ମାସ ତଳେ ଅନିଲ ଅନ୍ୟତ୍ର ବାହା ହୋଇଥିଲେ । ମାତ୍ର ଏହି ଖବର ପାଇବା ପରେ ପୂର୍ବ ସ୍ତ୍ରୀଙ୍କ ଘର ଲୋକେ ମେଲଛାମୁଣ୍ଡା ଥାନାରେ ଅଭିଯୋଗ କରିଥିବା କହି ଗତ ୯ ତାରିଖ ପୁଲିସ ଗାଁକୁ ଯାଇ ଅନିଲଙ୍କୁ ଉଠାଇ ଆଣିଥିଲା । ଆଜି ୫ ଦିନ ବିତି ଯାଇଥିଲେ ସୁଦ୍ଧା ମେଲଛାମୁଣ୍ଡା ପୁଲିସ ଅନିଲଙ୍କୁ କୋର୍ଟଚାଲାଣ କରୁନାହିଁ କି ଛାଡୁ ମଧ୍ୟ ନାହିଁ । ଥାନାରେ ବେଆଇନ ଭାବେ ଅଟକ ରଖି ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଉଥିବା ବିଷୟରେ କାନ୍ଦି କାନ୍ଦି ଅଭିଯୋଗ କରିଛନ୍ତି ଅନିଲଙ୍କ ମାଁ ସନ୍ତୋଷିନୀ ପଧାନ । ଏନେଇ ମେଲଛାମୁଣ୍ଡା ଥାନା ଅଧିକାରୀ ସୁବାଷ ରାଇଗୁରୁଙ୍କୁ ଯୋଗାଯୋଗ କରିଥିଲେ ହେଁ କୌଣସି ଉତ୍ତର ମିଳି ନଥିଲା । ଜଣେ ବ୍ୟକ୍ତିଙ୍କୁ ଗିରଫ କରିବାର ୨୪ ଘଣ୍ଟା ମଧ୍ୟରେ କୋର୍ଟ ଚାଲାଣ କରିବାର ଆଇନ ରହିଥିଲେ ମଧ୍ୟ କେଉଁ ଉଦ୍ଦେଶ୍ୟ ନେଇ ଆଇନ ଭାଙ୍ଗି ଅନୀଲଙ୍କୁ ପୁଲିସ ଅଟକ ରଖିଛି ତାହା ତଦନ୍ତ ସାପେକ୍ଷ ଅଟେ । ନିୟମ ଅନୁସାରେ କୌଣସି ବ୍ୟକ୍ତିଙ୍କୁ ବେଆଇନ ଭାବେ ଅଟକ ରଖିବା ଆଇନ ଅନୁଯାୟୀ ଅପରାଧ ଅଟେ । ଏହାର ବିରୁଦ୍ଧାଚରଣ କଲେ ପୁଲିସ ବିରୋଧରେ ମଧ୍ୟ ଅପରାଧିକ ମାମଲା ରୁଜୁ କରାଯାଇ ପାରିବ ବୋଲି ବରିଷ୍ଠ ଆଇନଜୀବୀ ଲିପସିତ ମିଶ୍ର ମତ ରଖିଛନ୍ତି ।

## ମହାବିଦ୍ୟାଳୟରେ 'ହର୍ ଘର୍ ତ୍ରିରଙ୍ଗା' ଶୋଭାଯାତ୍ରା

ଗାଇସିଲେଟ, ୧୪।୮ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ଖେଳ ଶିକ୍ଷକ ହେମନ୍ତ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ହୋଇଯାଇଛି । ଏହି ଅବସରରେ ବିଶାଳ ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ଡାକ୍ତରଖାନା, ବସଷ୍ଟାଣ୍ଡ, ସହିଦ ଛକ ଦେଇ ପରିକ୍ରମା କରିଥିଲା । ପ୍ରାୟ ୭୦୦ରୁ ଅଧିକ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତାକା ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମହାବିଦ୍ୟାଳୟର ପ୍ରାଧ୍ୟାପକ ମନୋଜ ପଣ୍ଡା, ପ୍ରଦୀପ ପଧାନ, ଅରୁଣ ପାଣିଗ୍ରାହୀ, ନାରାୟଣ ମିଶ୍ର, ଉମାକାନ୍ତ ସାହୁ, ଅଧ୍ୟାପକ ବାଚସ୍ପତି ପଧାନ, ମାନସ ଦାଶ, ପ୍ରତୀକ୍ଷା ଡନସନା, ବୀଣାପାଣି ତାଣ୍ଡି, ନମିତା ସାହୁଙ୍କ ସହିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀବୃନ୍ଦ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଭୀଷ୍ମଦେବ ମାଝୀ, ଥାନାଧିକାରୀ ଶଶିଭୂଷଣ ମିଶ୍ର, ଥାନା ଏଏସ୍‌ଆଇ ରିତାଞ୍ଜଳି ଖମାରୀ ପ୍ରମୁଖ ଯୋଗ ଦେଇଥିଲେ । ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସଂସ୍କୃତ ସପ୍ତାହ ସମାରୋହ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ମୁଖ୍ୟ ନାରାୟଣ ମିଶ୍ରଙ୍କ ପରିଚାଳନାରେ ହୋଇଥିବା ସଭାରେ ଅତିଥି ଭାବେ ପ୍ରାଧ୍ୟାପକ ମନୋଜ ପଣ୍ଡା, ପ୍ରଦୀପ ପଧାନ ଓ ଖେଳ ଶିକ୍ଷକ ହେମନ୍ତ ପଣ୍ଡା ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ଓ ତାର ପ୍ରସାରଣ ପାଇଁ ଉଦବୋଧନ ଦେଇଥିଲେ । ଅଧ୍ୟାପିକା ନମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରଛାତ୍ରୀ ସଂସ୍କୃତ କବିତା ଆବୃତ୍ତି ଓ ଶ୍ଳୋକ ଉଚ୍ଚାରଣ କରି ପୁରସ୍କୃତ ହୋଇଥିଲେ । ପରିଶେଷରେ ଅଧ୍ୟାପିକା ସୋନାଲିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର

ଥୁଆପାଲି, ୧୪।୮ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ମହାନଦୀ ଫିଲିଂ ଷ୍ଟେସନ, କେଶରୀ ପାଲି, ମହୁଲପାଲି ଠାରେ ସମ୍ପୂର୍ଣ୍ଣ ଶରୀର ଦାନ କରିଥିବା ସ୍ୱର୍ଗତ ଚମ୍ପାବତୀ ପ୍ରଧାନଙ୍କ ଶ୍ରାଦ୍ଧ ଦିବସ ଓ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ନିଷ୍ଠା ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ସ୍ୱର୍ଗତ ପ୍ରଧାନ ଦମ୍ପତିଙ୍କ ଝିଅ ଜ୍ୱାଇଁ ନଳିନୀ ପ୍ରଧାନ ଓ ମହେଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ । ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୫୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଭେଡେନ ଟିହୀଙ୍କ ପାଲିର ସ୍ୱର୍ଗତ ଗଙ୍ଗାଧର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତ ଚମ୍ପାବତୀ ପ୍ରଧାନ ଅନ୍ଧତ୍ୱ ଦୂରୀକରଣ ପାଇଁ ଚକ୍ଷୁ ଦାନ ତଥା ଡାକ୍ତରୀ ଶିକ୍ଷାର ବିକାଶ ପାଇଁ ସମ୍ପୂର୍ଣ୍ଣ ଶରୀର ଦାନ କରିଛନ୍ତି । ସ୍ୱର୍ଗତ ପ୍ରଧାନଙ୍କ ସୁପୁତ୍ର ରମେଶ ପ୍ରଧାନ ଓ ଉମେଶ ପ୍ରଧାନ, ପରିବାର ବର୍ଗ, ଶୁଭେଚ୍ଛୁ ମାନେ ରକ୍ତଦାନ କରିଥିଲେ । ନିଷ୍ଠା ପରିବାରର ପ୍ରତିଷ୍ଠା ସଦସ୍ୟ ତଥା ସଭାପତି ଅଶ୍ୱିନୀ ତ୍ରିପାଠୀ, ଉପ ସଭାପତି ସଚି ପଣ୍ଡା, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ଜୟନ୍ତ ପ୍ରଧାନ, ଝସ କେତନ ସାହୁ, ରାତ୍ର ପ୍ରଧାନ, ହେମାଞ୍ଚଳ ସାହୁ ଓ ଅନ୍ୟାନ୍ୟ ବହୁ ସଦସ୍ୟ ମାନେ ଶିବିର ପରିଚାଳନା କରିଥିଲେ ।

## ଡିଗ୍ରୀ ମହାବିଦ୍ୟାଳୟରେ ଅଙ୍ଗଦାନ ଉପରେ କାର୍ଯ୍ୟକ୍ରମ

ବରଗଡ଼, ୧୪।୮ (ସମିସ): ସ୍ଥାନୀୟ ଟ୍ରଷ୍ଟ ଫଣ୍ଡ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଅଙ୍ଗଦାନ ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ.ସରୋଜ ଦେବତା ଏଥିରେ ସଭାପତିତ୍ୱ କରିଥିଲେ । ମଞ୍ଚାସୀନ ଅତିଥି ଭାବେ ପ୍ରତିଦିନର ଜିଲ୍ଲା ପ୍ରତିନିଧି ତୁଳସୀ ଚରଣ ଦାଶ ଯୋଗ ଦେଇ ନିଜେ ଶରୀର ଓ ଚକ୍ଷୁ ଦାନ କରିଥିବା କଥା କହିବା ସହ ଅନ୍ୟମାନଙ୍କୁ ଅଙ୍ଗଦାନ କରିବାକୁ ପରାମର୍ଶ ଦେଇଥିଲେ । ମୃତ୍ୟୁ ପରେ ଶରୀର ସମ୍ପୂର୍ଣ୍ଣ ଅଦରକାରୀ ହୋଇଥାଏ । ଆଧୁନିକ ଯୁଗରେ ଆଜି ମଧ୍ୟ ଲୋକେ ଧାର୍ମିକ ଅବଧାରଣାର ବଶବର୍ତ୍ତୀ ହୋଇ ଶରୀର ଦାନ କରି ନଥାନ୍ତି । ଏଥିପାଇଁ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ମଣିଷ ଶରୀରକୁ ନେଇ ପାଠ ପଢ଼ିବାରେ ଅନେକ ଅସୁବିଧା ସୃଷ୍ଟି ହେଉଛି । ଏଥିପାଇଁ ରୋଟରାକ୍ଟ କ୍ଲବ୍ ଅଫ୍ ୟୁଥ ଅରଗାନ ଡୋନେସନ ଆୱାରନେସ (ୟୋଡା) ନୂଆଦିଲ୍ଲୀର ସଭାପତି ରୋଜାଲିନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତେ ଶରୀର ଦାନ କରି ନିଜକୁ ଅମର ରଖିବା ପାଇଁ ପରାମର୍ଶ ଦେଇଥିଲେ । ଶରୀର ଦାନ କ୍ଷେତ୍ରରେ ଅନ୍ୟ ଦେଶ ତୁଳନାରେ ଭାରତ ବହୁ ତଳେ ରହିଛି । ତେଣୁ ବ୍ୟାପକ ଜନ ଜାଗରଣ ସୃଷ୍ଟି କରିବାକୁ ସୁଶ୍ରୀ ଦାଶ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଥିଲେ । ମାତ୍ର ୨୦ ବର୍ଷର ଝିଅ ସୁଶ୍ରୀ ଦାଶ ନିଜେ ଅଙ୍ଗଦାନ କରିଥିବା ପ୍ରକାଶ କରିଥିଲେ । ଅଧ୍ୟାପିକା ସୁଷମା ପଣ୍ଡା ଚକ୍ଷୁ ଦାନ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ । ମାଳବିକା ମିଶ୍ର, ଅପର୍ଣ୍ଣା ସାହୁ, ବିଦ୍ୟୁତ ପ୍ରଭା କ୍ଷେତୀ, ଯାଦବ ପ୍ରଧାନ, ବିରେନ୍ଦ୍ର ସାହୁ, ସଙ୍ଗୀତା ଦାଶ, ପ୍ରଜ୍ଞାରାଣୀ ସାହୁ, ମାମି ସାହୁ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକାମାନେ ସହଯୋଗ କରିଥିଲେ । ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଛାତ୍ରୀ ଦୀଶା ବାରିକ କ୍ଲବ୍‌ର ନୂତନ ସଦସ୍ୟତା ଗ୍ରହଣ କରିଥିଲେ । ପ୍ରାୟ ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଅଧ୍ୟାପକ ସୁନୀଲ ଅବସ୍ଥି ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ନମିତା ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳାଙ୍କ ଚକ୍ଷୁ ଦାନ କଲା ପରିବାର



ଅତାବିରା, ୧୪।୮ (ସମିସ): ଅତାବିରା ନିବାସୀ ବ୍ୟବସାୟୀ ସତ୍ୟନାରାୟଣ ଅଗ୍ରୱାଲଙ୍କ ମା' ରାଧାବାଳା ଅଗ୍ରୱାଲ (୮୨)ଙ୍କ ନିଧନ ପରେ ମା'ଙ୍କ ଚକ୍ଷୁଦାନ କରିଛନ୍ତି ପରିବାର ଲୋକେ । ବାର୍ଦ୍ଧକ୍ୟ ହେତୁ ଯୋଗୁଁ ଦୀର୍ଘ ଦିନ ହେଲା ଚିକିତ୍ସିତ ହେଉଥିଲେ । ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା । ପରିବାର ଲୋକେ ତୁରନ୍ତ ଭୁବନେଶ୍ୱର ଏଲଭି ପ୍ରସାଦ ହସ୍ପିଟାଲକୁ ଯୋଗାଯୋଗ କରିଥିଲେ । ଚକ୍ଷୁ ବିଭାଗର ଏକ ଟିମ୍ ଆସି ରାଧାବାଳାଙ୍କ ଚକ୍ଷୁକୁ ସଫଳ ଭାବେ ଚକ୍ଷୁ ବ୍ୟାଙ୍କକୁ ନେଇଥିଲେ । ମୃତ ରାଧାବାଳାଙ୍କ ଅତାବିରା ସ୍ଥିତ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା ।

# ଫାଇଲେରିଆ ସଚେତନତା ଓ ଔଷଧ ସେବନ

ଅମ୍ବାଭୋନା, ୧୪।୮ (ସମିସ)

ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ମୁଖ୍ୟ ଡ.ପୀତବାସ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଭୁକ୍ତା ମହାତ୍ମାଗାନ୍ଧୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭୁକ୍ତାର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରୀତାଞ୍ଜଳି ମିଶ୍ର ଯୋଗଦେଇ ଫାଇଲେରିଆର ଲକ୍ଷଣ ଓ ନିରାକରଣ ପାଇଁ ସାମୂହିକ ଔଷଧ ସେବନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଧ୍ରୁବ ଚରଣ ସା, ଅଧ୍ୟାପକ ଜଗଦିଶ ନାଏକ, ଜୟନ୍ତ ବାରିକ, ସୁରଜ ପଟେଲ, ଚିନ୍ମୟ ପ୍ରଧାନ, ତାରାକାନ୍ତି ସାହୁ, ସୁଧାରାଣୀ ବେହେରା, ଦେବଙ୍କିତା ମେହେର, ସୁଜାତା ସା, ଲିପିକା ସାହୁ, ଅନୁପମା ପଧାନ, ପ୍ରଶାନ୍ତ ସାହୁ, ଭରତ ବିଶି, ଶୁଭେନ୍ଦୁ ପ୍ରକାଶ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ଗୋବିନ୍ଦ ପଧାନ, ପ୍ରମୁଖ ଉପସ୍ଥିତ ଥିଲେ । ଔଷଧ ସେବନ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମୋଦା ମଲ୍ଲିକ, ଚନ୍ଦ୍ରମା କୁମ୍ଭାର, ଆଶା କର୍ମୀ ଉତ୍ତରା ସିଦାର, ପଦ୍ମାବତୀ ସାହୁ ଓ ଅଙ୍ଗନବାଡି କର୍ମୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ୫୯୨ ଜଣ ଛାତ୍ରଛାତ୍ରୀଙ୍କୁ ଫାଇଲେରିଆ ଔଷଧ ଖୁଆଯାଇଥିଲା ।




**ବରପାଲି:** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ଫାଇଲେରିଆ ନିରାକରଣ ସଚେତନତା ଓ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଓଡ଼ିଆ ବିଭାଗ ମୁଖ୍ୟ ତଥା ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ଯତୀନ୍ଦ୍ର ସାହୁଙ୍କ ଦ୍ୱାରା ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ସହକର୍ମୀ ବୃନ୍ଦ ଔଷଧ ସେବନ କରିବା ସହ ଛାତ୍ରୀ ମାନେ ଔଷଧ ସେବନ କରିଥିଲେ । ଓଡିଆ ଅଧ୍ୟାପିକା ପିଙ୍କି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆଁଖାଇ ଉପଲକ୍ଷେ ଚେସ୍ ପ୍ରତିଯୋଗିତା

ପଦ୍ମପୁର, ୧୪।୮ (ସମିସ): ଏବିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଦ୍ମପୁର ଆନୁକୂଲ୍ୟରେ ଆଗାମୀ ଅଗଷ୍ଟ ୧୭ ସକାଳ ୯ ଟାରୁ ଆରବି ହାଇସ୍କୁଲରେ ଦିନିକିଆ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଫିଡେ ନିୟମ ଅନୁସାରେ ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବିଜୟୀ ମାନଙ୍କୁ ନୂଆଖାଇ ଦିନ ପୁରସ୍କୃତ କରାଯିବ । ପ୍ରତିଯୋଗିତା ପାଇଁ ପ୍ରବେଶିକା ଦେୟ ୧୦୦ ଟଙ୍କା ରଖାଯାଇଛି । ଆଗ୍ରହୀ ଖେଳାଳି ୯୯୩୭୪୫୭୪୩୩ ବା ୯୪୩୭୩୯୩୭୩୬ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ଗଙ୍ଗାଧର ମେହେର ବିଦ୍ୟାଳୟରେ ସ୍କାଉଟ୍ ଗାଇଡ୍ ଦୀକ୍ଷାନ୍ତ ପର୍ବ

ଦହିତା, ୧୪।୮ (ସମିସ): ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ ଦହିତାରେ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ସ୍କାଉଟ୍, ଗାଇଡ୍ ମାନଙ୍କ ଦୀକ୍ଷାନ୍ତ ପର୍ବ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପ୍ରୀତମ ମେହେର, ପଦ୍ମପୁର, ସମ୍ମାନିତ ଅତିଥି ଭାବେ ଉପେନ୍ଦ୍ର ପଟେଲ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ, ସ୍କାଉଟ୍ ମାଷ୍ଟର ବିଶ୍ୱନାଥ ସାହୁ, ପାଇକମାଳ, ସ୍କାଉଟ୍ ଟ୍ରେନିଂ କମିଶନର୍ ସୁଦର୍ଶନ ମହାକୁର ମୁନିକେଲ, ସ୍କାଉଟ୍ ମାଷ୍ଟର ଅକ୍ଷୟ ସାହୁ ଝେଙ୍ଗନାଡିହି, ଗାଇଡ୍ କ୍ୟାପ୍ କେନ୍ ନମିତା ସାହୁ ପାଇକମାଳ, ସୁରେନ୍ଦ୍ର ପାଣିଗ୍ରାହୀ ଦହିତା ଯୋଗ ଦେଇଥିଲେ । ମିଳିତ ଭାବେ ସ୍କାଉଟ୍ ଗାଇଡ୍ ପତାକା ଉତ୍ତୋଳନ ପରେ ବିଶ୍ୱନାଥ ସାହୁ ଦୀକ୍ଷାନ୍ତ ପର୍ବର ଶପଥ ପାଠ କରାଇଲେ । ଟ୍ରେନିଂ କମିଶନର୍ ସୁଦର୍ଶନ ମହାକୁର ଏହାକୁ ପରିଚାଳନା କରିଥିଲେ । ଅତିଥି ମାନେ ସ୍କାଉଟ୍ ଗାଇଡ୍ ମାନଙ୍କୁ ସ୍କାର୍ଫ ସହିତ ମେମ୍ବରସିପ୍ ବେଙ୍ଗ ପ୍ରଦାନ କରି ମିଷ୍ଟାନ୍ନ ସେବନ କରାଇଥିଲେ । କ୍ୟାପ୍‌ଟେନ୍ ସୋନାଲିକା ଶବର ଓ ମାଷ୍ଟର ତ୍ରିଲୋକେଶ ବରିହା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ, କିଶୋର କୁମ୍ଭାର, ଦୀପକ୍ ସିଂ ବରିହା, ପୁରନ୍ଦର ଭୋଇ, ଶିକ୍ଷୟିତ୍ରୀ ଭାନୁମତୀ କଳାହାରୀ, ପୂଜା ସାହୁ, ଅଞ୍ଜଳି ବେହେରା, ରେବତୀ ବିଶି, ମନିଷା ବେଶ୍ରା ଓ ପୁରନ୍ ଭାଇ ସହଯୋଗ କରିଥିଲେ । ବୀର ବାଦ୍ୟ ରଚନାରେ ତାଳେ ମୁସ୍କାନ ବାଗଙ୍କ କଲର୍ ପାର୍ଟି କମାଣ୍ଡିରେ ମୁଖ୍ୟ ଅତିଥିଙ୍କୁ ପ୍ରଧାନଶିକ୍ଷକ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ପ୍ରିତମ ମେହେର ଛାତ୍ରଛାତ୍ରୀଙ୍କୁ ଦେଶ ସେବାରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ଗାଇଡ୍ କ୍ୟାପଟେନ୍ ସୋନାଲିକା ବିଦ୍ୟାଳୟ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ଲୋକନୃତ୍ୟ ପ୍ରତିଯୋଗିତା




ବରଗଡ଼, ୧୪।୮ (ସମିସ): ବରଗଡ଼ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ ସ୍ଥିତ ଅଡିଟୋରିୟମଠାରେ ଦଳଗତ ସମ୍ବଲପୁରୀ ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ସମୁଦାୟ ୮ଟି ଦଳକୁ ନେଇ ଆୟୋଜିତ ପ୍ରତିଯୋଗିତାରେ ନୃତ୍ୟଗୁରୁ ପ୍ରକାଶ ପଣ୍ଡାଙ୍କ ଦ୍ୱାରା ନିର୍ଦ୍ଦେଶିତ ସିଏଚ୍‌ଏସ୍‌ସି ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ବିଜୟ ଲାଭ କରିଥିଲେ । କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ମୂରଲୀ କ୍ରିଷ୍ଣା, ଡାଇରେକ୍ଟର ଡ.ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ ସାହୁ, ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତି ପ୍ରତିଯୋଗିତାରେ ବିଚାରକ ଭାବେ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ଓ ଜୟନ୍ତ ମେହେର ଉପସ୍ଥିତ ଥିଲେ ।

## ଦହିତା ମହାବିଦ୍ୟାଳୟରେ ସ୍ୱଭାବ କବିଙ୍କ ଜୟନ୍ତୀ

ଦହିତା, ୧୪।୮ (ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ନିକଟସ୍ଥ ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅଞ୍ଚଳ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ.ସରୋଜ ନାୟକ ମୁଖ୍ୟ ଅତିଥି ତଥା ବକ୍ତା ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ସୁଶାନ୍ତ ମିଶ୍ର ଗଙ୍ଗାଧର ସାହିତ୍ୟର ପ୍ରାସଙ୍ଗିକତାକୁ ଆଲୋକପାତ କରିଥିଲେ । ଅଧ୍ୟାପକ ଲମ୍ବୋଦର ତାଣ୍ଡି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅଧ୍ୟାପକ ଶୃତଘନ ପ୍ରଧାନ, ପ୍ରିୟରଞ୍ଜନ ସାହୁ, ନାରାୟଣ ହୋତା, ରାଜେଶ ଥନାପତି, ରତିକାନ୍ତ ସୁଆର, କୃପାସିନ୍ଧୁ ପୋଡ଼, ସୁବଳ ସାହୁ, ମାନଭଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।



Lunching of Zoom 125, Courtesy Soumik Hero, Jajpur Road

# ଦେଶାତ୍ମବୋଧ ସ୍ଲୋଗାନରେ କମ୍ପିଲା ରାସ୍ତା

କୋମନା,୧୪।୮ (ସମିସ): ନୂଆପଡ଼ ଜିଲ୍ଲା କୋମନା ବ୍ଲକ୍ ପ୍ରଶାସନ ପକ୍ଷରୁ ଗୁରୁବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଡିଓ ସର୍ବେଶ୍ୱର ଜାଲଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଅତିରିକ୍ତ ବିଡ଼ିଓ ଭକ୍ତବନ୍ଧୁ ବୁଡ଼େକ, କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଭେଲା ସରପଞ୍ଚ ବିମଲ ଯୋଶୀ, ମାନିଗୁଡା ସରପଞ୍ଚ ବିରାଟ ବାଗ, କୁରେଶ୍ୱର ସରପଞ୍ଚ ସତ୍ୟବାନ ସାହୁ, ରଜନା ସରପଞ୍ଚ ଖୀରସିନ୍ଧୁ ଭୋଇଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କୋମନା ନୂତନ ବ୍ଲକ କାର୍ଯ୍ୟାଳୟରୁ ପୁରୁଣା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତ୍ରିରଙ୍ଗା ଧରି ଧରି ସମସ୍ତେ ପଦଯାତ୍ରା କରିଥିଲେ। ସେହିପରି କୋମନା + ୨ କଲେଜର ୫ ଶହରୁ ଅଧିକ ଛାତ୍ରଛାତ୍ରୀ ତ୍ରିରଙ୍ଗା ଧରି କୋମନା ସହରର ପ୍ରତ୍ୟେକ ଗଳିକନ୍ଦିରେ ହର୍ ଘର୍ ତ୍ରିରଙ୍ଗା ଉତ୍ସବ ପାଳନ ପାଇଁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଦୀପକ ଦାସଙ୍କ ନେତୃତ୍ୱରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସାମିଲ ହୋଇଥିଲେ।

**କେସିଙ୍ଗା:** କେସିଙ୍ଗା ବ୍ଲକ୍ ଗୁର୍ଜିମୁଣ୍ଡା ମାଁ ଯୋଗମାୟା ପୀଠରୁ କାଣ୍ଡେଲ ଗ୍ରାମ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ଦେଶ ପାଇଁ ବଳିଦାନ ଦେଇଥିବା ବୀର ଶହୀଦ ତେମନ୍ତ ମାଝୀ ଏବଂ କାଣ୍ଡେଲସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଝସକେତନ ସାହୁ, ମୁନା ସ୍ୱାଇଁ, ଶଶାଙ୍କ ଶେଖର ମହଲା, ପ୍ରତାପ ବାଗ, ଅଶୋକ ପୋଡ଼, ଧନେଶ୍ୱର ସାହୁ, କୁଞ୍ଜବିହାରୀ ସାହୁ, ଅକ୍ଷୟ ରଣା, ପ୍ରଭାତ ବିଶି, ସୁବାଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


**କୋକସରା:** କୋକସରା ବ୍ଲକ ଆମପାଣି ପଞ୍ଚାୟତର ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା ସହ ଜନସାଧାରଣଙ୍କୁ ତ୍ରିରଙ୍ଗା ଯାତ୍ରାକୁ ନେଇ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସଦସ୍ୟା ତଥା ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଭାକର ଖଟୁଆ ଏବଂ ପଙ୍କଜ ପରିଜା ସହଯୋଗ କରିଥିଲେ।

**ଲାଞ୍ଜିଗଡ:** ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାରା ଦେଶ ଆଜି ଏକଜୁଟ ହୋଇଛି ତ୍ରିରଙ୍ଗା ପତାକା ତଳେ ଦେଶପ୍ରେମର ମହାମନ୍ତ୍ର ଉଚ୍ଚାରଣ କରିବା ପାଇଁ। ଏବେ ସମସ୍ତଙ୍କ ହାତରେ ତ୍ରିରଙ୍ଗା ଓ ମୁହଁରୁ ଶୁଭୁଛି ଭାରତ ମାତା କୀ ଜୟର ଧ୍ୱନି। ଏହି ପରିପେକ୍ଷୀରେ ଗୁରୁବାର ଲାଞ୍ଜିଗଡ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଛି। ଏହା ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥଲା। ପୂଜାର୍ଚ୍ଚନା କରିବା ପରେ ପୁଣି ବ୍ଲକ୍ କାର୍ଯ୍ୟାଳୟକୁ ଫେରିଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଶଶାଙ୍କ ପାତ୍ର, ରମେଶ ମାଝୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ଏପିଓ ସଞ୍ଜିତ ପରଡ଼ା, ବ୍ଲକ୍ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ତୋଫାନ ସୁନାନୀ, ନରେନ୍ଦ୍ର ବେହେରା, ତୁଳସୀ ମାଝୀ, ପ୍ରଭୁ ରଞ୍ଜନ ସାମଲ, ଗୌତମ ନାଗ, ସୁବାଷ ଅଗ୍ରୱାଲ, ସଞ୍ଜୟ ସାହୁ, ଲକ୍ଷ୍ମୀଧର ସନ୍ତୋଷ ରାୟ, ଅନନ୍ତରାମ ପ୍ରଧାନୀ, ତ୍ରିନାଥ ପାତ୍ର, ଭାଗିରଥି ଧଙ୍ଗଡ଼ା ମାଝୀ, ଖୁସି ରାମ ଗୌଡ଼, ଦେବ ପଟେଲ, ମିଲନ ମହାପାତ୍ର, ଭକ୍ତ ଦୋରା, ଦେବରାଜ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସ୍କୁଲର ଶିକ୍ଷକ, ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ବ୍ଲକସ୍ତରୀୟ କର୍ମଚାରୀଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।


**ମ.ରାମପୁର:** କଳାହାଣ୍ଡି ଜିଲ୍ଲା ମ.ରାମପୁରରେ ବିଜେପି ତରଫରୁ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଦୁଇ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଖ୍ରୀଷ୍ଟଦତ୍ତ ରାଉତଙ୍କ ନେତୃତ୍ୱରେ ଉର୍ଲଦାନୀ ପଞ୍ଚାୟତର ରଙ୍ଗାପଦରଠାରୁ ଆରମ୍ଭ ହେଇ ଉର୍ଲଦାନୀ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଦ୍ୱିତୀୟ ଦିବସରେ ଯଜ୍ଞସେନ ପଣ୍ଡାଙ୍କ ନେତୃତ୍ୱରେ ମ.ରାମପୁର ଅଞ୍ଚଳରେ ଏହି ତ୍ରିରଙ୍ଗା ଯାତ୍ରା ସମାପନ ହେଇଥିଲା। ପଦ୍ମଲୋଚନ ମିଶ୍ର, ସଂଯୁକ୍ତା ସିଂହଦେଓ, ଖୁସିରାମ ସାହୁ, ପ୍ରଶାନ୍ତ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ରଣା, ବିଜୟ ମହାଖୁଡ଼, ଦିବାକର ବାଗ, ଫକୀର ରଣା, ମୋହନ ମନହୀରା, ଜୟ ପାତ୍ର, ଦେବଦତ୍ତ ପ୍ରହରାଜ, ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲିରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଓ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରବୀର ସାହୁଙ୍କ ନେତୃତ୍ୱରେ ଏହି ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିର ଛକରୁ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଡୁଙ୍ଗୁରିପାଲି ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରିବା ପରେ ସହଲାଠାରେ ସମାପନ ହୋଇଥିଲା। ହେମନ୍ତ ବିଶ୍ୱାଳ, ପ୍ରକାଶ ସାହୁ, ଚନ୍ଦ୍ର କେତୁ ମହାଳିଙ୍ଗ, ମଦନ ଗଡତିଆ, ଗଣେଷ ମାଝୀ, ବସନ୍ତ ପତି, ଖେମାନିଧି ମେହେର, ଚକ୍ର ମନହିରା, ଦୁର୍ଯ୍ୟୋଧନ ପୋଡ଼, ଅଣାକାର ବିଶେଶ୍ୱର, ଅକ୍ଷୟ ପଧାନ, ସରୋଜ ପାଣ୍ଡେ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ସୁବଲୟା:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କଳାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ଓ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନିଶାର ଭୟାବହତା ଉପରେ ସେ ସଚେତନତା ସୃଷ୍ଟି କରିଥିଲେ। ନିଶାମୁକ୍ତ ଭାରତ ଗଢିବା ଅଭିଯାନରେ ସାମିଲ ହୋଇ ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବାକୁ ସେ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଏକ ଶପଥ ପାଠ କରାଯାଇଥିଲା। ସେହିଭଳି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରେଙ୍ଗାଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଦେବଯାନୀ ମେସୁଆ, ଶାନ୍ତନୁ ପଧାନ, ଶିବବ୍ରତ କର୍ଣ୍ଣ, ବିପିନ କଲତା, ରିଙ୍କି ଗଡୁଆ, ଅବନ୍ତି ନାଏକ, ସଞ୍ଜୟ କର୍ଣ୍ଣ, ବସୁଦେବ ରଣା, ବ୍ରଜ ମହାକୁର ପ୍ରମୁଖ ସହଯୋଗ କରିଥିଲେ।




## ଶିକ୍ଷକ କୃଷ୍ଣ ବାଘଙ୍କ ପରଲୋକ



ତରଭା,୧୪।୮ (ସମିସ): ତରଭା ସରକାରୀ ବାଳକ ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ କୃଷ୍ଣ କୁମାର ବାଘ (୮୨) ଆଉ ନାହାନ୍ତି। ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସୋନପୁର ରାମେଶ୍ୱର ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ।

## କାର୍‌କୁ ଘୋଷାଡି ନେଲା ଟ୍ରକ୍

ବିନିକା,୧୪।୮ (ସମିସ): ବିନିକା-ରାମପୁର ମୁଖ୍ୟ ରାସ୍ତାର ସିଂଘିଯୁବା ହାଇସ୍କୁଲ ଛକଠାରେ ଗୁରୁବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏକ କାରକୁ ପଛପଟୁ ଗୋଟିଏ ଟ୍ରକ୍ ଧକ୍କା ଦେଇ କିଛି ଦୂର ଘୋଷାଡି ନେଇଥିଲା। ଏହା ଫଳରେ କାରଟି ଭାଙ୍ଗି ରୁଜି ଯାଇଛି। କାର୍ ଚାଳକ କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାରଟି ସୋନପୁର ପଟରୁ ରାମପୁର ପଟକୁ ଯାଉଥିଲା। ଏହି ସମୟରେ କାରର ପଛେ ପଛେ ଏକ ଟ୍ରକ ମଧ୍ୟ ଦ୍ରୁତ ଗତିରେ ଯାଉଥିଲା। ସିଂହିଯୁବା ଛକ ନିକଟରେ ଟ୍ରକଟି କାରକୁ ଧକ୍କା ଦେଇ ଘୋଷାଡି ନେଇଥିଲା।

## ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ସୁବଲୟା,୧୪।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ଗୁରୁବାର ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଶୋର ହୋତା, ମତ୍ସ୍ୟ ଚାଷ ପ୍ରଶିକ୍ଷକ ସୁଶୀଲ ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନର ଅଧ୍ୟାପିକା ସୁପ୍ରଭା ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ମାଧବ ପଧାନ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନରେନ୍ଦ୍ର ଝା, ନିତାରାଣୀ ପଧାନ, ପ୍ରଭାତ ପୁରୋହିତ, ଦୀପକ ଟପ୍ପୋ, ସିଦ୍ଧେଶ୍ୱର ତ୍ରିପାଠୀ, ମାଳତୀ ନାଏକ, ବିଦ୍ୟୁତ ପ୍ରଭା ରଥ, ସୋନାଲି ମହାକୁର, ପୂଜାରାଣୀ ମେହେର ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

## ବାର୍‌ହା ମୃତଦେହ ଜବତ


କେସିଙ୍ଗା,୧୪।୮ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବନଖଣ୍ଡ ବଡିଯୋର ନିକଟରୁ ଏକ ବାର୍‌ହା ମୃତଦେହ ମିଳିଛି। ବିଦ୍ୟୁତ୍ ତାର ଲଗାଇ ମରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବନ ବିଭାଗ ବାର୍‌ହା ମୃତଦେହ ଜବତ କରିଛି। ଏହାସହ ସେଠାରୁ ଏ ବାଇକ୍ ମଧ୍ୟ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ପଶୁ ଚିକିତ୍ସାଳୟ ପଠାଇ ତଦନ୍ତ ଜାରି ରହିଥିବା ବନ ବିଭାଗ କହିଛି।

## ରାଜ୍ୟସ୍ତରୀୟ ଚେସ୍ ଚାମ୍ପିଅନସିପ ଉଦ୍‌ଘାଟିତ

ବୌଦ୍ଧ,୧୪।୮୨୫ (ସମିସ): ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲରେ ୬୫ତମ ଷ୍ଟେଟ ସିନିଅର ଫିଡେ ରେଟିଂ ଚେସ ଚାମ୍ପିଅନସିପ-୨୦୨୫ ଉଦ୍‌ଘାଟିତ ହୋଇଛି। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ଅଲ୍ ଓଡିଶା ଚେସ୍ ଆସୋସିଏସନ ସହାୟତାରେ ବୌଦ୍ଧ ଜିଲ୍ଲା ଚେସ୍ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ଚାମ୍ପିଅନସିପରେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସର୍ବ ଭାରତୀୟ ଚେସ୍ ଫେଡେରେସନର ତତ୍ତ୍ୱାବଧାନରେ ଅଗଷ୍ଟ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚେସ୍ ଚାମ୍ପିଅନସିପର ଉଦ୍‌ଘାଟନୀ ଉତ୍ସବରେ କନ୍ଧମାଳ ବିଧାୟକ କହ୍ନେଇ ଚାରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଚେସ୍ ସଂଘ ଉପ ସଭାପତି ଶଙ୍କର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସସ୍ମିତା ସେନାପତି, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ଅନ୍ତର୍ଜାତୀୟ ଆର୍ବୀଟର ସୁରେଶ ସାହୁ ଯୋଗ ଦେଇଥିଲେ। ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ ଉପାଧ୍ୟକ୍ଷ ସତ୍ୟନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୌଦ୍ଧ ଜିଲ୍ଲା ଚେସ ସଙ୍ଘ କୋଷାଧ୍ୟକ୍ଷ ନିରୋଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଚାମ୍ପିଅନସିପରେ ୧୨୧ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ୫୦ରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର ରେଟେଡ଼ ଖେଳାଳି ଭାଗ ନେଇଛନ୍ତି। ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବୀଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର ପରିଚାଳନା କରୁଛନ୍ତି।


## ୧୨୧ତମ ଶିକ୍ଷା ଚେତନା ଅଭିଯାନ

ଭବାନୀପାଟଣା,୧୪।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଦାସିଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ତରଫରୁ ୧୨୧ତମ ଶିକ୍ଷା ଚେତନା ଅଭିଯାନ ଅନୁଷ୍ଠିତ ହେଇଯାଇଛି। ଦାସିଗାଁ ସରପଞ୍ଚ ପ୍ରମୋଦିନୀ ପ୍ରହରାଜ ସଭାପତିତ୍ୱ କରିଥିଲେ। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସମିତି ସଭ୍ୟ ସୌମେନ୍ଦ୍ର ମୁଣ୍ଡ, ଉଦ୍ଧବ ଚରଣ ସାହୁ, ନାରାୟଣ ପାଢ଼ୀ, ଶିକ୍ଷାବିତ ଲିଙ୍ଗରାଜ ମିଶ୍ର, ବସନ୍ତ ନାଏକ, ସାମ୍ବାଦିକ ସୁନ୍ଦର ମୋହନ ଛତ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବଡତ୍ୟା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ମଦନ ମୋହନ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବିନାଶ ମୁଣ୍ଡ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ଆଦିତ୍ୟ ପଣ୍ଡା ଓ ଗଣକ ଭାବେ ପବିତ୍ର ସରବାଙ୍ଗ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ପ୍ରଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।














# ସ୍ମରଣୀୟ ହୋଇରହିବ ଅପରେସନ ସିନ୍ଦୂର: ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୪।୮: ପହଲଗାମରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ଲାଗି ଭାରତର 'ଅପରେସନ ସିନ୍ଦୂର' ଥିଲା ଆତଙ୍କବାଦ ବିରୋଧରେ ମାନବିକତାର ଲଢ଼େଇ। ଆତଙ୍କବାଦୀଙ୍କ ପହଲଗାମ ଆକ୍ରମଣ ଥିଲା କାପୁରୁଷପଣିଆ ଏବଂ ଅମାନବିକତାର ପରିଚୟ। ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଜରିଆରେ ଆମର ସେନା ଜଣାଇ ଦେଇଛନ୍ତି ଯେ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଆମର ଯବାନ ସର୍ବଦା ପ୍ରସ୍ତୁତ ରହିଛନ୍ତି।

ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭାରତୀୟ ସେନାର ପ୍ରଶଂସା କରି ସେ କହିଛନ୍ତି ଯେ ଆତଙ୍କବାଦ ବିରୋଧରେ ଅପରେସନ ସିନ୍ଦୂର ଥିଲା ମାନବିକତାର ଲଢେଇ ଏବଂ ଇତିହାସରେ ଏହା ଲିପିବଦ୍ଧ ହୋଇରହିବ। ଯେଉଁମାନେ ଆମକୁ ଭାଗ ଭାଗ କରିବାକୁ ଚାହିଁଥିଲେ ସେମାନଙ୍କୁ ଭାରତବାସୀ ଏକ ହୋଇ ଠିକଣା ଜବାବ ଦେଇଛନ୍ତି। ଭାରତ କାହା ଉପରେ ଆକ୍ରମଣ କରିବ ନାହିଁ। କିନ୍ତୁ ଆକ୍ରମଣର ଶିକାର ହେଲେ ଭାରତ କିପରି ଉଚିତ ଜବାବ ଦେଇପାରୁଛି, ଭାରତର ସେହି ଶକ୍ତିକୁ ସାରା ବିଶ୍ୱ ଦେଖିଲା।

ଏହି ଅବସରରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ଉଦବୋଧନରେ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଶଂସା କରିବା ସହିତ ଭାରତର ଅର୍ଥନୈତିକ ବିକାଶ ଉପରେ ଆଲୋକପାତ କରିଛନ୍ତି। ଜିଡିପିରେ ୬.୫ ପ୍ରତିଶତ ଅଭିବୃଦ୍ଧି ହୋଇଛି। ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ସଫଳ ହେଉଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସଂକଳ୍ପ ନେବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

# ଅଭିନେତା ଦର୍ଶନଙ୍କ ଜାମିନ ବାତିଲ୍ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ରେଣୁକାସ୍ୱାମୀ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ଅଭିନେତା ଦର୍ଶନ ଓ ଅନ୍ୟ ଲୋକଙ୍କୁ ଦିଆଯାଇଥିବା ଜାମିନକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ ଜେବି ପାରଦିୱାଲା ଓ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ କର୍ଣ୍ଣାଟକ ହାଇକୋର୍ଟଙ୍କ ଆଦେଶକୁ ଖାରଜ କରିବା ସହ ଏଥିରେ ବହୁତ ତ୍ରୁଟି ରହିଛି ବୋଲି କହିଛନ୍ତି। ଅଭିଯୁକ୍ତ ଯେତେ ବଡ଼ ହୁଅନ୍ତୁ ନା କାହିଁକି, ତାଙ୍କ ଲୋକପ୍ରିୟତା ଯେତେ ହେଉ ନା କାହିଁକି ସେ ଆଇନ୍‌ର ଊର୍ଦ୍ଧ୍ୱରେ ନୁହନ୍ତି ବୋଲି ସୁପ୍ରିମ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଏହାଦ୍ୱାରା ପୂରା ସମାଜକୁ ଏକ ଗଠନମୂଳକ ବାର୍ତ୍ତା ଯିବ। ତେଣୁ ଯଥାଶୀଘ୍ର ଅଭିଯୁକ୍ତ ଆତ୍ମସମର୍ପଣ କରନ୍ତୁ ବୋଲି କୋର୍ଟ କହିଛନ୍ତି। କୋର୍ଟ ଦର୍ଶନଙ୍କ ସମେତ ସବୁ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜେଲରେ ଅଭିଯୁକ୍ତମାନଙ୍କୁ ବିଶେଷ ସୁବିଧା ସୁଯୋଗ ନ ଦେବାକୁ ତାଗିଦ କରିଛନ୍ତି। କର୍ଣ୍ଣାଟକ ହାଇକୋର୍ଟ ଦର୍ଶନ ଓ ତାଙ୍କ ସହଯୋଗୀଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି କର୍ଣ୍ଣାଟକ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଦର୍ଶନ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ହାଇକୋର୍ଟ ୨୦୨୪ ଡିସେମ୍ବର ୧୩ରେ ଜାମିନ ପ୍ରଦାନ କରିଥିଲେ। ଏବେ ବଲ୍ଲାରୀ ଜେଲ୍‌ରେ ଦର୍ଶନ ଓ ଅନ୍ୟମାନଙ୍କୁ ରଖାଯିବ ଓ ଏଥିପାଇଁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଉଲ୍ଲେଖଥାଉ କି ଦର୍ଶନ ଓ ପବିତ୍ର ଗୌଡା ସମେତ ଅନ୍ୟ ଅଭିଯୁକ୍ତମାନେ ୩୩ ବର୍ଷୀୟ ରେଣୁକାସ୍ୱାମୀ ନାମକ ଜଣେ ପ୍ରଶଂସକଙ୍କୁ ଅପହରଣ କରିବା ସହ ନିର୍ଯାତନା ଦେଇଥିଲେ। ତାଙ୍କ ମୃତଦେହ ଏକ ନାଳରୁ ମିଳିଥିଲା।

# ପାଇଲଟ୍‌ଙ୍କ ଡ୍ୟୁଟି ନେଇ ଏୟାର ଇଣ୍ଡିଆକୁ ଡିଜିସିଏର ଚେତାବନୀ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ପାଇଲଟମାନଙ୍କ ଡ୍ୟୁଟି ସମୟସୀମା ଉଲ୍ଲଂଘନ ନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ଚେତାବନୀ ଦେଇଛି। ଦୁଇଟି ଅନ୍ତର୍ଜାତୀୟ ଉଡାଣକୁ ନେଇ ଡିଜିସିଏ ଏହି ଚେତାବନୀ ଦେଇଛି। ଗତ ମେ ମାସରେ ବେଙ୍ଗାଲୁରୁ ଓ ଲଣ୍ଡନ ମଧ୍ୟରେ ଚାଲୁଥିବା ଦୁଇଟି ବିମାନରେ ପାଇଲଟମାନେ ୧୦ ଘଣ୍ଟାରୁ ଅଧିକ ସମୟ ବିମାନ ଚଳାଇଥିଲେ। ଏହା ନିୟମର ଘୋର ଉଲ୍ଲଂଘନ ବୋଲି ଡିଜିସିଏ ତରଫରୁ କୁହାଯାଇଛି। ଡିଜିସିଏ ଏସଂକ୍ରାନ୍ତରେ ଏୟାରଲାଇନକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିନ୍ତୁ ଏହାର କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଭବିଷ୍ୟତରେ ଏପରି ନ କରିବାକୁ ଡିଜିସିଏ ଚେତାବନୀ ଦେଇଛି। କିନ୍ତୁ ପାକିସ୍ତାନର ଆକାଶ ସୀମା ବନ୍ଦ କାରଣରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା। କାରଣ ଏଥିପାଇଁ ଅଧିକ ଦୂର ଅତିକ୍ରମ କରିବାକୁ ପଡୁଛି ବୋଲି ଏୟାରଲାଇନ୍ସର ମୁଖପାତ୍ର କହିଛନ୍ତି। କିନ୍ତୁ ପରେ ଏହି ନିୟମକୁ ଠିକ୍ ଭାବେ ପାଳନ କରାଯାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି ଜଣେ ପାଇଲଟ ଗୋଟିଏ ଦିନରେ ଅତିବେଶିରେ ୧୦ ଘଣ୍ଟା ବିମାନ ଉଡାଇବାର ନିୟମ ରହିଛି। ପାଇଲଟଙ୍କୁ କ୍ଲାନ୍ତିରୁ ମୁକ୍ତି ଦେବା ଓ ବିମାନ ଉଡ଼ାଣକୁ ସୁରକ୍ଷିତ କରିବା ହେଉଛି ଏହାର ଲକ୍ଷ୍ୟ। ପୁଣି ପ୍ରତ୍ୟେକ ଉଡ଼ାଣ ପରେ ଜଣେ ପାଇଲଟଙ୍କୁ ୧୨ ଘଣ୍ଟା ବିଶ୍ରାମ ନେବା ଜରୁରି ବୋଲି କୁହାଯାଇଛି।

# ୭୦ ଦେଶର ଜେଲ୍‌ରେ ଅଛନ୍ତି ୧୦,୫୭୪ ଭାରତୀୟ କଏଦୀ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ବର୍ତ୍ତମାନ ବିଶ୍ୱର ୭୦ଟି ଦେଶରେ ୧୦ ହଜାର ୫୭୪ ଜଣ ଭାରତୀୟ କଏଦୀ ରହିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଲୋକସଭାରେ ଏହି ତଥ୍ୟ ଉପସ୍ଥାପନ କରାଯାଇଛି। ମଧ୍ୟପ୍ରାଚ୍ୟ ଦେଶ ୟେମେନ ସମେତ ୧୧ଟି ଦେଶରେ ୪୩ ଜଣ ଭାରତୀୟ ମୃତ୍ୟୁଦଣ୍ଡର ସମ୍ମୁଖୀନ ହୋଇଛନ୍ତି। ଏହି କଏଦୀମାନଙ୍କ ମଧ୍ୟରେ କେତେଜଣ ବିଚାରାଧୀନ କଏଦୀ ରହିଛନ୍ତି। ଆଉକେତେ ଜଣ ଦଣ୍ଡିତ ହୋଇ ସାରିଛନ୍ତି। ଆଉ କେତେକ ସଜା ପୂରା କରିବା ପରେ ମୁକ୍ତି ଓ ପ୍ରତ୍ୟାର୍ପଣ ଅପେକ୍ଷାରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୪ଟି ଦେଶରେ ୧୦୦ରୁ ଅଧିକ ଭାରତୀୟ ଜେଲ୍‌ରେ ଅଛନ୍ତି। କିନ୍ତୁ ଏହି ସଂଖ୍ୟା ଅଧିକ ହୋଇପାରେ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କିଛି କାରଣରୁ ସବୁ ଦେଶ ସବୁ ତଥ୍ୟ ଦେଇ ନଥାନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ୨୧ ଜଣ ଭାରତୀୟଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି। ଗତ ଗୋଟିଏ ଦଶକରେ ବିଦେଶରେ ଭାରତୀୟ କଏଦୀ ସଂଖ୍ୟାରେ ୬୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୬ରେ ବିଦେଶୀ ଜେଲ୍‌ରେ ୬, ୪୮୯ ଭାରତୀୟ କଏଦୀ ରହିଥିଲେ। ୨୦୧୬ରେ ୬, ୪୮୯ କଏଦୀ ଥିଲେ। ୨୦୨୫ରେ ଏହି ସଂଖ୍ୟା ୧୦, ୫୭୪ରେ ପହଞ୍ଚିଛି ବୋଲି କୁହାଯାଇଛି।

# ଫାଙ୍କା ଗୁଳିଚାଳନାରେ ୩ ମୃତ, ୬୦ରୁ ଊର୍ଦ୍ଧ୍ୱ ଆହତ

କରାଚି, ୧୪।୮(ଏଜେନ୍ସି): ପାକିସ୍ତାନ ସ୍ୱାଧୀନତା ଦିବସ ପାଳନ ଅବସରରେ କରାଚିରେ ଗୁଳିକାଣ୍ଡ ଘଟିଛି। ଗୁଳି ଚାଳନା କରି ଉତ୍ସବ ମନାଯାଉଥିବା ବେଳେ ଜଣେ ୮ ବର୍ଷର ବାଳକଙ୍କ ସମେତ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟ ଜଣେ ବରିଷ୍ଠ ନାଗରିକ ମଧ୍ୟ ସାମିଲ ରହିଛନ୍ତି। ଏହି ଘଟଣାରେ ୬୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଅଗଷ୍ଟ ୧୩ ଓ ୧୪ରେ କରାଚିର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଉତ୍ସବ ପାଳନ କରିଥିଲେ। କେତେକ ସ୍ଥାନରେ ଲୋକେ ଉପରକୁ ଫାଙ୍କା ଗୁଳି ଚାଳନା କରି ଭିନ୍ନ ଢଙ୍ଗରେ ଉତ୍ସବ ମନାଇଥିଲେ। କିନ୍ତୁ ନିରିହ ଲୋକଙ୍କ ଦେହରେ ଗୁଳି ବାଜିଥିଲା। ଏହାପୂର୍ବରୁ କରାଚିରେ ଏକାଧିକବାର ଏଭଳି ଘଟଣା ଘଟିଛି। ୨୦୨୫ ଜାନୁଆରୀରେ କରାଚିର ଅଲଗା ଅଲଗା ସ୍ଥାନରେ ଗୁଳି ଚାଳନା ଘଟଣାରେ ୪୨ ଜଣ ଲୋକ ପ୍ରାଣ ହରାଇଥିଲେ। ଏଥିରେ ୫ ଜଣ ମହିଳା ସାମିଲ ରହିଥିଲେ। ୨୩୩ଜଣ ଲୋକ ଆହତ ହୋଇଥିଲେ।

# ପାକିସ୍ତାନକୁ ଭାରତର ଚେତାବନୀ



## ନିଜ ଭାଷା ଉପରେ ନିୟନ୍ତ୍ରଣ ରଖ
## ନଚେତ ପରିଣାମ ଯନ୍ତ୍ରଣାଦାୟକ ହେବ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। କେତେକ ପାକିସ୍ତାନ ନେତା ଭାରତ ବିରୋଧରେ ଦାୟିତ୍ୱହୀନ ମନ୍ତବ୍ୟ ଦେବା ପରେ ଭାରତ ମଧ୍ୟ ଏହାର ଜବାବ ଦେଇଛି। ନିଜ ଭାଷା ଉପରେ ନିୟନ୍ତ୍ରଣ ରଖିବାକୁ ଭାରତ ପାକିସ୍ତାନକୁ ଚେତାବନୀ ଦେଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ନିଜର ଅପାରଗତାକୁ ଲୁଚାଇବା ପାଇଁ ପାକିସ୍ତାନ ନେତାମାନେ ଭାରତ ବିରୋଧରେ ଏଭଳି ଦାୟିତ୍ୱହୀନ, ଯୁଦ୍ଧ ପାଇଁ ଉସ୍‌କାଇବା ଓ ଘୃଣା ସୃଷ୍ଟି କଲା ଭଳି ମନ୍ତବ୍ୟ ଦେଉଛନ୍ତି। ପାକ୍ ନେତାମାନେ ନିଜର ଭାଷା ଓ ବକ୍ତବ୍ୟ ଉପରେ ନିୟନ୍ତ୍ରଣ ରଖିବା ଉଚିତ। ଯଦି ପାକିସ୍ତାନ କୌଣସି ଭୁଲ ପଦକ୍ଷେପ ନିଏ, ତେବେ ତା'ର ପରିଣତି ପାକିସ୍ତାନ ପାଇଁ ବହୁତ ଯନ୍ତ୍ରଣାଦାୟକ ହେବ ବୋଲି ଜୟସ୍ୱାଲ ଚେତାଇଛନ୍ତି। ସିନ୍ଧୁ ନଦୀ ଚୁକ୍ତିରୁ ଭାରତ ଓହରିଯିବା ପରେ ଗତ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନର ତିନି ଜଣ ନେତା ଭାରତ ବିରୋଧରେ ପରମାଣୁ ଆକ୍ରମଣ ଧମକ ଦେଇଥିଲେ। ଏମାନଙ୍କ ମଧ୍ୟରେ ପାକ୍ ସେନାମୁଖ୍ୟ ଆସିମ ମୁନୀର, ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଓ ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ସାମିଲ ରହିଛନ୍ତି।

ଯଦି ସିନ୍ଧୁ ନଦୀରେ ଭାରତ କୌଣସି ବନ୍ଧ ନିର୍ମାଣ କରେ ତେବେ ପାକିସ୍ତାନ ।।କ୍ଷେପଣାସ୍ତ୍ର ମାଡ କରି ତାକୁ ଧ୍ୱଂସ କରିଦେବ ବୋଲି ମୁନୀର ଧମକ ଦେଇଥିଲେ। ସେହିପରି ଭାରତ ସହ ଯୁଦ୍ଧ କରି ଆମେ ସବୁ ୬ଟି ନଦୀକୁ ଫେରାଇ ଆଣିବୁ ବୋଲି ବିଲାୱଲ କହିଥିଲେ। ଯଦି ଶତ୍ରୁ ପାଣି ରୋକେ ତେବେ ଆମେ ଏଭଳି ଶାସ୍ତି ଦେବୁ ଯେ, ତାହାକୁ ସାରା ଜୀବନ ଭୁଲି ପାରିବ ନାହିଁ ବୋଲି ଶାହବାଜ ସରିଫ କହିଥିଲେ। ସିନ୍ଧୁ ଚୁକ୍ତି ନେଇ ପାକିସ୍ତାନର ଦାବିକୁ ଜୟସ୍ୱାଲ ପ୍ରତ୍ୟାଖାନ କରିଛନ୍ତି। ପହଲଗାମ ଆକ୍ରମଣ ସହିତ ସୀମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ କାର୍ଯ୍ୟକଳାପ ଜବାବରେ ଭାରତ ସିନ୍ଧୁ ଚୁକ୍ତିକୁ ସ୍ଥଗିତ ରଖିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୨୫ ଜୁନ୍ ୨୭ରେ ଏକ ପ୍ରେସ ବିବୃତି ।।ରେ ଭାରତ ଏନେଇ ସ୍ପଷ୍ଟ କରିଥିଲା ବୋଲି ସେ କହିଛନ୍ତି।

# ଅପରେସନ ସିନ୍ଦୂରରେ ପାକିସ୍ତାନକୁ ଧୂଳି ଚଟାଇଥିବା ୯ ପାଇଲଟଙ୍କୁ ବୀର ଚକ୍ର

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ଅପରେସନ ସିନ୍ଦୂରରେ ସାହସିକତା ପ୍ରଦର୍ଶନ କରିଥିବା ସଶସ୍ତ୍ର ବଳର ୮୬ ଜଣ ଯବାନଙ୍କୁ ଗାଲଣ୍ଟ୍ରି ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ବାୟୁସେନାର ୫୨ ଜଣ ଯବାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରାଯିବ। ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଏହା ଘୋଷଣା କରାଯାଇଛି। ଅପରେସନ ସିନ୍ଦୂରରେ ପାକିସ୍ତାନକୁ ଧୂଳି ଚଟାଇଥିବା ବାୟୁସେନାର ୯ ଜଣ ପାଇଲଟଙ୍କୁ ବୀରଚକ୍ର ପୁରସ୍କାର ପ୍ରଦାନ କରାଯିବ। ଅପରେସନ ସିନ୍ଦୂରରେ ପାକିସ୍ତାନର ଆତଙ୍କୀ ଠିକଣାକୁ ଧ୍ୱଂସ କରିଥିବା ପାଇଲଟ ଏଥିରେ ସାମିଲ ରହିଛନ୍ତି। ପରମବୀର ଚକ୍ର ଓ ମହାବୀର ଚକ୍ର ପରେ ବୀର ଚକ୍ରଙ୍କୁ ତୃତୀୟ ସ ।।ର୍ବୋଚ୍ଚ ସାମରିକ ପୁରସ୍କାର ରୂପେ ବିବେଚନା କରାଯାଇଥାଏ। ଅପରେସନ ସିନ୍ଦୂର ପାଇଁ ଭାରତୀୟ ବାୟୁ ସେନାର ୱିଙ୍ଗ କମାଣ୍ଡର ଅଭିମନ୍ୟୁ ସିଂଙ୍କୁ ସୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯାଇଛି। ସେହିପରି ୯ ଜଣ ରଞ୍ଜିତ ସିଂ



ସିଦ୍ଧୁ, ମନୀଷ ଅରୋଡା, ଅନିମେଷ ପାଟନୀ, କୃଣାଳ କାଲରା (ସମସ୍ତେ ଗ୍ରୁପ୍ କ୍ୟାପଟେନ), ସାର୍ଥକ କୁମାର, ସିଦ୍ଧାନ୍ତ ସିଂ, ରିଜୱାନ ମଲିକ (ସମସ୍ତେ ସ୍କ୍ୱାଡ୍ରନ ଲିଡର) ଏବଂ ଫ୍ଲାଇଟ୍ ଲେପଟନାଣ୍ଟ ଅର୍ଶବୀର ସିଂ ଠାକୁରଙ୍କୁ ବୀର ଚକ୍ର ପ୍ରଦାନ କରାଯାଇଛି।

ସଶସ୍ତ୍ର ବଳର ୭ ଜଣ ଅଧିକାରୀଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ବାୟୁସେନାର ୩ ଓ ସେନାର ୨ ଓ ନୌସେନାର ଜଣେ ଅଧିକାରୀ ସାମିଲ ରହିଛନ୍ତି। ଏହାପୂର୍ବରୁ ଏହି ପୁରସ୍କାର କାରିଗିଲ ଯୁଦ୍ଧ ସମୟରେ ଶେଷଥର ପାଇଁ ଦିଆଯାଇଥିଲା। ସେହିପରି ଭାରତୀୟ ସେନାର ୧୮ ଜଣ ଯବାନଙ୍କୁ ବୀରତା ମେଡାଲରେ ସମ୍ମାନିତ କରାଯାଇଛି। ଦୁଇଜଣ ବରିଷ୍ଠ ସେନା ଅଧିକାରୀଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକରେ ମଧ୍ୟ ସମ୍ମାନିତ କରାଯାଇଛି। ସେହିପରି ୪ କୀର୍ତ୍ତି ଚକ୍ର, ୪ ବୀର ଚକ୍ର ଓ ୮ ସୌର୍ଯ୍ୟ ଚକ୍ର ପୁରସ୍କର ମଧ୍ୟ ଭାରତୀୟ ସେନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ବିଏସ୍‌ଏଫ୍‌ର ୧୬ ଯବାନଙ୍କୁ ବୀରତା ମେଡାଲରେ ସମ୍ମାନିତ କରାଯାଇଛି।

## ଜମ୍ମୁ-କଶ୍ମୀରକୁ ପୁଣିଥରେ ରାଜ୍ୟର ମର୍ଯ୍ୟାଦା ଦେବା ମାମଲା

# କେନ୍ଦ୍ରଠାରୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଫେରାଇବା ଦାବିରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। କେନ୍ଦ୍ର ସରକାରଙ୍କୁ ୮ ସପ୍ତାହ ମଧ୍ୟରେ ଏ ନେଇ ଲିଖିତ ଭାବେ ଉତ୍ତର ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲରେ ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କଥା ମଧ୍ୟ କୋର୍ଟ ଉଲ୍ଲେଖ କରିଛନ୍ତି। ଏଭଳି ଆକ୍ରମଣକୁ ଅଣଦେଖା କରିହେବନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ବିଆର ଗଭାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କୁ ଗଠିତ ଖଣ୍ଡପୀଠ ଏହାକୁ ଚନ୍ତାଜନକ ବୋଲି କହିଛନ୍ତି। ଜମ୍ମୁ-କଶ୍ମୀରରେ ତୃଣମୂଳ ସ୍ତରରେ ଥିବା ସମସ୍ୟା, ବାସ୍ତବ ସ୍ଥିତି ଓ ପହଲଗାମ ଭଳି ଆତଙ୍କବାଦୀ ଘଟଣାକୁ ଆଦୌ ଅଣଦେଖା କରିହେବ ନାହିଁ ବୋଲି ଶୁଣାଣି ବେଳେ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଉଲ୍ଲେଖଥାଉ କି ୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ୩୭୦ ଧାରାକୁ ଉଚ୍ଛେଦ କରାଯାଇଥିଲା। ଏହାପରେ କେନ୍ଦ୍ର ସରକାର ଜାମ୍ମୁ-କଶ୍ମୀରକୁ ଏକ କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରିଥିଲେ। ଏହା ବିରୋଧରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ତେବେ ୨୦୨୩ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଠିକ୍ ବୋଲି କହିଥିଲେ। ସେତେବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଦେବାକୁ ଅଶ୍ୱାସନା ଦେଇଥିଲେ। ତେବେ ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଦେବାକୁ କୋର୍ଟ କୌଣସି ସମୟସୀମା ଧାର୍ଯ୍ୟ କରିନଥିଲେ।

ଜମ୍ମୁ-କଶ୍ମୀର ସ୍ଥିତିକୁ ବିଚାର କଲେ ବର୍ତ୍ତମାନ ଏନେଇ କୌଣସି କଥା ଉଠାଯିବା କଥା ନୁ ।।ହେଁ। ଆମେ ସବୁ କଥା ମାନିବୁ ଓ ଏଥିପାଇଁ ୮ ସପ୍ତାହ ସମୟ ଦିଆଯାଉ ବୋଲି ତୁଷାର କୋର୍ଟଙ୍କୁ କହିଥିଲେ। ଆଠ ସପ୍ତାହ ପରେ ଏ ନେଇ ଶୁଣାଣି ହେବ। ୩୭୦ ଧାରା ହଟାଯିବା ପରେ ଜମ୍ମୁ-କଶ୍ମୀରରେ ୨୦୨୪ ସେପ୍ଟେମ୍ବରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୩ଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନ ଫଳାଫଳ ଅକ୍ଟୋବର ୮ରେ ପ୍ରକାଶିତ ହୋଇଥିଲା। କିନ୍ତୁ ରାଜ୍ୟର ମର୍ଯ୍ୟାଦା ନ ମିଳିବା ପର୍ଯ୍ୟନ୍ତ ନିର୍ବାଚିତ ସରକାରଙ୍କ ମହତ୍ତ୍ୱ ପ୍ରାୟ ନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଯୁକ୍ତି କରାଯାଇଥିଲା।

# ପୁତିନଙ୍କୁ ପୁଣି ଧମକ ଦେଲେ ଟ୍ରମ୍ପ



## ଯୁଦ୍ଧ ବନ୍ଦ ନକଲେ ପରିଣତି ଭୟଙ୍କର ହେବ

ୱାଶିଂଟନ, ୧୪।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ପୁଣି ଧମକ ଦେଇଛନ୍ତି। କହିଛନ୍ତି ଯେ ଶୁକ୍ରବାର ଆଲାସ୍କାରେ ପୁତିନଙ୍କ ସହିତ ହେବାକୁ ଥିବା ଶିଖର ବୈଠକ ବିଫଳ ହେଲେ ରୁଷକୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ।

ଟ୍ରମ୍ପ କହିଛନ୍ତି ଯେ ୟୁକ୍ରେନରେ ଯୁଦ୍ଧ ସମାପ୍ତ ପାଇଁ ସେ ପୁତିନଙ୍କୁ ବୁଝାଇବେ। ଯୁଦ୍ଧ ଶେଷ କରିବାକୁ ପୁତିନ ରାଜି ନହେଲେ ତାଙ୍କୁ ଗମ୍ଭୀର ପରିଣତି ଭୋଗିବାକୁ ହେବ। ଅଗଷ୍ଟ ୧୫ ଅର୍ଥାତ ଶୁକ୍ରବାର ଟ୍ରମ୍ପ ଓ ପୁତିନ ଆଲାସ୍କାରେ ଶିଖର ବୈଠକ କରିବେ। ୟୁକ୍ରେନରେ ଗତ ସାଢ଼େ ୩ ବର୍ଷ ହେବ ଚାଲିଥିବା ଯୁଦ୍ଧକୁ ରୋକିବା ହେଉଛି ଏହି ବୈଠକର ମୂଳ ଲକ୍ଷ୍ୟ। ଦୁଇ ନେତା ପ୍ରଥମଥର ପାଇଁ ଆମେରିକା ମାଟିରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ପୂର୍ବରୁ ବୁଧବାର ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି ଓ ଅନ୍ୟ ୟୁରୋପୀୟ ନେତାଙ୍କ ସହ ଆଭାସୀ ବୈଠକରେ ମିଳିତ ହୋଇଥିଲେ। ଯୁଦ୍ଧ ଶେଷ କରିବାକୁ ହେଲେ ଦୁଇ ଦେଶକୁ ଜମି ଅଦଳବଦଳ କରିବାକୁ ହେବ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ଏଥିରେ ୟୁକ୍ରେନ କ୍ଷତିଗ୍ରସ୍ତ ହେବ ବୋଲି ୟୁରୋପୀୟ ନେତାମାନେ ଟ୍ରମ୍ପଙ୍କୁ ଅବଗତ କରାଇଥିଲେ। ଅପରପକ୍ଷରେ ଯୁଦ୍ଧ ଶେଷ କରିବାକୁ ନିଜ ଦେଶର ଜମି ଛାଡିବାକୁ ଜେଲେଁସ୍କି ମନା କରି ଦେଇଛନ୍ତି। ତେଣୁ ଆଲାସ୍କା ବୈଠକ ଉପରେ ଏବେ ସାରା ବିଶ୍ୱର ନଜର ରହିଛି ଓ ଏହି ବୈଠକ ଫଳାଫଳ କ'ଣ ହେବ ସେ ନେଇ ବିଭିନ୍ନ ଆକଳନ କରାଯାଉଛି। ପୁଣି ଯଦି ଟ୍ରମ୍ପ ଓ ପୁତିନଙ୍କ ମଧ୍ୟରେ ଏହି ବୈଠକ ବିଫଳ ହୁଏ, ତେବେ ଭାରତ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। ଭାରତ ଉପରେ ଆହୁରି ଶୁଳ୍କ ଲାଗୁ କରାଯିବ ବୋଲି ଆମେରିକାର ଅର୍ଥ ସଚିବ ସ୍କଟ ବେସେଣ୍ଟ କହିଛନ୍ତି। ରୁଷିଆଠାରୁ ଭାରତ ତୈଳ କ୍ରୟ କରୁଥିବାରୁ ଆମେରିକାର ପୂର୍ବରୁ ୨୫ ଓ ପରେ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା। ତେଣୁ ଆଲସ୍କା ବୈଠକ ସଫଳତା ଉପରେ ସବୁ କିଛି ନିର୍ଭର କରୁଛି।

## ବିଧାୟିକା ପୂଜା ପାଲଙ୍କୁ ପାର୍ଟିରୁ ବହିଷ୍କାର କଲେ ଅଖିଳେଶ


# ଯୋଗୀଙ୍କୁ ପ୍ରଶଂସା କରିବା ମହଙ୍ଗା ପଡ଼ିଲା



ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବ ବିଧାୟିକା ପୂଜା ପାଲଙ୍କୁ ପାର୍ଟିରୁ ଗୁରୁବାର ବହିଷ୍କାର କରିଛନ୍ତି। ତାଙ୍କ ସ୍ୱାମୀ ରାଜୁ ପାଲଙ୍କୁ ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦ ହତ୍ୟା କରିଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ହତ୍ୟାକାଣ୍ଡ ପାଇଁ ତାଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି ବୋଲି ପୂଜା ବିଧାନସଭାରେ କହିଥିଲେ। ଅପରାଧୀଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଯୋଗୁଁ ଏହା ସମ୍ଭବ ହୋଇଥିଲା ବୋଲି ସେ କହିଥିଲେ।

ଦଳୀୟ ବିଚାରଧାରା ବିରୋଧରେ ଯାଇ ବିଧାୟିକା ପୂଜା ହିଂସା ପାଇଁ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିଥିବାରୁ ତାଙ୍କୁ ପାର୍ଟିରୁ ବହିଷ୍କାର କରିଛନ୍ତି ଦଳର ସୁପ୍ରିମୋ ଅଖିଳେଶ ଯାଦବ। ବିଧାୟିକା ପୂଜା ପାଲ ହେଉଛନ୍ତି ରାଜୁ ପାଲଙ୍କ ପତ୍ନୀ। ୨୦୦୫ରେ ଅତିକ ରାଜୁ ପାଲଙ୍କୁ ହତ୍ୟା କରିଥିଲା। ପରେ ଅତିକ ଓ ତା ଭାଇ ଆଶ୍ରଫଙ୍କୁ ପୁଲିସ ଉପସ୍ଥିତିରେ ହତ୍ୟା କରାଯାଇଥିଲା। ଏଥିପାଇଁ ପୂଜା ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ। 'ମୋତେ ଯାହା ଠିକ୍ ଲାଗିଲା ତାହା ହିଁ କହିଛି। ମୁଁ ସମାଜବାଦୀ ପାର୍ଟିର କିମ୍ବା ଅଖିଳେଶଙ୍କ ନାମ ନେଇ ନଥିଲି। ମୁଁ କେବଳ ଅତିକ ଅହମ୍ମଦର ନାଁ ନେଇଥିଲି ଓ ଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲି। ତେଣୁ କୌଣସି ଅପରାଧ କରିନାହିଁ ବୋଲି ପୂଜା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। କିନ୍ତୁ ତାଙ୍କ ମନ୍ତବ୍ୟର ନିନ୍ଦ କରିଛି ସମାଜବାଦୀ ପାର୍ଟି।

# 'ବୁଲା କୁକୁର ମାମଲାରେ ନିୟମର ପାଳନ ହେଉନି'



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବୁଲା କୁକୁର ମାମଲାରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟ୍ଟା ଓ ଜଷ୍ଟିସ୍ ଏନ୍‌ବି ଅଞ୍ଜାରିଆଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଏହି ମମାଲାରେ ସବୁ ପକ୍ଷରୁ ଦଲିଲ ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। କୋର୍ଟ କହିଛନ୍ତି ଯେ ନିୟମ ପ୍ରସ୍ତୁତ ହେଉଛି, କିନ୍ତୁ ପ୍ରଶାସନ ଏହା ପାଳନ କରୁନାହିଁ।

ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଦଲିଲ ଦେଇ କହିଥିଲେ ଯେ, ଏଭଳି ମାଂସାହାରୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜକୁ ପଶୁପ୍ରେମୀ ଭାବେ ଉପସ୍ଥାପନ କରୁଛନ୍ତି। ଅନ୍ୟପଟେ ବରିଷ୍ଠ ଓକିଲ କପିଲ ସିବଲ ମାମଲାର ସମାଧାନ ହେଉ ବୋଲି କହିଥିଲେ। ଦିଲ୍ଲୀ- ଏନ୍‌ସିଆର ସବୁ ବୁଲା କୁକୁରଙ୍କୁ ଏକାଠି କରି ଏକ ଆଶ୍ରୟସ୍ଥଳୀରେ ରଖିବା ଏବେ ସମ୍ଭବ ନୁହଁ। କାରଣ ବର୍ତ୍ତମାନ ଏଭଳି ଆଶ୍ରୟସ୍ଥଳୀ ନାହିଁ ବୋଲି ସିବଲ କହିଥିଲେ।

ସମସ୍ତ ବୁଲା କୁକୁରଙ୍କୁ ଉଠାଇ ଆଣି ଆଶ୍ରୟସ୍ଥଳୀରେ ରଖିବା ସହ ବନ୍ଧ୍ୟାକରଣ କରିବାକୁ ସୋମବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଓ ଏ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେ ।।ବେ ବିବାଦ ହେବା ପରେ ଗୁରୁବାର ଏହି ୩ ଜଣ ବିଚାରପତିଙ୍କୁ ନେଇ ଗଠିତ ଏହି ଖଣ୍ଡପୀଠ ଶୁଣାଣି କରିଥିଲେ। କିଛି ଲୋକ ଦିଲ୍ଲୀ-ଏନ୍‌ସିଆର ରାସ୍ତାଗୁଡିକୁ କୁକୁରମୁକ୍ତ କରିବା ନିର୍ଦ୍ଦେଶକୁ ସ୍ୱାଗତ କରିଥିବା ବେଳେ ଆଉ କେତେକ ଏହାର ବିରୋଧ କରିଥିଲେ। ଏହାଦ୍ୱାରା ମଣିଷ ଓ କୁକୁର ମଧ୍ୟରେ ସଂଘର୍ଷ ଉଗ୍ରରୂପ ନେବ ବୋଲି ସେମାନେ ଯୁକ୍ତି କରିଥିଲେ।

# ଭାରତ-ଅଷ୍ଟ୍ରେଲିଆ ହକି ସିରିଜ ଆଜିଠୁ



ପର୍ଥ, ୧୪।୮ (ଏଜେନ୍ସି):

ଘରୋଇ ଅଷ୍ଟ୍ରେଲିଆ ଓ ଭାରତୀୟ ପୁରୁଷ ହକି ଦଳ ମଧ୍ୟରେ ଶୁକ୍ରବାରଠାରୁ ୪ ମ୍ୟାଚ୍‌ବିଶିଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ସିରିଜର ସମସ୍ତ ମ୍ୟାଚ୍ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଅଗଷ୍ଟ ୧୬, ୧୯ ଓ ୨୧ ତାରିଖରେ ପରବର୍ତ୍ତୀ ୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗରେ ୮ମ ସ୍ଥାନରେ ରହିଛି। ସେହିଭଳି ଘରୋଇ ଅଷ୍ଟ୍ରେଲିଆ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ଥିବାରୁ ଏହି ସିରିଜ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଅଗଷ୍ଟ ୨୯ରୁ ବିହାରରେ ଏସିଆ କପ୍ ହକି ଖେଳାଯିବ। ତେଣୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଭାରତୀୟ ଦଳ ଲାଗି ଏକ ଭଲ ପ୍ରସ୍ତୁତି ସଦୃଶ ହେବ ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ ଫୁଲଟନ୍ କହିଛନ୍ତି।

ନିକଟରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଉଭୟ ଦଳ ପରସ୍ପର ବିପକ୍ଷରେ ଦୁଇଥର ଖେଳିଥିଲେ। ଉଭୟ ମ୍ୟାଚରେ ଅଷ୍ଟ୍ରେଲିଆ ୩-୨ ଗୋଲରେ ବିଜୟୀ ହୋଇଥିଲା। କିନ୍ତୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ୩-୨ ଗୋଲରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା। ୧୯୭୨ ମ୍ୟୁନିକ ଗେମ୍ସ ପରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହା ପ୍ରଥମ ବିଜୟ ଥିଲା। ୨୦୧୩ ପରଠାରୁ ଯଦି ଦୁଇ ଦଳର ରେକର୍ଡ ଉପରେ ନଜର ପକାଇବା ତେବେ ଅଷ୍ଟ୍ରେଲିଆର ପଲା ଭାରି ରହିଛି। ଗତ ୧୨ ବର୍ଷ ମଧ୍ୟରେ ଦୁଇ ଦଳ ୫୧ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ସେଥିମଧ୍ୟରୁ ୩୫ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ସିରିଜ ଲାଗି ଘୋଷିତ ୨୪ ଜଣିଆ ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା।

**ଭାରତୀୟ ଦଳ**


**ଗୋଲରକ୍ଷକ:** କ୍ରିଷାନ ବାହାଦୂର ପାଠକ, ସୂରଜ କେରକେରା

**ଡିଫେଣ୍ଡର:** ସୁମିତ, ଜରମନପ୍ରୀତ୍ ସିଂହ, ହରମନପ୍ରୀତ୍ ସିଂହ (ଅଧିନାୟକ), ସଞ୍ଜୟ, ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ, ଯୁଗରାଜ ସିଂହ, ସିବି ପୁଭାନ୍ନା।

**ମିଡ୍‌ଫିଲ୍ଡର:** ରାଜିନ୍ଦର ସିଂହ, ରାଜ କୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ରନ ସିଂ ମୋଇରଙ୍ଗଥେମ, ବିଷ୍ଣୁ କାନ୍ତ ସିଂ।

**ଫରୱାର୍ଡ:** ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ, ଦିଲପ୍ରୀତ୍ ସିଂହ, ସେଲଭାମ କାର୍ଥି ଓ ଆଦିତ୍ୟ ଲାଲାଗେ।

# ଲିଆଣ୍ଡରଙ୍କ ପିତା ଅଲିମ୍ପିଆନ ଭେସ୍ ପେସ୍‌ଙ୍କ ବିୟୋଗ



କୋଲକାତା, ୧୪।୮: ଭାରତର ମହାନ ଟେନିସ ଖେଳାଳି ଲିଆଣ୍ଡର ପେସ୍‌ଙ୍କ ପିତା ତଥା ଅଲିମ୍ପିକ ପଦକ ବିଜେତା ଭେସ୍ ପେସଙ୍କ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଭେସ୍ କିଛିଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାନରେ ଗୁରୁବାର ସକାଳେ କୋଲକାତାର ଏକ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

ଭେସ୍ ୧୯୪୫ ମସିହା ଏପ୍ରିଲ ୩୦ରେ ଗୋଆରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରାରେ ବହୁ ପ୍ରତିଭାର ଅଧିକାରୀ ଥିଲେ। ୧୯୬୬ରେ କୋଲକାତାର ପ୍ରେସିଡେନ୍ସି କଲେଜରେ ମେଡିକାଲ ପଢୁଥିବାବେଳେ ଭେସ୍ ଭାରତୀୟ ହକି ଦଳରେ ଖେଳିବାର ସୁଯୋଗ ପାଇଥିଲେ। ହମବର୍ଗ ଇଣ୍ଟରନ୍ୟାସନାଲ କପ୍ ଖେଳି ସେ ଜାତୀୟ ହକି ଦଳରୁ ପଦାର୍ପଣ କରିଥିଲେ। ମଧ୍ୟକ୍ରମରେ ଜଣେ ଦକ୍ଷ ଖେଳାଳି ଥିବା ଭେସ୍ ୧୯୭୧ରେ ବାର୍ସିଲୋନାରେ ଅନୁଷ୍ଠିତ ହକି ବିଶ୍ୱକପ୍ ଖେଳିଥିଲେ। ଏହି ବିଶ୍ୱକପ୍‌ରେ ଭାରତ କାଂସ୍ୟ ପଦକ ଜିତିଥିଲା। ଏହା ପରବର୍ଷ ମ୍ୟୁନିକ ଅଲିମ୍ପିକ୍ସରେ କାଂସ୍ୟ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ଥିଲେ। ଏହାବାଦ୍ ସେ କ୍ରିକେଟ୍, ଫୁଟବଲ ଓ ରଗବୀରେ ଡିଭିଜନ ଲେଭଲ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ସ୍ପୋର୍ଟ୍ସ ମେଡିସନରେ ଜଣେ ସାର୍ଟିଫାଏଡ୍ ଡାକ୍ତର ଥିଲେ। ଏସିଆନ କ୍ରିକେଟ କାଉନସିଲ ଓ ବିସିସିଆଇର ଆଣ୍ଟି-ଡୋପିଂ ପ୍ରୋଗ୍ରାମରେ ମଧ୍ୟ ଭେସ୍ କାମ କରିଥିଲେ। ସେହିଭଳି ୧୯୯୬ରୁ ୨୦୦୨ ପର୍ଯ୍ୟନ୍ତ ଭାରତୀୟ ରଗବୀ ଫୁଟବଲ ୟୁନିୟନର ସେ ସଭାପତି ଭାବେ ଦାୟିତ୍ୱରେ ରହିଥିଲେ। କଲକତା କ୍ରିକେଟ୍ ଓ ଫୁଟବଲ କ୍ଲବର ସଭାପତି ଭାବେ ମଧ୍ୟ କିଛି ବର୍ଷ ଦାୟିତ୍ୱ ତୁଲାଇଥିଲେ। ଭେସ୍ ଜେନିଫର ପେସ୍‌ଙ୍କୁ ବିବାହ କରିଥିଲେ। ଜେନିଫର୍ ଭାରତୀୟ ମହିଳା ବାସ୍କେଟବଲ୍ ଦଳର ଅଧିନାୟିକା ଥିଲେ। ତାଙ୍କ ପୁଅ ଲିଆଣ୍ଡର ପେସ୍ ଭାରତୀୟ ଟେନିସର ଜଣେ ମହାନ ଖେଳାଳି।

**ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର**

## ବିକ୍ରି ହେବେ ଭେନ୍ୟୁ ନେମିଂ ରାଇଟ୍

ଲସ୍ ଏଞ୍ଜେଲ୍ସ,୧୪।୮(ଏଜେନ୍ସି): ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ଭେନ୍ୟୁ ନେମିଂ ରାଇଟ୍ ଅର୍ଥାତ କ୍ରୀଡ଼ା ଆୟୋଜନସ୍ଥଳର ନାମକରଣ ଅଧିକାର ବିକ୍ରି ହେବ। ଆମେରିକାର ଲସ୍ ଏଞ୍ଜେଲ୍ସରେ ୨୦୨୮ରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ଏହି ଅଧିକାର ବିକ୍ରି କରିବାକୁ ଆୟୋଜକମାନେ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବିପୁଳ ପରିମାଣରେ ଅର୍ଥ ଉପାର୍ଜନ ହେବ। ଏହି ଲକ୍ଷ୍ୟରେ ହିଁ ପ୍ରଥମଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହାକୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ମଧ୍ୟ ସମର୍ଥନ ଜଣାଇଛି। ଏହିକ୍ରମରେ 'କମକାଷ୍ଟ' ଓ 'ହୋଣ୍ଡା' ଭଳି କମ୍ପାନୀ ପ୍ରାରମ୍ଭିକ ଦୁଇଟି ଭେନ୍ୟୁର ନାମକରଣ ଅଧିକାର ହାସଲ କରିଛନ୍ତି। ଆଗକୁ ଆହୁରି କେତୋଟି କର୍ପୋରେଟ୍ ହାଉସ୍ ମଧ୍ୟ ଏହି ନାକମରଣ ଅଧିକାର ହାସଲ କରିବେ ବୋଲି ଆଶା କରାଯାଉଛି। ଏହି ପ୍ରକ୍ରିୟାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବାରୁ ଆଇଓସିକୁ ଆୟୋଜକମାନେ କୃତଜ୍ଞତା ଜଣାଇଛନ୍ତି।




# ଆଜି କିସ୍‌ର ୩ ଖୋ ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୪।୮ (ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଲାଲ୍ କିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱକପ୍ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳକୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ବର୍ଦ୍ଧିତ ହେବାକୁ ଥିବା ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ୩ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ପବନୀ ଶବର, ଶୁଭଶ୍ରୀ ସିଂ ଓ ମଗାଇ ମାଝୀ। ଏହି ଅବସରରେ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ ହେବାକୁ ଥିବା ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ଦୁଇ ମହାରାଷ୍ଟ୍ର ଖେଳାଳି ପ୍ରତୀକ ୱାଇକର ଓ ପ୍ରିୟଙ୍କା ଇଙ୍ଗଲେ ଯଥାକ୍ରମେ ଭାରତୀୟ ପୁରୁଷ ଓ ମହିଳା ଦଳର ନେତୃତ୍ୱ ନେଉଥିଲେ।

**ସିନ୍‌ସିନ୍ନାଟି ଓପନ**

## କ୍ୱାର୍ଟରରେ ସିନ୍ନର, ସାବାଲେଙ୍କା

ନ୍ୟୁୟର୍କ, ୧୪।୮ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଜାନ୍ନିକ ସିନ୍ନର ଓ ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ସିନ୍‌ସିନ୍ନାଟି ଓପନ୍‌ର କ୍ୱାର୍ଟର ଫାଇନାଲରେ



ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସିନ୍ନର ୬-୪, ୭-୬ (୭/୪) ସେଟରେ ଆଡ୍ରିଆନ ମାନ୍ନାରିନୋଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ସିନ୍ନରଙ୍କ ମୁକାବିଲା କାନାଡାର ଫେଲିକ୍ସ ଆଗର ଆଲିଆସିମେଙ୍କ ସହ ହେବ। ସେହିଭଳି ୨ୟ ସିଡ୍ ତଥା ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ୬-୧, ୬-୪ ସିଧାସଳଖ ସେଟ୍‌ରେ ଇଟାଲୀର ଲୁକା ନାର୍ଦ୍ଦିଙ୍କୁ ମାତ୍ ଦେଇ ରାଉଣ୍ଡ-୮ ରେ ପହଞ୍ଚିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଟପ୍ ସିଡ୍ ସାବାଲେଙ୍କା ୬-୧, ୭-୫ ସେଟ୍‌ରେ ସ୍ପେନର ଜେସିକା ବୌଜାସ ମାନେଇରୋ ହରାଇଥିଲେ। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ସାବାଲେଙ୍କା କାଜାଖସ୍ତାନର ଏଲିନା ରିବାକିନାଙ୍କୁ ଭେଟିବେ।





**ପୁରୀରେ ଟି-୧୦ ଟେନିସ୍ ବଲ୍ କ୍ରିକେଟ**


# ସିଂହଦ୍ୱାରରେ ଟ୍ରଫି ଓ ବ୍ରୋଚର ଉନ୍ମୋଚନ

ପୁରୀ,୧୪।୮ (ସମିସ): ସର୍ବଭାରତୀୟ ଟି-୧୦ ଟେନିସ ବଲ୍ କ୍ରିକେଟ ଚାମ୍ପିଅନସିପ୍‌ର ୩ୟ ସଂସ୍କରଣ ସେପ୍ଟେମ୍ବର ୧୧ରୁ ପୁରୀରେ ଆରମ୍ଭ ହେବ। ଗୁରୁବାର ଏହାର ବ୍ରୋଚର ଉନ୍ମୋଚନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ପ୍ରଧାନ। ସିଂହଦ୍ୱାରରେ ସେବକମାନଙ୍କ ଉପସ୍ଥିତିରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ମଧ୍ୟ ଉନ୍ମୋଚିତ ହୋଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ପ୍ରତିଯୋଗିତାର ଅଫିସିଆଲ୍ ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ଏହି ପ୍ରତିଯୋଗିତାରେ ୨୫ ରାଜ୍ୟର ୩୨ ଦଳ ଭାଗନେବେ। ଟି-୧୦ ଫର୍ମାଟ୍ ବା ୧୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ପୁରୀର ଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବ। ଟି-୧୦ ଟେନିସ ବଲ୍ କ୍ରିକେଟ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ତଥା ଶ୍ରୀମନ୍ଦିର ସେବକ ଭବାନୀ ଦାସ ମହାପାତ୍ର ଏହି ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଚାମ୍ପିଅନସିପ୍ ଉତ୍ତର ପ୍ରଦେଶ ଓ ଗୋଆରେ ଅନୁଷ୍ଠିତ ହୋଇସାରିଛି। ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୨ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଆୟୋଜକ ଓଡ଼ିଶା ଗ୍ରୁପ୍ 'ଏ'ରେ ପଶ୍ଚିମବଙ୍ଗ, ଆସାମ, ୟୁପି, ବିହାର ଦଳ ସ୍ଥାନ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ସେଲିବ୍ରିଟିମାନେ ପ୍ରଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS